

ବ୍ୟଙ୍ଗ ପ୍ରମାଦ

ବାଇଶି ପାହାଚେ ଖସିଗଲା
ତୁମ ଟାହିଆ
ପହଣ୍ଡି ବିଜେରେ ବିଭ୍ରାଟ ଦେଖି
ଭକ୍ତ ହେଲେଣି ବାଇଆ।
ପ୍ରଶାସନ କହେ ଏହା
ଲୀଳାମୟଙ୍କ ମାୟା,
ତ୍ରୁଟି ପରେ ତ୍ରୁଟି କିଏ ଦେବ ଦୃଷ୍ଟି
ସରକାର ଏବେ ଛାନିଆ।
ଶାସନ ଗାଦିରେ ବସିଛି ମୋହନ,
ପାଟି ଖୋଲୁ ନାହିଁ କିଆଁ।
ଭକ୍ତ ଭିତରେ ତିବ୍ର ଅସନ୍ତୋଷ
କୁହୁଳୁଛି ଏବେ ନିଆଁ।

# ଜନବାର୍ତ୍ତା

ସାଭିମାନୀ ଓଡ଼ିଆଙ୍କ ସର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା • ସାଭିମାନୀ ଓଡ଼ିଆଙ୍କ ସର •

Follow Us : Our Digital News Channel
: Janabartta Live
www.janabartta.com
epaper.janabartta.com

19 JULY to 25 JULY 2026
୧୯ ଜୁଲାଇ ଠାରୁ ୨୫ ଜୁଲାଇ, ୨୦୨୬

VOL- 1 • ISSUE- 22 ବର୍ଷ-୧ • ସଂଖ୍ୟା- ୨୨ | PRGI NO- ORORI/26/A0341. • WEEKLY EDITION | ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-


## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଫୁଟବଲ ବିଶ୍ୱକପ ଫାଇନାଲ ଆଜି । ଏଥିରେ ଯୋଗ ଦେଇଥିବା ୪୮ ଟି ଦେଶମାନଙ୍କ ମଧ୍ୟରେ ଭାରତ ସ୍ଥାନ ପାଇ ନାହିଁ । କାରଣ ଏଇ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମଧ୍ୟ ଆମେ ଯୋଗ୍ୟତା ପାଇ ପାରିନାହୁଁ। ଓଡ଼ିଶା କଥା ନ କହିଲେ ଭଲ । ଏହା ନୁହେଁ ଯେ, ଓଡ଼ିଶାର ଯୁବକ ଯୁବତୀମାନଙ୍କ ମଧ୍ୟରେ ଫୁଟବଲ ପ୍ରତି ଆଗ୍ରହ ନାହିଁ ବା ଆମ ରାଜ୍ୟରେ ପ୍ରତିଭା ନାହିଁ । ଗତ ସପ୍ତାହରେ ଆମେ ଆଲୋଚନା କରିଥିଲେ, କ୍ରୀଡ଼ା ପାଇଁ ଆମେ କ'ଣ କରିପାରିବା ?

ପ୍ରଥମେ ଭିତ୍ତିଭୂମି ପର୍ଯ୍ୟାପ୍ତ ପରିମାଣରେ ଗାଁ ଗାଁରେ ସୃଷ୍ଟି କରିବାକୁ ହେବ ଯେଭଳି କାବୋ ଭେରଦେରେ କରାଯାଇଛି । ଯଦି ସରକାରଙ୍କର ଏଥିପାଇଁ ଅର୍ଥ ନାହିଁ ତେବେ ଓଡ଼ିଶାର ସମ୍ପଦ ଦ୍ୱାରା ପୁଷ୍ଟିତ ପୁଞ୍ଜିପତିମାନଙ୍କୁ ଏହି ଦାୟିତ୍ୱ ଦିଆ ଯାଇପାରେ । ଉଦୀୟମାନ ଖେଳାଳୀମାନଙ୍କୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ, ଉପକରଣ ଓ ପ୍ରଶିକ୍ଷଣ ଦିଆ ଯାଇପାରେ। ବିଦ୍ୟାଳୟମାନଙ୍କରେ ଖେଳ ପ୍ରତି ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ବାପା-ମାଆମାନେ ନିଜ ପିଲାର ଖେଳ ପ୍ରତିଭାକୁ ବିକଶିତ ହେବାକୁ ପ୍ରୋତ୍ସାହନ ଦେବା ଉଚିତ । କିନ୍ତୁ ଏ ସବୁ ପଛରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ, 'ପାଠ ପଢ଼ିଲେ ଚାକିରି ମିଳିବ, ଖେଳିଲେ କ'ଣ ମିଳିବ ?' ଦିନେ ସ୍ୱର୍ଣ୍ଣ ପଦକ ଜିଣି ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଥିବା କ୍ରୀଡ଼ାବିତ ବଞ୍ଚିବା ପାଇଁ ବାର-ଦ୍ୱାର ଶୁଣ୍ଢୀ-ପିଣ୍ଡା ହେବାର ଅନେକ ନଜିର ଅଛି । ଏହି ସମସ୍ୟାର କେତେକ ସମାଧାନ ସୂତ୍ର ରହିଛି । ଆଜି ସେ ବିଷୟରେ ଆଲୋଚନା କରିବା ।



**ବିଜୟ କୁମାର ପଟ୍ଟନାୟକ**
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ଏକ ସମୟରେ କଟକରେ ଥିବା 'ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ'ର ଏକ ଫୁଟବଲ ଟିମ ଥିଲା । ଓଡ଼ିଶା ରାଜ୍ୟ ପାଇଁ ଖେଳୁଥିବା ପ୍ରମୁଖ ଖେଳାଳିମାନେ ପ୍ରେସ୍‌ରେ ଚାକିରି କରୁଥିଲେ । ସେହିଭଳି ଭାବରେ ପୁଲିସର ମଧ୍ୟ ନିଜସ୍ୱ ଟିମ ଥିଲା । ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ନିଜସ୍ୱ ହକି ଟିମ ଥିଲା । ସୁନାବେଡ଼ାରେ ଥିବା ଏଚ୍‌ଏଏଲ୍‌ର ଫୁଟବଲ ଟିମ ଥିଲା । ଆଜି ତାହା ନାହିଁ । ଗଭର୍ଣ୍ଣମେଣ୍ଟ ପ୍ରେସ୍ ମୁମୂର୍ଷୁ ଅବସ୍ଥାରେ । ସରକାରୀ ଉଦ୍ୟୋଗ ଗୁଡ଼ିକ କିଭଳି ଲାଭପ୍ରଦ ହେବେ ସେଥିପାଇଁ ସଦା ଚିନ୍ତିତ । ଲାଭ ବଢ଼ାଇବାକୁ ହେଲେ ଖର୍ଚ୍ଚ କମାଇବାକୁ ହେବ । ସେମାନଙ୍କ ପାଇଁ ଖେଳାଳିମାନେ ଏକ 'ଅନାବଶ୍ୟକ ଖର୍ଚ୍ଚ' । କାରଣ ସେମାନେ ଉଦ୍ୟୋଗ ଉପରେ ଗୋଟିଏ ଗୋଟିଏ ବୋଝ ।

ଏଇ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେଲେ ସର୍ବ ପ୍ରଥମେ ସରକାର ତାଙ୍କର ଖେଳ ନୀତିରେ ପରିବର୍ତ୍ତନ ଆଣିବାକୁ ହେବ । ଟ୍ରାଫିକ ପୁଲିସ ବାହିନୀରେ, ଅର୍ଦ୍ଧ ସାମରିକ ବାହିନୀରେ, ଅଗ୍ନିଶମ ବିଭାଗରେ ଏବଂ ସାଧାରଣ ପୁଲିସ ବାହିନୀରେ ଖେଳାଳୀମାନେ ଖୁବ ସହଜରେ ନିଯୁକ୍ତ ହୋଇ ପାରିବେ । ଉକ୍ତ ବିଭାଗମାନଙ୍କରେ ସେମାନେ ବୋଝ ନ ହୋଇ ଅତ୍ୟନ୍ତ ଉପଯୋଗୀ ହୋଇପାରିବେ । ତେବେ କେଉଁ ଖେଳ ଉପରେ ସରକାର ଗୁରୁତ୍ୱ ଦେବେ ଯେପରିକି ଓଡ଼ିଶା ସମଗ୍ର ଦେଶ ବା ଅନ୍ତର୍ଜାତୀୟ କ୍ଷେତ୍ରରେ ଏକ ପରିଚୟ ସୃଷ୍ଟି କରିପାରିବ ତାହା ସରକାରୀ ନୀତି ଉପରେ ନିର୍ଭର କରେ । ଭାରତୀୟ ହକି ଦଳର ସମସ୍ତ ଖର୍ଚ୍ଚ ବହନ କରିବା ବଦଳରେ ଓଡ଼ିଶା ସରକାର ହକି ଖେଳାଳୀମାନଙ୍କୁ ସରକାରୀ ଚାକିରି ଦେବା ଉଚିତ । ତାହା ହେଲେ ଉଦୀୟମାନ ଖେଳାଳୀମାନେ ହକି ଖେଳରେ ମନୋନିନେଶ କରିବା ପାଇଁ ପଛଘୁଞ୍ଚା ଦେବେ ନାହିଁ । ସେମାନଙ୍କର ପିତାମାତା ମଧ୍ୟ ଖେଳିବା ପାଇଁ ବାରଣ କରିବେ ନାହିଁ । ହକି ଭଳି ଆଉ ଗୋଟିଏ ଦୁଇଟି ଖେଳକୁ ମଧ୍ୟ ସରକାର ଖେଳ ନୀତିରେ ପ୍ରଶ୍ରୟ ଦେଇ ପାରନ୍ତି ଓ ଉକ୍ତ ଖେଳରେ ନିୟୋଜିତ ଖେଳାଳୀମାନଙ୍କୁ ଚାକିରିରେ ଅଗ୍ରାଧିକାର ଦେବା ଉଚିତ ।

ସୁଖର କଥା ଯେ, କିଟ ବିଶ୍ୱବିଦ୍ୟାଳୟ ରଗ୍‌ବୀ, ଖେଳକୁଦ ଇତ୍ୟାଦି କେତେକ ଖେଳରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଦେଉଛି ଓ ଉକ୍ତ ଖେଳାଳୀମାନେ ପଦକ ଅର୍ଜନ କରୁଛନ୍ତି । କିନ୍ତୁ ସେମାନଙ୍କର ଚେଷ୍ଟା ମଧ୍ୟ ସରକାରଙ୍କର ଖେଳନୀତିର ଅନୁବର୍ତ୍ତୀ ହେବା ଉଚିତ । ଯଦି ସରକାରଙ୍କର ଖେଳନୀତିରେ ଫୁଟବଲକୁ ପ୍ରାଧାନ୍ୟ ଦିଆଯାଏ ତେବେ କିଟ କର୍ତ୍ତୃପକ୍ଷ ମଧ୍ୟ ଫୁଟବଲକୁ ସମସ୍ତ ପ୍ରୋତ୍ସାହନ ଦେବା ଉଚିତ । କେବଳ କିଟ୍ ନୁହେଁ ଅନ୍ୟାନ୍ୟ ସଫଳ ଶିକ୍ଷାନୁଷ୍ଠାନମାନେ ଯଥା :- ସୋଆ, ସିଭିରମଣ ବିଶ୍ୱବିଦ୍ୟାଳୟ ଇତ୍ୟାଦି ମଧ୍ୟ କିଟ୍‌ର ଉଦାହରଣକୁ ଅନୁକରଣ କରିବା ଉଚିତ । ଯଦି ସଫଳ ଖଣି ବ୍ୟବସାୟୀ, ରପ୍ତାନିକାରୀ ଉଦ୍ୟୋଗୀ, ଶିଳ୍ପ ଅନୁଷ୍ଠାନ ଆଦି ସରକାରଙ୍କ ସହ ମିଳିତ ଭାବରେ କେତେକ ନିର୍ଦ୍ଦିଷ୍ଟ ଖେଳକୁ ସବୁ ପ୍ରକାରର ପ୍ରୋତ୍ସାହନ ଦିଅନ୍ତେ ଓ ଉକ୍ତ ଖେଳର ଖେଳାଳୀମାନଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା କରନ୍ତେ ତେବେ ଅତି ଅଳ୍ପ ଦିନରେ ଓଡ଼ିଶା ଖେଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରନ୍ତା । ଖେଳରେ ଉତ୍କର୍ଷ ପାଇଁ ଆଉ ଏକ ପ୍ରମୁଖ ବ୍ୟବସ୍ଥାର ଅବତାରଣା କରାଯାଇପାରେ । ତାହା ହେଲା 'କ୍ଲବ' ସଂସ୍କୃତି । ବିଶେଷ କରି ୟୁରୋପୀୟ ଓ ଆମେରିକୀୟ ଦେଶମାନଙ୍କରେ ଅନେକ ନାମଜାଦା କ୍ଲବ୍ ରହିଛି ଯଥା :- ରିୟାଲ ମାଡ୍ରିଦ, ବାର୍ସିଲୋନା, ମାଞ୍ଚେଷ୍ଟର ୟୁନାଇଟେଡ୍ ଇତ୍ୟାଦି । ପୃଥିବୀର ବିଖ୍ୟାତ ଖେଳାଳୀମାନେ ଏହି କ୍ଲବ୍‌ଗୁଡ଼ିକ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ସେମାନଙ୍କର ଫିସ୍ କୋଟି କୋଟି ଡଲାର । ସେହି କ୍ଲବ୍‌ଗୁଡ଼ିକର ମାଲିକମାନେ ହେଲେ ପୃଥିବୀର କେତେକ ବିଶିଷ୍ଟ ବ୍ୟବସାୟୀ । ଉକ୍ତ କ୍ଲବ୍‌ମାନଙ୍କରେ ଖେଳାଳୀମାନଙ୍କୁ ଉଚ୍ଚ ଦରମାପ୍ରାପ୍ତ କୋଚ୍‌ମାନେ ପ୍ରତିଦିନ ପ୍ରଶିକ୍ଷଣ ଦିଅନ୍ତି । ଖେଳାଳୀମାନଙ୍କ ମଧ୍ୟରେ ଏକ ଅଘୋଷିତ ପ୍ରତିଯୋଗିତା ଚାଲେ କ୍ଲବ ଦ୍ୱାରା ମନୋନୀତ ହେବାପାଇଁ । ଯେଉଁମାନେ କୌଣସି ଏକ ପ୍ରତିଷ୍ଠିତ କ୍ଲବ୍‌ରେ ସ୍ଥାନ ପାଆନ୍ତି ସେମାନେ ଏତେ ଅର୍ଥ ପାଆନ୍ତି ଯେ, ସେମାନଙ୍କର ଭବିଷ୍ୟତ ସବୁ ଦିନ ପାଇଁ ସୁରକ୍ଷିତ ହୋଇଯାଏ । କାବୋ ଭେରଦେ ଭଳି କ୍ଷୁଦ୍ର ଦେଶ ଫୁଟବଲରେ ଏତେ ପ୍ରତିଷ୍ଠା ଲାଭ କରିବାର ରହସ୍ୟ ହେଉଛି ଉକ୍ତ ଦେଶ ପାଇଁ ଖେଳୁଥିବା ଖେଳାଳୀମାନେ ୟୁରୋପୀୟ ବା ଆମେରିକୀୟ କ୍ଲବ୍‌ମାନଙ୍କରେ ନିୟମିତ ଭାବରେ ଖେଳନ୍ତି ।

ଗୋଟିଏ ସମୟରେ କୋଲକାତାରେ ମଧ୍ୟ ଏଭଳି କ୍ଲବ୍ ସଂସ୍କୃତି ଥିଲା । ମୋହନ ବାଗାନ, ଇଷ୍ଟ ବେଙ୍ଗଲ ଇତ୍ୟାଦି କ୍ଲବ୍‌ମାନଙ୍କର ନାମ ପାଠକମାନେ ମନେ ରଖିଥିବେ । ଦେଶର ଅନେକ ପ୍ରତିଷ୍ଠିତ ଖେଳାଳୀ ଉକ୍ତ କ୍ଲବ୍‌ମାନଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ । ଆଜି ଅବଶ୍ୟ ସେଗୁଡ଼ିକ ଇତିହାସର ଏକ ବିସ୍ମୃତ ପୃଷ୍ଠା ହୋଇଯାଇଛନ୍ତି । ବୋଧ ହୁଏ ସେହି କ୍ଲବ୍‌ଗୁଡ଼ିକ ଅର୍ଥାଭାବରୁ ଅବକ୍ଷୟମୁଖୀ ହୋଇଯାଇଥିଲେ । ଆଜି କିନ୍ତୁ ଭାରତରେ କୋଟିପତିମାନଙ୍କର ଅଭାବ ନାହିଁ । ପୁଣି ଥରେ କ୍ଲବ୍‌ଗୁଡ଼ିକର ଉତ୍‌ଥାନ କରିବାର ସମୟ ଆସିଛି ।

କ୍ରିକେଟ ଖେଳରେ ଆଇପିଏଲ୍ ସେଭଳି ଏକ କ୍ଷୁଦ୍ର ପ୍ରୟାସ । ଆଇପିଏଲ୍‌ରେ କେତେକ ପ୍ରତିଷ୍ଠିତ ଖେଳାଳିଙ୍କ ସହ କେତେକ ଉଦୀୟମାନ ଖେଳାଳିଙ୍କୁ ନିଲାମ ମାଧ୍ୟମରେ ଚୟନ କରାଯାଏ । ନିଲାମ ଧରନ୍ତି କେତେକ ପ୍ରତିଷ୍ଠିତ ଚିତ୍ରତାରକା ଓ ବ୍ୟବସାୟୀ । କିନ୍ତୁ ୟୁରୋପୀୟ କ୍ଲବ ଓ ଆଇପିଏଲ୍ କ୍ଲବ୍ ମଧ୍ୟରେ ଏକ ପାର୍ଥକ୍ୟ ରହିଛି । ବିଭିନ୍ନ ଦେଶର ପ୍ରତିଭାବାନ ଖେଳାଳିମାନେ ବିଦେଶୀ କ୍ଲବ୍‌ମାନଙ୍କରେ ଲମ୍ବା ସମୟ ପାଇଁ ଓ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଖେଳିବାର ସୁଯୋଗ ପାଆନ୍ତି । କିନ୍ତୁ ଆଇପିଏଲ୍‌ରେ ନିର୍ଦ୍ଦିଷ୍ଟ କେତୋଟି କ୍ଲବ୍‌ରେ ଖେଳାଳୀମାନେ ନିର୍ଦ୍ଦିଷ୍ଟ ଏକ ଟୁର୍ଣ୍ଣାମେଣ୍ଟ ପାଇଁ ସୀମିତ ସମୟ ଲାଗି ଚୁକ୍ତିବଦ୍ଧ ହୁଅନ୍ତି । ମୌଳିକ କ୍ରୀଡ଼ା ସମାଲୋଚକମାନେ ଆଇପିଏଲ୍‌ର ବ୍ୟାବସାୟିକ ଉଦ୍ଦେଶ୍ୟକୁ ପସନ୍ଦ କରନ୍ତି ନାହିଁ । ତଥାପି ଏହା ସ୍ୱୀକାର କରିବାକୁ ହେବ ଯେ, ଆଇପିଏଲ୍ ଫଳରେ ନୂଆ ନୂଆ ଖେଳାଳୀମାନେ ଲୋକଲୋଚନକୁ ଆସି ପାରୁଛନ୍ତି । ଅନ୍ୟାନ୍ୟ ଖେଳ ପ୍ରତି ଏହି ଚିନ୍ତାଧାରା ପ୍ରବାହିତ ହେଲେ ତାହା ନିଶ୍ଚିତ ଭାବରେ ଖେଳାଳୀମାନଙ୍କୁ ବାଟ ଦେଖାଇବ ।

### ଆମେ କିଭଳି କ୍ରୀଡ଼ାରେ ଉତ୍କର୍ଷ ଲାଭ କରି ପାରିବା ?

ଏ ସବୁ ସତ୍ତ୍ୱେ ଉପରିସ୍ଥ ସମସ୍ତ ସୁଯୋଗ କେତେକ ମୁଷ୍ଟିମେୟ ଖେଳାଳିଙ୍କ ପାଇଁ ଶୁଭଙ୍କର ହୋଇପାରେ । ଭାରତ ଭଳି ଏକ ବିଶାଳ ଦେଶରେ ତାହା ଯଥେଷ୍ଟ ନୁହେଁ । ଯଦି ମାତ୍ର ତିନି ଚାରୋଟି ଖେଳ ଉପରେ ଦୃଷ୍ଟି ନିକ୍ଷେପ କରାଯାଏ, ତେବେ ସେଥିରେ ହଜାର ହଜାର ଖେଳାଳି ବାହାରିବେ । ସେମାନଙ୍କ ପାଇଁ ଚାକିରି ଓ କ୍ଲବ ବ୍ୟବସ୍ଥା ଥିଲେ ନିଶ୍ଚୟ ତାହା ଆଲୋକବର୍ତ୍ତିକା ଭଳି କାମ ଦେବ, ଯେଭଳି କି ଆଇଆଇଟି ଗୁଡ଼ିକରେ ସ୍ଥାନ ସୀମିତ ହେଲେ ବି ଲକ୍ଷାଧିକ ମେଧାବୀ ଛାତ୍ରଛାତ୍ରୀ ତାହା ଦ୍ୱାରା ଆକର୍ଷିତ ହୁଅନ୍ତି । କିନ୍ତୁ ଯେଭଳି ଆଇଆଇଟି ଗୁଡ଼ିକ ସବୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇପାରିବେ ନାହିଁ, ସେହିଭଳି କ୍ଲବ ବା ସରକାରୀ ତଥା ବେସରକାରୀ ଚାକିରିରେ ସମସ୍ତ ଖେଳାଳିଙ୍କୁ ଥଇଥାନ କରାଯାଇ ପାରିବ ନାହିଁ । ତାହା ହେଲେ ସେମାନଙ୍କ ପାଇଁ କ'ଣ କରାଯାଇ ପାରିବ?

ଗୋଟିଏ ଉତ୍ତର ହେଲା ସେମାନଙ୍କୁ ବୈଷୟିକ ତାଲିମ ଦିଆ ଯାଇପାରିବ । ମନେ ରଖିବାକୁ ହେବ ଯେ, ଜଣେ ଖେଳାଳି ପ୍ରାୟ ୩୫ ବର୍ଷ ପର୍ଯ୍ୟନ୍ତ ତାହାର ଖେଳ ଜୀବନ ବିତାଇ ପାରିବ । ପାରମ୍ପରିକ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ୩୫ ବର୍ଷୀୟ ବ୍ୟକ୍ତିମାନଙ୍କ ପାଇଁ ଭର୍ତ୍ତି ହେବାର ସୁଯୋଗ ନ ଥାଏ । ଏକ ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ସେଇ ସୁଯୋଗ ସୃଷ୍ଟି କରିବାକୁ ହେବ । ସେମାନଙ୍କ ପାଇଁ ମଧ୍ୟ ବୟସ୍କ-ଉପଯୋଗୀ କୌଶଳର ବ୍ୟବସ୍ଥା କରିବାକୁ ହେବ । ତାହା ସଙ୍ଗେ ସଙ୍ଗେ ତାଲିମ ପରେ ସେମାନେ ଯେପରି ଆତ୍ମନିଯୁକ୍ତ ହୋଇପାରିବେ ସେଥିପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉଚିତ । ସେଥିରେ ବ୍ୟାଙ୍କମାନଙ୍କର ଏକ ସ୍ୱତନ୍ତ୍ର ଯୋଜନା ରହିବା ଉଚିତ । ସେବାନିବୃତ୍ତ ସୈନିକମାନଙ୍କ ପାଇଁ ଯେଭଳି ସେନା ବୋର୍ଡ ଗଠିତ ହୋଇଛି, ଖେଳାଳୀମାନଙ୍କ ପାଇଁ ସେହିଭଳି ଏକ ବୋର୍ଡ ଗଠନ କରି ମଧ୍ୟବୟସ୍କ ଖେଳାଳୀମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କଲେ ତାହା ହଜାର ହଜାର ଖେଳାଳିଙ୍କୁ ଜୀବିକା ଅର୍ଜନ କରିବାରେ ସହାୟକ ହେବ । ଏହା କ୍ରୀଡ଼ା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବ ।

**ବି.ଦ୍ର. :-** ଉକ୍ତ ବୋର୍ଡ ଯଦି ଗଠିତ ହୁଏ ତେବେ ତାହା ସେବାନିବୃତ୍ତ ସରକାରୀ କର୍ମଚାରୀ ବା ରାଜନୈତିକ ବ୍ୟକ୍ତିଙ୍କର ଥଇଥାନ କେନ୍ଦ୍ର ନ ହେବା ଉଚିତ ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ୍ ହଜିବା ଘଟଣା

# ପୂର୍ବତନ ବରିଷ୍ଠ ଅଧିକାରୀଙ୍କୁ ପୋଲିସ ସମନ

- ସନ୍ଦେହ ଘେରରେ ଦୁଇ ଆଇଏଏସ୍ ଅଧିକାରୀ
- ତୃତୀୟ ମହଲା ରହସ୍ୟ ଘେରରେ
- ଫାଇଲ୍ ହଜିଛି ନା ହଟାଯାଇଛି
- ଶାସକ-ବିରୋଧୀଙ୍କ ଆରୋପ ପ୍ରତ୍ୟାରୋପ
- କଂଗ୍ରେସର ନିରପେକ୍ଷ ତଦନ୍ତ ଦାବି



ଭୁବନେଶ୍ୱର, ୧୮/୦୭ (ଜେଏନ୍‌ଏସ୍) : ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅତି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ଫାଇଲ୍ ଗାଏବ ମାମଲାରେ କମିଶନରେଟ ପୋଲିସ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ହାଇପ୍ରୋଫାଇଲ୍ ଘଟଣାରେ ପୋଲିସ ଦୁଇ ଜଣ ପୂର୍ବତନ ବରିଷ୍ଠ ଅଧିକାରୀଙ୍କୁ ସମନ୍ ଜାରି କରିଛି। ବିଜେଡି ସରକାର ସମୟରେ ସିଏମ୍‌ଓରେ କାର୍ଯ୍ୟରତ ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରାଜେଶ ବର୍ମା ଏବଂ ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ରଙ୍କୁ କମିଶନରେଟ ପୋଲିସ ସମନ୍ ପଠାଇଛି। ଏହି ଦୁଇ ଜଣଙ୍କୁ ଆସନ୍ତା ଜୁଲାଇ ୨୨ ତାରିଖ ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରର କ୍ୟାପିଟାଲ୍ ଥାନା ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ କୁହାଯାଇଛି। ଏହାସହ ଏହି ମାମଲା ସମ୍ବନ୍ଧିତ କୌଣସି ଦସ୍ତାବିଜ୍ ବା ଇଲେକ୍ଟ୍ରୋନିକ୍ ଡିଭାଇସ୍ ଥିଲେ ତାହା ସାଥିରେ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ବିଭାଗ ପକ୍ଷରୁ ଗତ ଜୁନ୍ ୧୦ ତାରିଖରେ ହୋଇଥିବା ଅଭିଯୋଗ ଅନୁଯାୟୀ ନିମ୍ନଲିଖିତ ଦୁଇଟି ସଂବେଦନଶୀଳ ବିଚାର ବିଭାଗୀୟ କମିଶନ ରିପୋର୍ଟ ସିଏମ୍‌ଓରୁ ମିଳୁନାହିଁ। ୨୦୦୮ ମସିହାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ୫ ଜଣଙ୍କ ହତ୍ୟା ଓ ପରବର୍ତ୍ତୀ କନ୍ଧମାଳ ଦଙ୍ଗା ମାମଲାର ତଦନ୍ତ କରିଥିବା ଜଷ୍ଟିସ୍ ଏ.ଏସ୍. ନାଇଡୁ କମିଶନ ରିପୋର୍ଟ। ୨୦୧୬ ମସିହାରେ ଭୁବନେଶ୍ୱରର ଏକ ବେସରକାରୀ ସମ୍ ହସ୍ପିଟାଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ (ଯେଉଁଥିରେ ୨୦ରୁ ଅଧିକ ଜୀବନ ଯାଇଥିଲା) ସମ୍ପର୍କିତ ଆରଡିସି ତଦନ୍ତ ରିପୋର୍ଟ। ୨୦୨୪ ନିର୍ବାଚନ ଫଳାଫଳ ସ୍ପଷ୍ଟ ହେବା ପରେ, ଗତ ଜୁନ୍ ୪ ତାରିଖରେ ପୂର୍ବତନ ସିଏମଓରୁ ଗୃହ ବିଭାଗକୁ ସମସ୍ତ ଫାଇଲ୍ ଫେରସ୍ତ କରାଯାଇଥିଲା।

କିନ୍ତୁ ଯାଞ୍ଚ ସମୟରେ ଏହି ଦୁଇଟି ପ୍ରମୁଖ ରିପୋର୍ଟ ଫାଇଲ୍ ସେଥିରେ ନଥିବା ଜଣାପଡ଼ିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡ଼ିକୁ କେହି ଉଦ୍ଦେଶ୍ୟମୂଳକ ଭାବେ ନଷ୍ଟ କରିଦେଇଛନ୍ତି କିମ୍ବା ଲୁଚାଇ ରଖିଛନ୍ତି ବୋଲି ଏଫ୍‌ଆଇଆର୍‌ରେ ସନ୍ଦେହ ପ୍ରକଟ କରାଯାଇଛି। ବର୍ତ୍ତମାନ ପୋଲିସ ଏହାର ଘନିଷ୍ଠ ତଦନ୍ତ ଚଳାଇଛି ଏବଂ ଜୁଲାଇ ୨୨ରେ ଦୁଇ ଅଧିକାରୀଙ୍କ ଜେରା ପରେ ଏହି ରହସ୍ୟ ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ସମ୍ବେଦନଶୀଳ ତଦନ୍ତ ରିପୋର୍ଟ ଫାଇଲ୍ ଗାଏବ ହେବା ଘଟଣାକୁ ନେଇ ଓଡ଼ିଶା ରାଜନୀତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଏବଂ ଏକ ବଡ଼ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ଶାସକ ବିଜେପି, ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ଏହାକୁ ନେଇ ଆରୋପ-ପ୍ରତ୍ୟାରୋପ ଚାଲିଛି । ନିମ୍ନରେ ବିଭିନ୍ନ ଦଳର ପ୍ରମୁଖ ରାଜନୈତିକ ପ୍ରତିକ୍ରିୟାଗୁଡ଼ିକ ପ୍ରଦାନ କରାଗଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୃଷ୍ଠା-୭

# ବିନା ଟାହିଆରେ ମହାପ୍ରଭୁ ଶ୍ରୀଜଗନ୍ନାଥ

**ନୀତିକାନ୍ତିରେ ବ୍ୟାଘାତ ନୁହେଁ, ସେବାୟତଙ୍କ ସୁରକ୍ଷା ଓ ଆଖିରେ ବାଜିବା ଭୟ**

ପୁରୀ, ୧୮/୦୭ (ଜେଏନ୍‌ଏସ୍) : ପୁରୀ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିନା 'ଟାହିଆ'ରେ ରଥକୁ ପହଣ୍ଡି ବିଜେ କରିବା ଘଟଣାକୁ ନେଇ ଓଡ଼ିଶାରେ ଏକ ବଡ଼ ବିବାଦ ଓ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ଶ୍ରୀମନ୍ଦିର ଇତିହାସରେ ଏହା ଏକ ବିରଳ ଘଟଣା ହୋଇଥିବାରୁ ଏହା କୋଟି କୋଟି ଜଗନ୍ନାଥ ଭକ୍ତଙ୍କୁ ମର୍ମାହତ କରିଛି । ପହଣ୍ଡି ବିଜେ ସମୟରେ ବଳଭଦ୍ର ଓ ସୁଭଦ୍ରାଙ୍କ ମସ୍ତକରେ ଟାହିଆ ଶୋଭା ପାଉଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରୁ ବାହାରି ନନ୍ଦୀଘୋଷ ରଥକୁ ଆସିବା ବେଳେ ତାଙ୍କ ଶ୍ରୀମସ୍ତକରେ ପାରମ୍ପରିକ ଟାହିଆ ନଥିଲା । ସୂଚନା ଅନୁଯାୟୀ, ଜଗନ୍ନାଥଙ୍କ ଟାହିଆଟି ବାଇଶି ପାହାଚ କିମ୍ବା ସାତପାହାଚ ନିକଟରେ ସେବାୟତମାନଙ୍କ ଦ୍ୱାରା



- ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ସ୍ପଷ୍ଟୀକରଣ
- ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଓ ଆଧ୍ୟାତ୍ମିକ ଚର୍ଚ୍ଚା

ବାହାର କରିଦିଆଯାଇଥିଲା ଏବଂ ମହାପ୍ରଭୁଙ୍କୁ ସେମିତି ହିଁ ରଥକୁ ନିଆଯାଇଥିଲା । ଏହି ବିବାଦ ଉଗ୍ର ରୂପ ନେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନିକ ଅଧିକାରୀ ଅରବିନ୍ଦ ପାଢ଼ୀ ଏବଂ ଦଇତାପତି ନିଯୋଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପ୍ରବଳ ବର୍ଷା ଯୋଗୁଁ ସୋଲ ଓ ବାଉଁଶରେ ତିଆରି ଟାହିଆଟି ସମ୍ପୂର୍ଣ୍ଣ ଓଦା ହୋଇ ଅତ୍ୟନ୍ତ ଓଜନିଆ ହୋଇଯାଇଥିଲା । ଦଇତାପତି ପୃଷ୍ଠା-୭

# ବିକ୍ରମ-୧ ଲଞ୍ଚ ସଫଳ

**ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ**




ନୂଆଦିଲ୍ଲୀ, ୧୮/୦୭ : ଭାରତର ପ୍ରଥମ ଘରୋଇ ବା ବେସରକାରୀ ଅର୍ବିଟାଲ୍ ରକେଟ୍ 'ବିକ୍ରମ-୧'ର ଐତିହାସିକ ଉତକ୍ଷେପଣ ହୋଇଯାଇଛି. ହାଇଦ୍ରାବାଦର ମହାକାଶ ଷ୍ଟାର୍ଟଅପ୍ କମ୍ପାନୀ ସ୍କାଏରୁଟ୍ ଏରୋସ୍ପେସ୍ ଦ୍ୱାରା ନିର୍ମିତ ଏହି ରକେଟ୍ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ ସ୍ପେସ୍ ସେଣ୍ଟରରୁ ୧୧ଟା ୩୦ ମିନିଟ୍‌ରେ ସଫଳତାର ସହ ଲଞ୍ଚ କରାଯାଇଛି। ଏହି ମିଶନକୁ 'ମିଶନ ଆଗମନ' ନାମ ଦିଆଯାଇଛି, ଯାହା ଭାରତୀୟ ମହାକାଶ ଇତିହାସରେ ବେସରକାରୀ କ୍ଷେତ୍ରର ଏକ ବଡ଼ ବିପ୍ଳବ । ବିକ୍ରମ-୧ ହେଉଛି ଭାରତର ପ୍ରଥମ ସମ୍ପୂର୍ଣ୍ଣ କାର୍ବନ୍ କମ୍ପୋଜିଟ୍ ରକେଟ୍। ପୃଷ୍ଠା-୭

# ଟ୍ରାକ୍‌ରେ ଦୌଡ଼ିଲା ହାଇଡ୍ରୋଜେନ୍ ଟ୍ରେନ୍



- ଧୂଆଁ ନୁହେଁ ବାହାରିବ ପାଣି
- ଭାରତୀୟ ରେଳବାଇର ଗ୍ରୀନ୍ ବିପ୍ଳବ
- ନମୋ ଗ୍ରୀନ୍ ରେଲ୍ : ହାଇଡ୍ରୋଜେନ୍ ଯୁଗର ଆରମ୍ଭ

ନୂଆଦିଲ୍ଲୀ, ୧୮/୦୭ : ଭାରତର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ, ଯାହାକୁ 'ନମୋ ଗ୍ରୀନ୍ ରେଲ୍' ନାମରେ ନାମିତ କରାଯାଇଛି, ତାହା ଦେଶର ରେଳ ଇତିହାସରେ ଏକ ବିପ୍ଳବାତ୍ମକ ପଦକ୍ଷେପ। ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଏହି ଅତ୍ୟାଧୁନିକ ଟ୍ରେନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଟ୍ରେନରେ ପାରମ୍ପରିକ ଡିଜେଲ୍ ଇଞ୍ଜିନ ବଦଳରେ 'ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍' (ବ୍ୟବହାର କରାଯାଇଛି। ହାଇଡ୍ରୋଜେନ୍ ଏବଂ ବାୟୁରେ ଥିବା ଅମ୍ଳଜାନ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟି ବିଦ୍ୟୁତ୍ ଶକ୍ତି ସୃଷ୍ଟି ହୁଏ, ଯାହାଦ୍ୱାରା ଟ୍ରେନର ମୋଟର ଚାଲିଥାଏ। ଏହି ପ୍ରକ୍ରିୟାରେ କୌଣସି ବିଷାକ୍ତ ଗ୍ୟାସ୍ ବା ପୃଷ୍ଠା-୭

# ସ୍କାନରରେ ଏନ୍‌ଜିଓ ପରିଚାଳିତ ସ୍କୁଲ

**ସିଏଜି ରିପୋର୍ଟରେ ୩୫% ସ୍ୱତନ୍ତ୍ର ସ୍କୁଲ ବେଆଇନ୍**

ଭୁବନେଶ୍ୱର, ୧୮/୦୭ (ଜେଏନ୍‌ଏସ୍) : ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ବେସରକାରୀ ସଂଗଠନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ସ୍କୁଲଗୁଡ଼ିକ ଉପରେ ଏକ ବଡ଼ ଧରଣର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି । ବିନା ସରକାରୀ ସ୍ୱୀକୃତି ବା ପଞ୍ଜୀକରଣରେ ଚାଲୁଥିବା ଏହି ସ୍କୁଲଗୁଡ଼ିକୁ ସରକାର ନିଜ ସ୍କାନରକୁ ନେଇଛନ୍ତି । ବିଭାଗୀୟ ଅତିରିକ୍ତ ସଚିବ ଭାସ୍କର ରାଇତୋ ସମସ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳରେ ଥିବା ଏହିଭଳି ଘଏଙ୍ଗ ପରିଚାଳିତ ସ୍କୁଲଗୁଡ଼ିକର ଏକ ବ୍ୟାପକ ସର୍ଭେ ବା ସମୀକ୍ଷା କରିବାକୁ ଆଦେଶ ଦେଇଛନ୍ତି । କୌଣସି ବି ଏନ୍‌ଜିଓ ସ୍ୱତନ୍ତ୍ର ସ୍କୁଲ ଯେପରି ସରକାରଙ୍କ ବିଧିବଦ୍ଧ ଅନୁମତି କିମ୍ବା ପଞ୍ଜୀକରଣ ବିନା କାର୍ଯ୍ୟ ନକରେ, ତାହା ନିଶ୍ଚିତ କରିବାକୁ ଡିଏସ୍‌ଏସ୍‌ଓମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଭାରତର ପୃଷ୍ଠା-୭

# ଓଡ଼ିଶାରେ ଜଳବନ୍ଦୀ ଓ ବନ୍ୟା ପରିସ୍ଥିତି ଗମ୍ଭୀର

**କୃତ୍ରିମ ବନ୍ୟା ରୋକିବା ପାଇଁ ୨୨୨ କୋଟିର ସ୍ୱତନ୍ତ୍ର ପ୍ରକଳ୍ପ ଏବଂ ଅର୍ଲି ୱାର୍ଣ୍ଣି ସିଷ୍ଟମ୍**

- ଟ୍ୱିନ୍ ସିଟିରେ କୃତ୍ରିମ ବନ୍ୟା
- ସାପୁଆ ନଦୀରେ ତାଣ୍ଡବ
- ବୌଦ୍ଧ ଓ ସୋନପୁରରେ ଅଧିକ ବର୍ଷା
- ୩ ହଜାର ଗାଁରେ ସ୍ୱେଚ୍ଛାସେବୀ ଟାସ୍କଫୋର୍ସ



ଭୁବନେଶ୍ୱର, ୧୮/୦୭ (ଜେଏନ୍‌ଏସ୍) : ଓଡ଼ିଶାରେ ଚଳିତ ଜୁଲାଇ ମାସରେ ମୌସୁମୀ ଜନିତ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ପ୍ରାନ୍ତ ସମେତ ସହରାଞ୍ଚଳରେ ଜଳବନ୍ଦୀ ଓ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ପରଗାମୀ ଲଘୁଚାପ ଯୋଗୁଁ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି, ଯାହା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ପ୍ରବଳ ବର୍ଷା ଯୋଗୁଁ ଭୁବନେଶ୍ୱରର ଇସ୍କନ ମନ୍ଦିର ସମ୍ମୁଖ, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ଶହୀଦ ନଗର ଏବଂ କଟକର କେତେକ ତଳିଆ ଅଞ୍ଚଳରେ ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି । ଡ୍ରେନେଜ୍ ବ୍ୟବସ୍ଥାରେ ଅବରୋଧ ଓ ଅବହେଳା ଯୋଗୁଁ ବର୍ଷା ପାଣି ନିଷ୍କାସିତ ନହୋଇ ସ୍ଥାନୀୟ ବାସିନ୍ଦା ଓ କଲୋନୀଗୁଡ଼ିକର ଘର ଭିତରେ ପଶିଯାଇଛି । ଅଗ୍ନିଶମ ବାହିନୀ ପକ୍ଷରୁ ହାଇ-ପାୱାର ପମ୍ପ ସାହାଯ୍ୟରେ ଉଭୟ ସହରର ୨୭ରୁ ଅଧିକ ସ୍ଥାନରୁ ଜଳ ନିଷ୍କାସନ ପାଇଁ ଜରୁରୀକାଳୀନ କାର୍ଯ୍ୟ ଜାରି ରହିଛି । କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରେ ସାପୁଆ ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ବନ୍ୟା ଜଳ ତଳିଆ ଅଞ୍ଚଳରେ ପ୍ରବେଶ କରିଛି । ପୁରୁଣା କଟକ-ସମ୍ବଲପୁର ରାସ୍ତାର ନଦୁଆପଡ଼ା ବ୍ରିଜ୍ ନିକଟରେ ପ୍ରାୟ ୪ ଫୁଟ୍‌ର ବନ୍ୟା ପାଣି ଚାଲୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏହାସହ ଗୁଡୁପଡ଼ା ଭଳି କେତେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଚଳିତ ବର୍ଷ ବୌଦ୍ଧରେ ସ୍ୱାଭାବିକ ଠାରୁ ୧୨୫% ଏବଂ ସୋନପୁରରେ ୯୧% ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହା ମହାନଦୀ ଅବବାହିକାରେ ଜଳସ୍ତର ବଢ଼ାଉଛି । ଏହି ସହରାଞ୍ଚଳ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ପୃଷ୍ଠା-୭

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଶ୍ରଦ୍ଧାରେ ପାଳିତ ହେଲା ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

## ତିର୍ତ୍ତୋଲ ମାଟିର ଏକ ଅନନ୍ୟ ସମାଜସେବୀ ମୁରଲୀଧର ରଥ






ଭୁବନେଶ୍ୱର, ୧୮/୦୭ (ଜେଏନ୍‌ଏସ୍) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଯଦୁପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ପୂର୍ବତନ ସରପଞ୍ଚ ଓ ବିଶିଷ୍ଟ ସମାଜସେବୀ ମୁରଲୀଧର ରଥଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧା ଓ ଭାବବିହ୍ୱଳ ପରିବେଶରେ ପାଳିତ ହୋଇଯାଇଛି ।

ଏହି ଅବସରରେ ଶ୍ରୀରାମ ମନ୍ଦିର ନିକଟରେ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ଏକ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇଥିଲା, ଯେଉଁଥିରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ରଥଙ୍କ ଅତୁଳନୀୟ ଜନସେବା କାର୍ଯ୍ୟକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ପରେ ସ୍ୱର୍ଗତ ରଥଙ୍କ ଜୀବନୀ "ଜୀବନ ସଉଦା" ନାମକ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଜଣେ ସଫଳ ବ୍ୟବସାୟୀରୁ ଜନସେବକ ପାଲଟିଥିବା ମୁରଲୀଧର ରଥ ଲଗାତାର ପାଞ୍ଚ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ତିର୍ତ୍ତୋଲ ଅଞ୍ଚଳର ଜନସାଧାରଣଙ୍କ ଅତୁଟ ବିଶ୍ୱାସ ଓ ସମ୍ମାନ ହାସଲ କରିଥିଲେ । ଏହାବ୍ୟତୀତ ସେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ଭାବେ ମଧ୍ୟ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ । ଚାନ୍ଦପୁର ଗ୍ରାମର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ: ପୋଷ୍ଟ ଅଫିସ ପ୍ରତିଷ୍ଠା, ପଶୁ ଚିକିତ୍ସାଳୟ, ପୋଲିସ ଫାଣ୍ଡି, ଅଙ୍ଗନବାଡ଼ି କେନ୍ଦ୍ର, ଅତିଥି ଭବନ, ଶ୍ମଶାନର ଉନ୍ନତିକରଣ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା । ଏହାବ୍ୟତୀତ ଧାର୍ମିକ ଓ ସାମାଜିକ କ୍ଷେତ୍ରରେ ସେ ଶ୍ରୀରାମ ମନ୍ଦିର, ଯଜ୍ଞ ମଣ୍ଡପ ଏବଂ ପୁରାତନ ମନ୍ଦିରଗୁଡ଼ିକର ସଂସ୍କାର କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ସ୍ମୃତି ସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, "ମୁରଲୀଧର ରଥଙ୍କ ପରି ନିଃସ୍ୱାର୍ଥପର ଜନସେବକ ବିରଳ । ତାଙ୍କ ବ୍ୟକ୍ତିତ୍ୱ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣା ହୋଇ ରହିବ ।"ଚାନ୍ଦପୁରର ଚାନ୍ଦ, ମୁଦୁପୁର ପଂଚାୟତର ମାଟିର ମହକ ଥିଲେ । ଏହି ଅବସରରେ ଲେଖକ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ରଚିତ ଜୀବନୀ ଗ୍ରନ୍ଥ "ଜୀବନ ସଉଦା" ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା ।

ପରେ ସ୍ଥାନୀୟ ଶ୍ରୀରାମ ମନ୍ଦିରରେ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇ ସ୍ୱର୍ଗତ ଆତ୍ମିକ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମୁରଲୀଧର ରଥଙ୍କ ନିଖୁଣ ସେବା ଓ ବିକାଶମୂଳକ କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ସନ୍ତୋଷ ତ୍ରିପାଠୀ, ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି, ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ମୂରଲୀଧର ରଥ ଦାତବ୍ୟ ସେବା ପରିଷଦ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ, ମୂରଲୀଧର ରଥ ଦାତବ୍ୟ ସେବା ପରିଷଦ ସମ୍ପାଦକ ବୀରନାରାୟଣ ପାତ୍ରଙ୍କ ସମେତ ସ୍ୱର୍ଗତ ମୁରଲିଧର ସ୍ମୃତି କମିଟି ସଂଯୋଜକ ପ୍ରମୋଦ ସାମନ୍ତରାୟ, ସ୍ୱର୍ଗତ ରଥଙ୍କ ପୁଅ ଶରତ କୁମାର ରଥ, ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଏଏସ୍‌ଆଇର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୮/୦୭ (ଜେଏନ୍‌ଏସ୍) : ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ନିଷ୍ପତ୍ତି ସମ୍ପର୍କରେ ନିକଟରେ କିଛି ପ୍ରମୁଖ ଖବର ସାମ୍ନାକୁ ଆସିଛି, ଯାହା ମୁଖ୍ୟତଃ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ସାଇଟ୍ ଗୁଡ଼ିକର ସଂରକ୍ଷଣ ସହିତ ଜଡ଼ିତ । ଏଏସ୍‌ଆଇ ପକ୍ଷରୁ କୋଣାର୍କ ସୂର୍ଯ୍ୟ ମନ୍ଦିରର ଜଗମୋହନ ଭିତରୁ ବାଲି ବାହାର କରିବା ପାଇଁ ଏକ ବୈଜ୍ଞାନିକ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ୧୩ଶ ଶତାବ୍ଦୀର ଏହି ବିଶ୍ୱ ଐତିହ୍ୟ ସ୍ଥଳର ଭିତର ଭାଗରେ ହୋଇଥିବା କ୍ଷତିର ମୂଲ୍ୟାଙ୍କନ କରିବା ଏବଂ ଏହାର ଆୟୁଷ ବୃଦ୍ଧି ପାଇଁ ଆବଶ୍ୟକୀୟ ସଂରକ୍ଷଣ କାର୍ଯ୍ୟ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ଏହି ସଂରକ୍ଷଣ ପ୍ରକ୍ରିୟା ସମୟରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯିବ ଯାହାଦ୍ୱାରା ମନ୍ଦିରର ସାମ୍ବିଧାନିକ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ।

ଓଡ଼ିଶା କ୍ୟାବିନେଟ୍ ବୈଠକରେ ରାଜ୍ୟରେ ଏକ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ପ୍ରତିଷ୍ଠା ପାଇଁ ଚୂଡ଼ାନ୍ତ ଅନୁମୋଦନ ଦିଆଯାଇଛି । ଏହି ନୂତନ ନିର୍ଦ୍ଦେଶାଳୟ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବିକ୍ଷିପ୍ତ ହୋଇ ରହିଥିବା ପ୍ରାଚୀନ ମନ୍ଦିର, କୀର୍ତ୍ତିରାଜି ଏବଂ ପ୍ରତ୍ନତାତ୍ତ୍ୱିକ ସମ୍ପଦର ଉନ୍ନତ ପରିଚାଳନା ଓ ସୁରକ୍ଷା ପାଇଁ କାମ କରିବ । ଏହାସହ 'ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସର୍ଭିସ୍ ରୁଲ୍ସ, ୨୦୨୬' ମଧ୍ୟ ଲାଗୁ କରାଯାଇଛି । ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଅଞ୍ଚଳରେ ଇଝଓ ପକ୍ଷରୁ ଏକ ପ୍ରାୟ ୧୦,୦୦୦ ବର୍ଷ ପୁରୁଣା ସଭ୍ୟତାର ଚିହ୍ନ ମିଳିଛି ।

## ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮/୦୭ (ଜେଏନ୍‌ଏସ୍) : ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମଙ୍ଗଳବାର ୯୮ତମ ଶ୍ରାଦ୍ଧବାର୍ଷିକୀ । ଏହି ଅବସରରେ ବିଧାନସଭା ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ମହାନ ଦେଶଭକ୍ତ, ସେବା ଓ ତ୍ୟାଗର ପ୍ରତୀକ ତଥା ଦୈନିକ 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଜି ଶ୍ରାଦ୍ଧ ଦିବସ । ଶ୍ରାଦ୍ଧ ଦିବସ ଉପଲକ୍ଷେ ତାଙ୍କ ଅକ୍ଷୟ କୀର୍ତ୍ତିକୁ ସ୍ମରଣ କରି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି, ତିଳତର୍ପଣ ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅର୍ପଣ କରାଯାଉଛି ।

ବିଧାନସଭା ପରିସରରେ ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ,ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି । ଭାରତୀୟ ଇତିହାସର ସେହି ସ୍ୱର୍ଣ୍ଣିମ ପୃଷ୍ଠା, ଯେଉଁଠି ଦେଶପ୍ରେମ ଓ ମାନବ ସେବାର ବିରଳ ଉଦାହରଣ ଦେଖିବାକୁ ମିଳେ, ସେଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମ ସର୍ବଦା ତେଜୋଦୀପ୍ତ । ଓଡ଼ିଆ ଜାତୀୟତାର ପ୍ରାଣପ୍ରତିଷ୍ଠାତା, ଅନନ୍ୟ ଶିକ୍ଷାବିତ୍, ସମାଜ ସଂସ୍କାରକ ତଥା ଓଡ଼ିଆ ସାମ୍ବାଦିକତାର ଭୀଷ୍ମ ପିତାମହ ଥିଲେ ପଣ୍ଡିତ ଗୋପବନ୍ଧୁ । ପଣ୍ଡିତ ଗୋପବନ୍ଧୁ ତ୍ୟାଗ, ବଳିଦାନ, ସେବାର ମୂର୍ତ୍ତିମନ୍ତ ପ୍ରତୀକ ।



# ରଥ ପଥ ଜଗନ୍ନାଥ

# ଭକ୍ତ-ଭଗବାନଙ୍କ ମିଳନ





ରଥଯାତ୍ରାରୁ ନୀଳାଦ୍ରି ବିଜେ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ସମ୍ପୂର୍ଣ୍ଣ ସମୟଚକ୍ର । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀଜିଉମାନେ ବଡ଼ଦାଣ୍ଡକୁ ଆସିବା ପରଠାରୁ ଆରମ୍ଭ କରି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ପୁନର୍ବାର ସ୍ୱଧାମ ବଡ଼ଦେଉଳର ରତ୍ନସିଂହାସନକୁ ଫେରିବା ପର୍ଯ୍ୟନ୍ତ ଏହି ସମଗ୍ର ଉତ୍ସବ ୧୨ ରୁ ୧୩ ଦିନ ଧରି ଚାଲିଥାଏ ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନବେଦୀରୁ ଧାଡ଼ି ପହଣ୍ଡିରେ ଅଣାଯାଇ ତିନୋଟି ସୁସଜ୍ଜିତ ରଥରେ ବିଜେ କରାଯାଏ । ପୁରୀର ଗଜପତି ମହାରାଜା ସୁବର୍ଣ୍ଣ ସମାର୍ଜନୀରେ ତିନି ରଥ ଉପରେ ଚତୁର୍ଦ୍ଦିଗ ସଫା କରନ୍ତି । ସନ୍ଧ୍ୟାରେ ଭକ୍ତମାନେ ରଥ ଟାଣି ଟାଣି ମହାପ୍ରଭୁଙ୍କୁ ମାଉସୀ ମା' ମନ୍ଦିର ଦେଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନେଇଥାନ୍ତି । ରଥଯାତ୍ରାର ପରଦିନ ଠାକୁରମାନେ ଗୁଣ୍ଡିଚା ମନ୍ଦିରର ଆଡ଼ପ ବେଦୀକୁ ଗୋଟି ପହଣ୍ଡିରେ ବିଜେ କରନ୍ତି । ଗୁଣ୍ଡିଚା ମନ୍ଦିରରେ ରହଣି ସମୟରେ ମହାପ୍ରଭୁଙ୍କୁ ପ୍ରସିଦ୍ଧ ଆଡ଼ପ ମହାପ୍ରସାଦ ଲାଗି କରାଯାଏ, ଯାହାକୁ ପାଇବା ପାଇଁ ଭକ୍ତଙ୍କ ଭିଡ଼ ଜମେ । ଯାତ୍ରାର ପଞ୍ଚମ ଦିନରେ (ଆଷାଢ଼ ଶୁକ୍ଳ ପଞ୍ଚମୀ) ମହାପ୍ରଭୁ ସାଥୀରେ ନେଇନଥିବାରୁ କ୍ରୋଧିତ ହୋଇ ମା' ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ଆସନ୍ତି । ଅଭିମାନରେ ମା' ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଗୋଟିଏ କାଠ ଭାଙ୍ଗି ହେରା ଗୋହରି ସାହି ଦେଇ ଶ୍ରୀମନ୍ଦିରକୁ ଫେରିଯାନ୍ତି । ନବଦିନବ୍ୟାପୀ ଲୀଳା ଶେଷ କରି ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଶ୍ରୀଜିଉମାନେ ବାହୁଡ଼ା ପହଣ୍ଡି କରି ପୁଣି ରଥାରୂଢ଼ ହୁଅନ୍ତି । ଫେରିବା ବାଟରେ ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ଅଟକିଥାଏ ଏବଂ ପ୍ରଭୁ ପୋଡ଼ପିଠା ଭୋଗ ଗ୍ରହଣ କରନ୍ତି । ସେହିଦିନ ସନ୍ଧ୍ୟାରେ ରଥ ଆସି ସିଂହଦ୍ୱାର ସମ୍ମୁଖରେ ପହଞ୍ଚେ । ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ହିଁ ତିନି ଠାକୁରଙ୍କ ଭବ୍ୟ ସୁନାବେଶ ଅନୁଷ୍ଠିତ ହୁଏ । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପ୍ରାୟ ୧୩୮ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ କରାଯାଏ, ଯାହାକୁ ଦର୍ଶନ କଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ରଥ ଉପରେ ଏକ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ, ଯେଉଁଥିରେ ଠାକୁରଙ୍କ ଓଠ ଉଚ୍ଚତା ପର୍ଯ୍ୟନ୍ତ ଲମ୍ବିଥିବା ମାଟି ପାତ୍ରରେ ସୁଗନ୍ଧିତ ପଣା (ଅଧରପଣା) ଲାଗି କରାଯାଏ । ପରେ ସେହି ପାତ୍ରଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ, ଯଦ୍ୱାରା ରଥରେ ଥିବା ପାର୍ଶ୍ୱଦେବଦେବୀ ଓ ଅଶରୀରୀ ଆତ୍ମାମାନେ ଏହାକୁ ପାଇ ମୁକ୍ତି ଲାଭ କରନ୍ତି । ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ରଥଯାତ୍ରାର ଅନ୍ତିମ ପର୍ବ 'ନୀଳାଦ୍ରି ବିଜେ' ପାଳିତ ହୁଏ । ଶ୍ରୀଜିଉମାନେ ଗୋଟି ପହଣ୍ଡି ମାଧ୍ୟମରେ ରଥରୁ ଓହ୍ଲାଇ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରନ୍ତି । ଜଗନ୍ନାଥ ମହାପ୍ରଭୁ ମନ୍ଦିରକୁ ପ୍ରବେଶ କରିବା ସମୟରେ ଅଭିମାନିନୀ ମା' ଲକ୍ଷ୍ମୀ ଜୟ-ବିଜୟ ଦ୍ୱାର ବନ୍ଦ କରି ତାଙ୍କ ବାଟ ଓଗାଳନ୍ତି । ଏହାପରେ ଦେବୀ ଲକ୍ଷ୍ମୀ ଓ ପ୍ରଭୁ ଜଗନ୍ନାଥଙ୍କ ସେବକମାନଙ୍କ ମଧ୍ୟରେ ଏକ ସୁନ୍ଦର କଳି ଶାସ୍ତ୍ରୀୟ ବଚନିକା ମାଧ୍ୟମରେ ହୁଏ । ଶେଷରେ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ଓ ପାଟଶାଢ଼ୀ ଉପହାର ଦେଇ ତାଙ୍କ ମାନଭଞ୍ଜନ କରନ୍ତି ଓ ରତ୍ନସିଂହାସନକୁ ଫେରନ୍ତି । ସେଥିପାଇଁ ଏହି ଦିନକୁ ଓଡ଼ିଶାରେ 'ରସଗୋଲା ଦିବସ' ଭାବେ ମଧ୍ୟ ଧୂମଧାମରେ ପାଳନ କରାଯାଏ ।

ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରାର ମୁଖ୍ୟ ଦିନରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଏବଂ ପାରମ୍ପରିକ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଥାଏ । ଏହି ଦିନ ମହାପ୍ରଭୁଙ୍କ ଭୋର ସମୟର ଆଳତି ଠାରୁ ଆରମ୍ଭ କରି ଅପରାହ୍ନରେ ରଥଟଣା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟସୂଚୀ ସମୟାନୁସାରେ ସମ୍ପନ୍ନ ହୁଏ । ଅପରାହ୍ନ ୪:୦୦ ଟା ସମୟରେ ସାରା ବିଶ୍ୱର ଭକ୍ତମାନେ ଶଙ୍ଖ ଓ ହରିବୋଲ ଧ୍ୱନି ସହ ପବିତ୍ର ରଥର ଦଉଡ଼ି ଟାଣିବା ଆରମ୍ଭ କରନ୍ତି, ଏବଂ ମହାପ୍ରଭୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି ।

ଶ୍ରୀଜଗନ୍ନାଥ ସଂସ୍କୃତି ଅନୁସାରେ, ସତ୍ୟଯୁଗରେ ମାଳବ ଦେଶର ପରମ ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ଏବଂ ତାଙ୍କ ରାଣୀ ଗୁଣ୍ଡିଚା ଶ୍ରୀମନ୍ଦିର ନିର୍ମାଣ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରତିଷ୍ଠା କରିଥିଲେ । ମହାରାଣୀ ଗୁଣ୍ଡିଚା ଶ୍ରୀଜିଉମାନଙ୍କୁ ନିଜ ସନ୍ତାନ ସ୍ନେହରେ ଦେଖୁଥିଲେ । ମହାପ୍ରଭୁ ରାଣୀଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବର ଦେଇଥିଲେ ଯେ, ସେ ବର୍ଷକୁ ଥରେ ନିଜ ଜନ୍ମବେଦୀ (ଯେଉଁଠାରେ ଦାରୁରୁ ବିଗ୍ରହ ନିର୍ମାଣ ହୋଇଥିଲା) ଅର୍ଥାତ୍ ଗୁଣ୍ଡିଚା ମନ୍ଦିରକୁ ୯ ଦିନ ପାଇଁ ବୁଲି ଆସିବେ । ଏହି ସମ୍ପର୍କ କାରଣରୁ ଲୋକମୁଖରେ ଗୁଣ୍ଡିଚା ଦେବୀଙ୍କୁ ମହାପ୍ରଭୁଙ୍କ 'ମାଉସୀ' ବୋଲି କୁହାଯାଏ ଏବଂ ଏହି ଯାତ୍ରାକୁ ମାଉସୀ ମା' ଘର ଯାତ୍ରା କୁହାଯାଏ । ରଥଯାତ୍ରାର ଠିକ୍ ୧୫ ଦିନ ପୂର୍ବରୁ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନବେଦୀରେ ପ୍ରଭୁଙ୍କର ୧୦୮ ଗଡ଼ୁ ସୁବାସିତ ଜଳରେ ମହାସ୍ନାନ ହୁଏ । ମାତ୍ରାଧିକ ସ୍ନାନ ହେତୁ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୁଅନ୍ତି ଏବଂ ୧୫ ଦିନ ପାଇଁ ଗୁପ୍ତ କୋଠରୀରେ ରହନ୍ତି, ଯାହାକୁ 'ଅଣସର' କୁହାଯାଏ । ଏହି ସମୟରେ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ପାଚକ (ଔଷଧ) ଏବଂ ଓଷୁଅ ଲାଗି ହୋଇ ପ୍ରଭୁ ସୁସ୍ଥ ହୁଅନ୍ତି । ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପ୍ରଭୁ ନବଯୌବନ ରୂପରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ଏବଂ ପରଦିନ ବାହାର ପ୍ରକୃତିର ମୁକ୍ତ ପବନ ସେବନ ପାଇଁ ରଥରେ ବଡ଼ଦାଣ୍ଡକୁ ଆସନ୍ତି । ଅନ୍ୟ ଏକ ମାନ୍ୟତା ଅନୁସାରେ, ଏହି ରଥଯାତ୍ରା ଦ୍ୱାପର ଯୁଗର ଏକ ସ୍ମୃତି ଚାରଣ । ଯେତେବେଳେ କଂସର ନିମନ୍ତ୍ରଣ ରକ୍ଷା କରି କୃଷ୍ଣ ଓ ବଳରାମ ଅକ୍ରୂରଙ୍କ ସହ ରଥରେ ବସି ଗୋପପୁରରୁ ମଥୁରା ଯାତ୍ରା କରିଥିଲେ, ସେହି ଦିନଟି ଆଷାଢ଼ ଦ୍ୱିତୀୟା ଥିଲା । ଗୋପୀମାନେ ଶ୍ରୀକୃଷ୍ଣଙ୍କ ବିରହରେ ବ୍ୟାକୁଳ ହୋଇ ରଥର ଚକକୁ ଧରି ଅଟକାଇବାକୁ ଚେଷ୍ଟା କରୁଥିଲେ । ବଡ଼ଦାଣ୍ଡରେ ଭକ୍ତମାନେ ଆଜି ମଧ୍ୟ ସେହି ଭାବରେ ପ୍ରଭୁଙ୍କ ରଥ ଦଉଡ଼ିକୁ ଆପଣାର କରି ଟାଣନ୍ତି । ପୁରାଣ ଅନୁସାରେ, ଥରେ ଦ୍ୱାରକାରେ ମାତା ସୁଭଦ୍ରା ନିଜର ଦୁଇ ଭାଇ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ନଗର ଭ୍ରମଣ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଭଗ୍ନୀଙ୍କ ମନସ୍କାମନା ପୂର୍ଣ୍ଣ କରିବା ପାଇଁ ଦୁଇ ଭାଇ ଦୁଇଟି ପୃଥକ ରଥରେ ଭଗ୍ନୀ ସୁଭଦ୍ରାଙ୍କୁ ମଝିରେ ବସାଇ ଦ୍ୱାରକା ନଗରୀ ଭ୍ରମଣ କରାଇଥିଲେ । ଏହି ସ୍ମୃତିକୁ ମନେ ପକାଇ ଆଜି ମଧ୍ୟ ରଥଯାତ୍ରାରେ ମଝି ରଥରେ ଦେବୀ ସୁଭଦ୍ରା ଏବଂ ଦୁଇ ପାଖରେ ବଳଭଦ୍ର ଓ ଜଗନ୍ନାଥ ଯାତ୍ରା କରନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜର ଭାଇ ଓ ଭଉଣୀଙ୍କୁ ସାଥୀରେ ନେଇ ରଥଯାତ୍ରାରେ ବାହାରିଯାନ୍ତି, ମାତ୍ର ଅର୍ଦ୍ଧାଙ୍ଗିନୀ ମାହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଛାଡ଼ି ଯାଆନ୍ତି । ଏଥିପାଇଁ ମା' ଲକ୍ଷ୍ମୀ ଅତ୍ୟନ୍ତ କ୍ରୋଧିତ ଓ ଅଭିମାନିତ ହୁଅନ୍ତି । ଯାତ୍ରାର ପଞ୍ଚମ ଦିନରେ ସେ ମହାପ୍ରଭୁଙ୍କ ଖବର ନେବା ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି, ଯାହାକୁ 'ହେରା ପଞ୍ଚମୀ' (ହେରା ଅର୍ଥ ଦେଖିବା) କୁହାଯାଏ । ସେଠାରେ ପ୍ରଭୁଙ୍କ ଦର୍ଶନ ନପାଇ ରାଗରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଗୋଟିଏ କାଠ ଭାଙ୍ଗି ସେ ଲୁଚିକି ଶ୍ରୀମନ୍ଦିର ଫେରିଆସନ୍ତି ।



> ପବିତ୍ର ଘୋଷଯାତ୍ରାରେ ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳରାମ ଓ ମା' ଶୁଭଦ୍ରା ରଥାରୁଢ଼ ଠାକୁରଙ୍କୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତମାନେ ଆବେଗ ଭରା ନୟନରେ ଦର୍ଶନ କରି ଅମୃତ ଶୁଖ ଅନୁଭବ କରୁଛନ୍ତି । ଦେଶ ବିଦେଶରୁ ଭକ୍ତମାନଙ୍କ ଶ୍ରୀକ୍ଷେତ୍ରକୁ ସୁଅ ଛୁଟିଛି । ଶ୍ରୀମନ୍ଦିର ଛାଡ଼ି ଶ୍ରୀଜୀଉମାନେ ନବଦିନ ପାଇଁ ମାଉସି ଘର ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି । ପ୍ରଭୁଙ୍କ ଏହି ମାନବିୟ ଲିଳା ମାନବ ସମାଜକୁ ଯେଉଁ ପଥ ଦେଖାଇଛି ତାହାର ତତ୍ତ୍ୱ ଯେତିକି ଗଭିର ସେତିକି ଗୁରୁତ୍ୱ ବହନ କରେ । ରଥ ଉପରେ ଠାକୁରଙ୍କୁ ଦର୍ଶନ କରି ଯେଉଁ ଭକ୍ତି ଭାବରେ ଭକ୍ତ ହଜିଯାଏ ତାହାର ମାର୍ମିକ ମୂଲାୟନ କରିବା କଷ୍ଟ । ଭକତ ମାଗେନି କିଛି ତୋର ଦରଶନେ ସବୁ ପାଇଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ' ରଥର ନିର୍ମାଣ ଶୈଳୀ ଓ ରହସ୍ୟ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଏବଂ ଆଧ୍ୟାତ୍ମିକ ବିଜ୍ଞାନ ଉପରେ ଆଧାରିତ । ଶ୍ରୀମନ୍ଦିରର ଶିଳ୍ପ ଶାସ୍ତ୍ର ଅନୁସାରେ, ଏହି ରଥର ପ୍ରତ୍ୟେକଟି ଅଂଶ ଏକ ନିର୍ଦ୍ଦିଷ୍ଟ ପ୍ରତୀକ ଓ ଦେବତାଙ୍କୁ ପ୍ରତିନିଧିତ୍ୱ କରିଥାଏ । ଏହି ରଥର ଉଚ୍ଚତା ୪୪ ଫୁଟ ୬ ଇଞ୍ଚ । ଏହା ତିନୋଟି ରଥ ମଧ୍ୟରେ ସବୁଠାରୁ ଉଚ୍ଚ । ନନ୍ଦିଘୋଷ ରଥରେ ୧୬ଟି ଚକ ଥାଏ । ଏହି ୧୬ ସଂଖ୍ୟାଟି ମନୁଷ୍ୟ ଶରୀରର ୧୬ଟି କଳା (ଷୋଡ଼ଶ କଳା) ଏବଂ ପ୍ରଭୁଙ୍କ ପୂର୍ଣ୍ଣାଙ୍ଗ ସ୍ୱରୂପକୁ ସୂଚାଇଥାଏ । ଏହି ରଥକୁ ଆବରଣ କରୁଥିବା କପଡ଼ାର ରଙ୍ଗ ହଳଦିଆ ଏବଂ ନାଲି ହୋଇଥାଏ । ପୀତାମ୍ବରଧାରୀ ଶ୍ରୀକୃଷ୍ଣ/ଜଗନ୍ନାଥଙ୍କ ପ୍ରତୀକ ଭାବେ ହଳଦିଆ ରଙ୍ଗ ବ୍ୟବହୃତ ହୁଏ ।

ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଦିନ ତିନି ରଥର ନିର୍ମାଣ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୁଏ । ଏହି ରଥ ନିର୍ମାଣ ପାଇଁ ମୁଖ୍ୟତଃ ଫାସୀ, ଅସନ ଓ ଧଉରା କାଠ ବ୍ୟବହାର କରାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସମୟରେ ଅନୁଷ୍ଠିତ ହେଉଥିବା 'ପୋଡ଼ପିଠା ଭୋଗ' ନୀତି ଶ୍ରୀଜିଉମାନଙ୍କର ଅନ୍ୟତମ ମଧୁର ଏବଂ ଆଧ୍ୟାତ୍ମିକ ପରମ୍ପରା । ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଶ୍ରୀଜିଉମାନେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ସମୟରେ ବଡ଼ଦାଣ୍ଡରେ ଏହି ସ୍ୱତନ୍ତ୍ର ନୀତି ସମ୍ପନ୍ନ ହୋଇଥାଏ ।

ଏହି ପୋଡ଼ପିଠା ଭୋଗ ନୀତିର ମୁଖ୍ୟ ବିଶେଷତ୍ୱ ଓ ପୌରାଣିକ ମାନ୍ୟତା ରହିଛି । ମାଉସୀ ମା' ମନ୍ଦିର ସମ୍ମୁଖରେ ଅଟକେ ରଥ । ବଡ଼ଦାଣ୍ଡର ମଧ୍ୟଭାଗରେ ଶ୍ରୀଜଗନ୍ନାଥଙ୍କ ମାଉସୀ ମା'ଙ୍କ ମନ୍ଦିର (ଅର୍ଦ୍ଧାଶନୀ ମନ୍ଦିର) ଅବସ୍ଥିତ । ବାହୁଡ଼ା ଯାତ୍ରା ଦିନ ତିନୋଟି ରଥ ଶ୍ରୀମନ୍ଦିର ଅଭିମୁଖେ ଫେରୁଥିବା ବେଳେ ଏହି ମାଉସୀ ମା' ମନ୍ଦିର ସମ୍ମୁଖରେ କିଛି ସମୟ ପାଇଁ ଅଟକିଥାଏ ।

ପୌରାଣିକ ମାନ୍ୟତା ଅନୁସାରେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମାଉସୀ ମା'ଙ୍କର ପ୍ରାଣପ୍ରିୟ ପୁତ୍ର ସଦୃଶ । ଭଣଜା ନଅ ଦିନର ଯାତ୍ରା ଶେଷ କରି ଘରକୁ ଫେରୁଥିବାରୁ, ମାଉସୀ ନିଜ ହାତରେ ସୁସ୍ୱାଦୁ ପୋଡ଼ପିଠା ପ୍ରସ୍ତୁତ କରି ପ୍ରଭୁଙ୍କ ପାଇଁ ଅପେକ୍ଷା କରିଥାନ୍ତି । ରଥ ସେଠାରେ ପହଞ୍ଚିବା ପରେ ମନ୍ଦିରର ସେବକମାନେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଏହି ପବିତ୍ର ପୋଡ଼ପିଠା ଭୋଗ ଲାଗି କରନ୍ତି । ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଏହି ପୋଡ଼ପିଠା ସାଧାରଣ ଘରୋଇ ପିଠା ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର । ଏହାକୁ ପ୍ରସ୍ତୁତ କରିବା ପାଇଁ ଚାଉଳ ଚୂନା, ଗୁଆଘିଅ, ଛେନା, ଗୁଡ଼, ଖୁଆ, ଗୋଲମରିଚ, ଅଳେଇଚ, କାଜୁ ଏବଂ କିସମିସ ଆଦି ଉତ୍ତମ ସାମଗ୍ରୀର ବ୍ୟବହାର କରାଯାଏ । ଏହା ଅତ୍ୟନ୍ତ ନରମ, ସୁବାସିତ ଏବଂ ସୁସ୍ୱାଦୁ ହୋଇଥାଏ, ଯାହା ପ୍ରଭୁଙ୍କର ଅତି ପ୍ରିୟ । ପୁରାଣ ଅନୁସାରେ, ମା' ଅର୍ଦ୍ଧାଶନୀ (ମାଉସୀ ମା) ହେଉଛନ୍ତି ପୁରୀ ଶ୍ରୀକ୍ଷେତ୍ରର ଜଣେ ମୁଖ୍ୟ ରକ୍ଷାକାରୀ ଦେବୀ । ଯେତେବେଳେ ପ୍ରଳୟ ସମୟରେ ସମୁଦ୍ର ମାଡ଼ି ଆସି ପୁରୀକୁ ବୁଡ଼ାଇ ଦେଉଥିଲା, ସେତେବେଳେ ମା' ଅର୍ଦ୍ଧାଶନୀ ଅଧା ସମୁଦ୍ର ଜଳକୁ ଶୋଷଣ କରି ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରକୁ ମହାବିପତ୍ତିରୁ ରକ୍ଷା କରିଥିଲେ । ମା'ଙ୍କର ଏହି ମହାନ ଅବଦାନ ଏବଂ ସ୍ନେହ ପାଇଁ ମହାପ୍ରଭୁ ବର୍ଷକୁ ଥରେ ବାହୁଡ଼ା ଯାତ୍ରା ସମୟରେ ତାଙ୍କ ଦ୍ୱାରକୁ ଆସି ପୋଡ଼ପିଠା ଗ୍ରହଣ କରିଥାନ୍ତି ।







ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ନୂଆ ବନ୍ଦର ନିର୍ମାଣ କରିବ ୟୁଏଇ

ଦୁବାଇ, ୧୮/୦୭ : ପାରସ୍ୟ ଉପସାଗର ଅଞ୍ଚଳରେ ବଢ଼ୁଥିବା ଭୂ-ରାଜନୈତିକ ତିକ୍ତତା ଓ ସୁରକ୍ଷା ବିପତ୍ତି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟିକ ପଥ 'ହର୍ମୁଜ୍ ପ୍ରଣାଳୀ' ଉପରେ ନିଜର ନିର୍ଭରଶୀଳତା ହ୍ରାସ କରିବା ପାଇଁ ୟୁଏଇ ଏକ ନୂତନ ବନ୍ଦର ନିର୍ମାଣ କରିବାକୁ ଯୋଜନା କରୁଛି। ୟୁଏଇ ସରକାରଙ୍କ ଅଧୀନରେ ଥିବା ବିଶ୍ୱର ପ୍ରସିଦ୍ଧ ବନ୍ଦର ପରିଚାଳନାକାରୀ ସଂସ୍ଥା 'ଡିପି ୱାର୍ଲ୍ଡ' ସଂଯୁକ୍ତ ଆରବ ଏମିରେଟ୍ସର ପୂର୍ବ ଉପକୂଳରେ ଥିବା ଫୁଜୈରାର୍ ଠାରେ ଏକ ନୂତନ ବହୁମୁଖୀ ବନ୍ଦର ଓ କଣ୍ଟେନର ଟର୍ମିନାଲ୍ ନିର୍ମାଣ କରିବା ପାଇଁ ଆଲୋଚନା ଚଳାଇଛି। ଏହି ନୂତନ ବନ୍ଦର ନିର୍ମାଣ ହେବା ଫଳରେ ମାଲବାହୀ ଜାହାଜଗୁଡ଼ିକୁ ବିବାଦୀୟ ହର୍ମୁଜ ପ୍ରଣାଳୀ ଦେଇ ଯିବାକୁ ପଡ଼ିବ ନାହିଁ। ସେଠାରେ କଣ୍ଟେନରଗୁଡ଼ିକୁ ଓହ୍ଲାଇବା ପରେ ସ୍ଥଳପଥରେ ଟ୍ରକ୍ ଯୋଗେ ଦୁବାଇ, ଆବୁଧାବି ଏବଂ ଅନ୍ୟ ଉପସାଗରୀୟ ଦେଶଗୁଡ଼ିକୁ ସହଜରେ ପଠାଯାଇପାରିବ। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବଂ ଇରାନ ହର୍ମୁଜ ପ୍ରଣାଳୀକୁ ବାରମ୍ବାର ବନ୍ଦ ରଖିବା ଯୋଗୁଁ ଦୁବାଇର ପ୍ରମୁଖ ବନ୍ଦର 'ଜେବେଲ୍ ଅଲି' ର ବ୍ୟବସାୟ



ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଯୁଦ୍ଧ ପୂର୍ବରୁ ଏହି ବନ୍ଦର ଦେଇ ଦୈନିକ ପ୍ରାୟ ୪୦,୦୦୦ କଣ୍ଟେନର ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ମାତ୍ର ୧,୦୦୦ ରେ ପହଞ୍ଚିଛି (ପ୍ରାୟ ୯୭ ପ୍ରତିଶତ ହ୍ରାସ)। ଏହି ବିପୁଳ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ୟୁଏଇ ସରକାର ନିଜ ଅର୍ଥନୀତିକୁ ଭବିଷ୍ୟତର ଯୁଦ୍ଧ ଓ ସଙ୍କଟରୁ ସୁରକ୍ଷିତ ରଖିବା ପାଇଁ ଏହି ବିକଳ୍ପ ବାଣିଜ୍ୟିକ ମାର୍ଗ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଦୁବାଇ ନିଜର ଅନ୍ତର୍ଜାତୀୟ ବ୍ୟାବସାୟିକ ପ୍ରତିଷ୍ଠା ଓ ସାମୁଦ୍ରିକ ବାଣିଜ୍ୟ ସାମର୍ଥ୍ୟକୁ ବଜାୟ ରଖିବ। ଫଳରେ ଆଗାମୀ ଦିନରେ ଇରାନ କିମ୍ବା ଅନ୍ୟ କୌଣସି ଆଞ୍ଚଳିକ ବିବାଦ ୟୁଏଇର ସ୍ଥଳ ବାଣିଜ୍ୟ ଉପରେ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ।

# ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ବ୍ରିଟେନ

ଲଣ୍ଡନ, ୧୮/୦୭ : ବ୍ରିଟେନ ସରକାର ଇରାନର ସାମରିକ ବାହିନୀ 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି) କୁ ଏକ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ବ୍ରିଟେନ ମାଟିରେ ଇହୁଦୀ ସମୁଦାୟ, ଇସ୍ରାଏଲ୍ ଓ ଇରାନର ବିରୋଧୀ ଗଣମାଧ୍ୟମଗୁଡ଼ିକୁ ନିଶାଣ କରି ହୋଇଥିବା ଏକାଧିକ ଆକ୍ରମଣ ଓ ହିଂସାତ୍ମକ ଷଡ଼ଯନ୍ତ୍ର ପଛରେ ଆଇଆରଜିସିର ହାତ ଥିବା ଜଣାପଡ଼ିବା ପରେ ବ୍ରିଟେନ ଏହି ପଦକ୍ଷେପ ନେଇଛି। ବ୍ରିଟେନ ସରକାର 'ନ୍ୟାସନାଲ ସିକ୍ୟୁରିଟି (ଷ୍ଟେଟ୍ ଥ୍ରେଟ୍ସ) ଆକ୍ଟ ୨୦୨୬' ର ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଏହି ପ୍ରତିବନ୍ଧକ ଲଗାଇଛନ୍ତି। ପୂର୍ବରୁ ବ୍ରିଟେନର ଆତଙ୍କବାଦ ନିରୋଧୀ ଆଇନ କେବଳ ଅଣ-ରାଷ୍ଟ୍ରୀୟ ସଂଗଠନ ଉପରେ ଲାଗୁ ହେଉଥିଲା, କିନ୍ତୁ ନୂଆ ଆଇନ ବଳରେ ଏହା ପ୍ରଥମ ଥର ପାଇଁ କୌଣସି ବିଦେଶୀ ରାଷ୍ଟ୍ରର ସରକାରୀ ସାମରିକ ବାହିନୀ ଉପରେ କଟକଣା ଲାଗୁ କରାଯାଇଛି। ବ୍ରିଟେନ ସୁରକ୍ଷା ଏଜେନ୍ସି କହିବା ଅନୁଯାୟୀ, ଇରାନ ସମର୍ଥିତ ଉଗ୍ରବାଦୀ ଗୋଷ୍ଠୀ ବ୍ରିଟେନରେ ପ୍ରାୟ ୭ଟି ବଡ଼ ଆକ୍ରମଣ କରିଛି, ଯେଉଁଥିରେ ଲଣ୍ଡନର ଇହୁଦୀ ସେବା ସଂସ୍ଥାର ଆମ୍ବୁଲାନ୍ସଗୁଡ଼ିକରେ ନିଆଁ ଲଗାଇବା ଘଟଣା ସାମିଲ ଅଛି।ଏହି ସମସ୍ତ ଘଟଣାକୁ ଆଇଆରଜିସିର 'କୁଦ୍ସ ଫୋର୍ସ' ପରିଚାଳିତ କରୁଥିଲା। ଏହା ବ୍ୟତୀତ ବ୍ରିଟେନରେ ରହୁଥିବା ଇରାନୀ ସାମ୍ବାଦିକଙ୍କୁ ହତ୍ୟା କରିବା ପାଇଁ ମଧ୍ୟ ଷଡ଼ଯନ୍ତ୍ର କରାଯାଇଥିଲା। ବ୍ରିଟେନରେ ଆଇଆରଜିସିକୁ ସମର୍ଥନ କରିବା, ଏହାର ସଭା ଆୟୋଜନ କରିବା କିମ୍ବା ଏହାର ଲୋଗୋ ପ୍ରଦର୍ଶନ କରିବା ଏକ ଅପରାଧ ବୋଲି ବିବେଚନା କରାଯିବ। ଏହି ସଂଗଠନ ପାଇଁ କାମ କରୁଥିବା ବ୍ୟକ୍ତିଙ୍କୁ ୧୪ ବର୍ଷରୁ ନେଇ ଆଜୀବନ କାରାଦଣ୍ଡ ଭୋଗିବାକୁ ପଡିବ।




# ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟଙ୍କ ରୋକ

ନୂଆଦିଲ୍ଲୀ, ୧୮/୦୭: ବୁଲଡୋଜର କାର୍ଯ୍ୟାନୁଷ୍ଠାନ ବା 'ବୁଲଡୋଜର ନ୍ୟାୟ' ଉପରେ ସୁପ୍ରିମକୋର୍ଟ ସ୍ପଷ୍ଟ ଏବଂ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋର୍ଟ କହିଛନ୍ତି ଯେ କେବଳ ଅଭିଯୁକ୍ତ ବା ଦୋଷୀ ବୋଲି କହି କାହାର ଘର ଉପରେ ବୁଲଡୋଜର ଚଢ଼ାଇବା ସମ୍ପୂର୍ଣ୍ଣ ବେଆଇନ ଏବଂ ଅସମ୍ବିଧାନିକ। କୌଣସି ବି ସମ୍ପତ୍ତି ଭାଙ୍ଗିବା ପୂର୍ବରୁ ପ୍ରଶାସନକୁ ନିମ୍ନଲିଖିତ ନିୟମ ପାଳନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସମ୍ପତ୍ତି ଭାଙ୍ଗିବା ପୂର୍ବରୁ ମାଲିକଙ୍କୁ ଅତିକମରେ ୧୫ ଦିନ ପୂର୍ବରୁ ଏକ ଲିଖିତ କାରଣ ଦର୍ଶାଅ ନୋଟିସ୍ ଦେବାକୁ ହେବ। ନୋଟିସର ଜବାବ ଦେବା ପାଇଁ ଏବଂ ନିଜର ପକ୍ଷ ରଖିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ମିଳିବ। ଯଦି ପ୍ରଶାସନ ଘର ଭାଙ୍ଗିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ନିଏ, ତେବେ ସେହି ଆଦେଶ ବିରୋଧରେ କୋର୍ଟ କିମ୍ବା ଆପିଲେଟ୍ ଫୋରମକୁ ଯିବା ପାଇଁ ବ୍ୟକ୍ତିଙ୍କୁ ପୁଣି ୧୫ ଦିନର ସମୟ ଦିଆଯିବ। ଉଚ୍ଛେଦ କାର୍ଯ୍ୟର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି କରାଯିବ ଏବଂ ଏହାର ଏକ ରିପୋର୍ଟ ପ୍ରସ୍ତୁତ କରାଯିବ। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ପ୍ରଶାସନ ବା ସରକାର ନିଜେ ବିଚାରପତି ସାଜି କାହାକୁ ଦଣ୍ଡ ଦେଇପାରିବେ ନାହିଁ. କେବଳ କୋର୍ଟ ହିଁ ଅପରାଧୀଙ୍କୁ ଦଣ୍ଡ ଦେଇପାରିବେ। ଜଣେ ବ୍ୟକ୍ତି ଅପରାଧୀ ହୋଇଥିଲେ ମଧ୍ୟ ତାଙ୍କ ଘର ଭାଙ୍ଗି ସମ୍ପୂର୍ଣ୍ଣ ପରିବାରକୁ ମୁଣ୍ଡ ଗୁଞ୍ଜିବାକୁ ଛାତରୁ ବଞ୍ଚିତ କରାଯାଇ ପାରିବ ନାହିଁ। ବୁଲଡୋଜର ଉପରେ ସମ୍ପୂର୍ଣ୍ଣ ରୋକ ନାହିଁ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ନିୟମ ସବୁ ସ୍ଥାନରେ ଲାଗୁ ହେବ ନାହିଁ। ଯଦି କୌଣସି ସରକାରୀ ଜମି, ରାସ୍ତା, ଫୁଟପାଥ, ରେଳ ଧାରଣା, କିମ୍ବା ନଦୀପଠାକୁ ଜବରଦଖଲ କରି ବେଆଇନ ନିର୍ମାଣ କରାଯାଇଥାଏ, ତେବେ ତାହାକୁ ହଟାଇବା ପାଇଁ ବୁଲଡୋଜର ବ୍ୟବହାର କରାଯାଇପାରିବ। ସର୍ବସାଧାରଣ ସ୍ଥାନରେ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ବେଆଇନ ଧାର୍ମିକ ପୀଠ (ମନ୍ଦିର, ମସଜିଦ, ଚର୍ଚ୍ଚ ଇତ୍ୟାଦି) କୁ ବିନା କୌଣସି ଭେଦଭାବରେ ଉଚ୍ଛେଦ କରାଯାଇପାରିବ। ସମ୍ପ୍ରତି ଚାଲିଥିବା ଏକ ଶୁଣାଣିରେ, ସୁପ୍ରିମକୋର୍ଟ ସାରା ଦେଶର ବୁଲଡୋଜର ମାମଲାଗୁଡ଼ିକୁ ସମ୍ପୃକ୍ତ ରାଜ୍ୟର ହାଇକୋର୍ଟକୁ ହସ୍ତାନ୍ତର କରିଛନ୍ତି. ପ୍ରତିଟି ମାମଲାରେ ସରକାର ନିୟମ ପାଳନ କରିଛନ୍ତି କି ନାହିଁ ଏବଂ ଜମିଟି ବେଆଇନ କିମ୍ବା ବ୍ୟକ୍ତିଗତ, ତାହାର ଯାଞ୍ଚ ସ୍ଥାନୀୟ ହାଇକୋର୍ଟ କରିବେ ଏବଂ ୪ ମାସ ମଧ୍ୟରେ ଏହାର ଫଇସଲା କରିବେ। କୋର୍ଟ କହିଛନ୍ତି ଯେ ପ୍ରଶାସନ 'ପିକ-ଏଣ୍ଡ-ଚୁଜ୍' ନୀତି ଆପଣାଇ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଟାର୍ଗେଟ କରିପାରିବେ ନାହିଁ।

**ଉଚ୍ଛେଦକାରୀଙ୍କୁ ମିଳିବ ୧୫ ଦିନର ସମୟ**



# ୨୦ ଦିନ ଧରି ଆମରଣ ଅନଶନରେ ସୋନମ ୱାଙ୍ଗଚୁକ

ନୂଆଦିଲ୍ଲୀ,୧୮/୦୭: ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶବିତ ସୋନମ ୱାଙ୍ଗଚୁକ ଦିଲ୍ଲୀର ଜନ୍ତରମନ୍ତରଠାରେ ବିଗତ ୧୯ ଦିନ ଧରି ଆମରଣ ଅନଶନ (ଭୋକ ହରତାଳ) ଜାରି ରଖିଛନ୍ତି। ଗତ ୨୮ ଜୁନ ୨୦୨୬ ରୁ ସେ କେବଳ ଲୁଣ ପାଣି ପିଇ ଏହି ଅନଶନ କରୁଛନ୍ତି। ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ଲଦାଖର ସୁରକ୍ଷା ପାଇଁ ସେ ଏହି ପ୍ରତିବାଦ ଚଳାଇଛନ୍ତି।

ମେଡିକାଲ ପ୍ରବେଶିକା ପରୀକ୍ଷା 'ନିଟ୍-ୟୁଜି' ପ୍ରଶ୍ନପତ୍ର ଲିକ୍ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ହୋଇଥିବା ଦୁର୍ନୀତି ବିରୋଧରେ ସେ ଆନ୍ଦୋଳନ କରୁଛନ୍ତି। ପରୀକ୍ଷା ପରିଚାଳନାରେ ବିଫଳତା ପାଇଁ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଠିତ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିବାଦକୁ ସମର୍ଥନ ଜଣାଇ ସେ ଏହି ଆମରଣ ଅନଶନରେ ସାମିଲ ହୋଇଛନ୍ତି। ପୂର୍ବଭଳି ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରିବା ଦାବି ମଧ୍ୟ ଏଥିରେ ଜଡ଼ିତ ରହିଛି। ଦୀର୍ଘ ଦିନର ଉପବାସ ଯୋଗୁଁ ୱାଙ୍ଗଚୁକଙ୍କ ଓଜନ ପ୍ରାୟ ୯ କିଲୋଗ୍ରାମରୁ ଅଧିକ କମିଗଲାଣି। ତାଙ୍କର ବର୍ତ୍ତମାନର ଓଜନ ହ୍ରାସ ପାଇ ୫୭.୧୫ କିଲୋଗ୍ରାମକୁ ଚାଲିଆସିଛି। ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟ ଉପରେ ସତତ ନଜର ରଖିଛନ୍ତି। ରକ୍ତଚାପ ଏବଂ ସୁଗାର ସ୍ତର କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଶରୀରର ମୁଖ୍ୟ ଅଙ୍ଗଗୁଡ଼ିକ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଡାକ୍ତର ଚେତାବନୀ ଦେଇଛନ୍ତି। ଅନେକ ବଡ଼ ବଡ଼ ନେତା ଓ ସମର୍ଥକ ଅନଶନ




ଭାଙ୍ଗିବାକୁ ଅନୁରୋଧ କରୁଥିଲେ ମଧ୍ୟ ସେ କହିଛନ୍ତି, "ସରକାରଙ୍କ ପକ୍ଷରୁ କୌଣସି ସକରାତ୍ମକ ଜବାବ ନମିଳିବା ପର୍ଯ୍ୟନ୍ତ ମୁଁ ଓହରିବି ନାହିଁ"। ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଉଥିବାରୁ ତାଙ୍କ ଜୀବନ ରକ୍ଷା ପାଇଁ ଏବଂ ଜୋରଜବରଦସ୍ତ ଖାଦ୍ୟ ଖୁଆଇବା ପାଇଁ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏହା ଉପରେ ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର, ଦିଲ୍ଲୀ ସରକାର ଓ ଦିଲ୍ଲୀ ପୋଲିସକୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସରକାରୀ ଡାକ୍ତରଙ୍କ ଦ୍ୱାରା ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟର ନିୟମିତ ଯାଞ୍ଚ କରାଯାଉ ଏବଂ ଆବଶ୍ୟକ ପଡ଼ିଲେ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଉ। ଜନସମର୍ଥନ ଓ ପରବର୍ତ୍ତୀ ପଦକ୍ଷେପ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ରସଂଘ, ସାମାଜିକ କର୍ମୀ ଏବଂ ରାଜନୈତିକ ନେତାମାନେ ତାଙ୍କୁ ସମର୍ଥନ ଜଣାଉଛନ୍ତି। ଆସନ୍ତା ଜୁଲାଇ ୨୦ ତାରିଖରେ ସଂସଦ ଭବନ ଅଭିମୁଖେ ଏକ ବିଶାଳ ପଦଯାତ୍ରା କରିବାକୁ ସୋନମ ୱାଙ୍ଗଚୁକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

# ସଂସଦରେ ଆଗତ ହେବ ୫ ନୂଆ ବିଲ୍

ନୂଆଦିଲ୍ଲୀ,୧୮/୦୭:ସଂସଦର ଆଗାମୀ ମୌସୁମୀ ଅଧିବେଶନ ପାଇଁ କେନ୍ଦ୍ର ସରକାର ୫ଟି ନୂଆ ବିଲ୍ ଆଗତ କରିବାକୁ ପ୍ରସ୍ତୁତ କରିଛନ୍ତି। ପୂର୍ବରୁ ଜାରି ହୋଇଥିବା ଏକ ଅଧ୍ୟାଦେଶ ବଦଳରେ ଏହି ଆୟକର (ସଂଶୋଧନ) ବିଲ୍, ୨୦୨୬ ବିଲ୍ ଅଣାଯାଉଛି।



ଏହା ଟିକସ ବ୍ୟବସ୍ଥାରେ ସଂଶୋଧନ ଆଣିବା ସହ ସାର୍ବଭୌମ ଋଣ ବଜାରକୁ ଅଧିକ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଏହି ସୁପ୍ରିମକୋର୍ଟ (ବିଚାରପତି ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬ ବିଲ୍ ଅଣାଯାଇଛି। ଏହାଦ୍ୱାରା ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେଇ ସୁପ୍ରିମକୋର୍ଟର ମଞ୍ଜୁରୀପ୍ରାପ୍ତ ବିଚାରପତି ସଂଖ୍ୟା ୩୩ ରୁ ୩୭ କୁ ବୃଦ୍ଧି କରାଯିବ। ଫଳରେ କୋର୍ଟରେ ପେଣ୍ଡିଂ ଥିବା ମାମଲାଗୁଡ଼ିକର ଶୀଘ୍ର ଫଇସଲା ହୋଇପାରିବ। ମୂଳ ୧୯୬୯ ଆଇନର ଧାରା ୧୩(୩) କୁ ସଂଶୋଧନ କରିବା ଏହି ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୬ର ମୁଖ୍ୟ ଲକ୍ଷ୍ୟ। ବିଳମ୍ବରେ ହେଉଥିବା ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ନିୟମକୁ ଏହା ଅଧିକ କଡ଼ାକଡ଼ି ଏବଂ ସ୍ୱଚ୍ଛ କରିବ। ୧୯୭୧ ର ମୂଳ ଆଇନକୁ କଡ଼ାକଡ଼ି କରିବା ପାଇଁ ଏହି ଜାତୀୟ ସମ୍ମାନ ଅପମାନ ପ୍ରତିରୋଧ (ସଂଶୋଧନ) ବିଲ୍, ୨୦୨୬ ବିଲ୍ ପ୍ରସ୍ତୁତ କରାଯାଇଛି। ଜାତୀୟ ପ୍ରତୀକର ଅସମ୍ମାନ କିମ୍ବା ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ଗାନ ସମୟରେ ଉଦ୍ଦେଶ୍ୟମୂଳକ ଭାବେ ବାଧା ସୃଷ୍ଟି କଲେ, ତାହାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ଗଣନା କରାଯିବ। ବ୍ୟବସାୟକୁ ସହଜ କରିବା ଏବଂ ଗଞ୍ଜଗର କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ଏହି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬ ବିଲ୍ ଅଣାଯାଉଛି। ବ୍ୟବସାୟୀଙ୍କ ବିଳମ୍ବିତ ପେମେଣ୍ଟ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥାକୁ ଶକ୍ତ କରାଯିବ ଏବଂ ଏ ବାବଦରେ ରାଜ୍ୟ ସରକାରଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ କରାଯିବ। ସବୁଠାରୁ ଚର୍ଚ୍ଚିତ 'ମହିଳା ସଂରକ୍ଷଣ ଓ ପରିସୀମନ ବିଲ୍'କୁ ଏହି ସୂଚୀରୁ ବାଦ୍ ଦିଆଯାଇଛି।

## ଇ-୨୦ ପେଟ୍ରୋଲ ଉପରେ ବଡ଼ ନିଷ୍ପତ୍ତି

# ଗ୍ରାହକଙ୍କୁ କମ୍ପାନୀ ଦେବ ଏକ ନୂଆ କାର

ନୂଆଦିଲ୍ଲୀ, ୧୮/୦୭ : ଦେଶରେ ଇ-୨୦କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦେଶରେ ଇ-୨୦ ଉପରେ ବିତର୍କ ମଧ୍ୟରେ ଛତିଶଗଡ଼ର ରାୟପୁର ଜିଲ୍ଲା ଗ୍ରାହକ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ଏକ ଜଣାଶୁଣା କାର କମ୍ପାନୀ ଏବଂ ଏହାର ସ୍ଥାନୀୟ ଡିଲରଙ୍କୁ ଜଣେ ଗ୍ରାହକଙ୍କୁ ଠକିବା ଏବଂ ଖରାପ ସେବା ପ୍ରଦାନ କରିବା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଆଦେଶ ଦେଇଛନ୍ତି ଯେ କମ୍ପାନୀ ପ୍ରଭାବିତ ଗ୍ରାହକଙ୍କୁ ସମାନ ମଡେଲର ଏକ ନୂତନ ଇ-୨୦ ପେଟ୍ରୋଲ ଚାଳିତ କାର ଯୋଗାଇବ। ସଭାପତି ପ୍ରଶାନ୍ତ କୁଣ୍ଡୁ ଏବଂ ସଦସ୍ୟ ଡକ୍ଟର ଆନନ୍ଦ ଭାର୍ଗବୀଙ୍କୁ ନେଇ ଗଠିତ ଉପଭୋକ୍ତା ଫୋରମ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ କମ୍ପାନୀ ଏବଂ ଡିଲର ୪୫ ଦିନ ମଧ୍ୟରେ ଗ୍ରାହକଙ୍କୁ ଏକ ନୂତନ କାର ଯୋଗାଇବେ। ଯଦି ଏହା କରାଯାଏ ନାହିଁ, ତେବେ ସେମାନଙ୍କୁ ଆରଟିଓ ଏବଂ ବୀମା ଶୁଳ୍କ ସମେତ କାରର ମୋଟ ମୂଲ୍ୟ, ମୋଟ ୨୦,୫୦,୪୯୪ ଦେବାକୁ ପଡ଼ିବ। ଏହା ସହିତ, ନିର୍ଦ୍ଦେଶ ତାରିଖରୁ ଦେୟ ପର୍ଯ୍ୟନ୍ତ ଏହି ପରିମାଣ ଉପରେ ୭% ବାର୍ଷିକ ସୁଧ ଆଦାୟ କରାଯିବ। କୋର୍ଟ ମାନସିକ ଯନ୍ତ୍ରଣା ପାଇଁ ୧୦୦,୦୦୦ ଏବଂ ମକଦ୍ଦମା ଖର୍ଚ୍ଚ ପାଇଁ ୧୦,୦୦୦ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।




ଏହି ମାମଲାରେ ରାୟପୁରର ଡକ୍ଟର ପ୍ରେମରାଜ ଦେବତାଙ୍କ ସହ ଜଡିତ। ସେ ଜୁନ୍ ୨୦୨୪ ରେ ଏକ ପ୍ରସିଦ୍ଧ କାର କମ୍ପାନୀର ଶୋରୁମ୍ ରୁ ଏକ ନୂତନ କାର କିଣିଥିଲେ। କିନ୍ତୁ କାର କିଣିବାର କିଛି ସମୟ ପରେ, ଏହା ବାରମ୍ବାର ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହେବା ଆରମ୍ଭ କଲା, ଇଞ୍ଜିନ୍ ମଝିରେ ମଝିରେ ବନ୍ଦ ହୋଇଗଲା। ଏହାକୁ କମ୍ପାନୀ ଏବଂ ଡିଲର ୱାରେଣ୍ଟି ଅନୁଯାୟୀ ଆବଶ୍ୟକୀୟ ମାଗଣା ସେବା ପ୍ରଦାନ କରିବାକୁ ମନା କରିଦେଲେ। ଏହା ବଦଳରେ, ତାଙ୍କୁ ପ୍ରାୟ ୫.୫ ଲକ୍ଷର ସେବା ଆକଳନ ଦିଆଯାଇଥିଲା।

କମ୍ପାନୀ ଦାବି କରିଥିଲା ଯେ ପେଟ୍ରୋଲରେ ଇଥାନଲ୍ ପରିମାଣ ଅଧିକ ଥିବାରୁ ଇଞ୍ଜିନ୍ କ୍ଷତି ହୋଇଥିଲା। ଏହା ଉପରେ ଆଧାର କରି କମ୍ପାନୀ ଏହାକୁ ୱାରେଣ୍ଟି ପରିସର ବାହାରେ ଘୋଷଣା କରିଥିଲା। ଯେତେବେଳେ ମାମଲାଟି ଗ୍ରାହକ କୋର୍ଟରେ ପହଞ୍ଚିଲା, ତଦନ୍ତ ସମୟରେ କମ୍ପାନୀର ଦାବି ଉପରେ ପ୍ରଶ୍ନ ଉଠିଲା।

ଶୁଣାଣି ସମୟରେ କୋର୍ଟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ କହିଥିଲେ, ଯାହା କମ୍ପାନୀର ଯୁକ୍ତିକୁ ଦୁର୍ବଳ କରିଦେଇଥିଲା। ପ୍ରଥମତଃ, ଜୁନ୍ ୨୦୨୪ରେ ଡାକ୍ତରଙ୍କୁ ବିକ୍ରି ହୋଇଥିବା କାରଟି ଜାନୁଆରୀ ୨୦୨୩ରେ ନିର୍ମିତ ହୋଇଥିଲା। ଏହାର ଅର୍ଥ ହେଉଛି ପ୍ରାୟ ୧୭ ମାସ ପୁରୁଣା କାରଟି ନୂତନ ଭାବରେ ବିକ୍ରି ହୋଇଥିଲା। ଦ୍ୱିତୀୟତଃ ତଦନ୍ତରୁ ଜଣାପଡ଼ିଲା ଯେ କାରର ଇଞ୍ଜିନ ଇ୨୦ ପେଟ୍ରୋଲ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ନଥିଲା, ଯଦିଓ ସାରା ଦେଶରେ ପେଟ୍ରୋଲ ପମ୍ପଗୁଡ଼ିକ ଏବେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ପ୍ରଦାନ କରନ୍ତି। କୋର୍ଟ ସ୍ୱୀକାର କରିଛନ୍ତି ଯେ କମ୍ପାନୀ କାର ବିକ୍ରୟ କରିବା ସମୟରେ ଗ୍ରାହକମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବାରେ ବିଫଳ ହୋଇଥିଲା।

କୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ ପେଟ୍ରୋଲରେ ମିଶ୍ରିତ ଇଥାନଲ୍ ପରିମାଣ ଉପରେ ଗ୍ରାହକଙ୍କର କୌଣସି ନିୟନ୍ତ୍ରଣ ନାହିଁ। ତେଣୁ ଇଞ୍ଜିନ୍ ବିଫଳତା ପାଇଁ କେବଳ ଗ୍ରାହକଙ୍କୁ ଦାୟୀ କରାଯାଇପାରିବ ନାହିଁ। କୋର୍ଟ ସ୍ୱୀକାର କରିଛନ୍ତି ଯେ କମ୍ପାନୀ ଗ୍ରାହକଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଇ ସେମାନଙ୍କୁ ଭ୍ରମିତ କରିଛି। ଇ୨୦ ପେଟ୍ରୋଲ ଏବଂ ଇଞ୍ଜିନ୍ ବିଫଳତା ସହିତ ଜଡିତ ମାମଲାରେ ଏହି ନିଷ୍ପତ୍ତିକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ।

**ମଧ୍ୟ-ପ୍ରାଚ୍ୟରେ ତିକ୍ତତା**

# ବଢ଼ୁଛି ଆମେରିକା-ଇରାନ ବିବାଦ

## କାର୍ଯ୍ୟକାରୀ ହେଉନି ଜେନେଭା ଚୁକ୍ତି

## ଇରାନର ବନ୍ଦର ଉପରେ ସାମୁଦ୍ରିକ ଅବରୋଧ

ମଧ୍ୟ-ପ୍ରାଚ୍ୟ, ୧୮/୦୭ : ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଚାଲିଥିବା ସାମରିକ ତିକ୍ତତା ବର୍ତ୍ତମାନ ଏକ ଅତି ଭୟଙ୍କର ରୂପ ଧାରଣ କରିଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ପ୍ରତ୍ୟକ୍ଷ ଯୁଦ୍ଧ ଯୋଗୁଁ ସମଗ୍ର ବିଶ୍ୱ ଏବେ ଚିନ୍ତିତ। ପୂର୍ବରୁ ହୋଇଥିବା ଅସ୍ଥାୟୀ ଜେନେଭା ଚୁକ୍ତି କାର୍ଯ୍ୟକାରୀ ନହେବାରୁ ଦୁଇ ଦେଶ ମଧ୍ୟରେ କ୍ରମାଗତ ଭାବେ ସାମରିକ ଆକ୍ରମଣ ଓ ପ୍ରତି-ଆକ୍ରମଣ ଜାରି ରହିଛି। ଆମେରିକୀୟ ବାୟୁସେନା କ୍ରମାଗତ ଭାବେ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଶହ ଶହ ବୋମା ଓ କ୍ଷେପଣାସ୍ତ୍ର ମାଡ଼ କରୁଛି। ସାମ୍ପ୍ରତିକ ଆକ୍ରମଣଗୁଡ଼ିକ କେବଳ ସୀମାନ୍ତରେ ସୀମିତ ନରହି ଇରାନର ରାଜଧାନୀ ତେହେରାନ ଏବଂ ପ୍ରମୁଖ ବନ୍ଦର ସହର ବନ୍ଦର ଆବାସ ପର୍ଯ୍ୟନ୍ତ ବ୍ୟାପିଛି। ଆମେରିକା ପକ୍ଷରୁ ଇରାନର କମାଣ୍ଡ ସେଣ୍ଟର, ଏୟାର ଡିଫେନ୍ସ ସିଷ୍ଟମ, ଡ୍ରୋନ୍ କ୍ଷମତା ଏବଂ ଦକ୍ଷିଣାଞ୍ଚଳର କେତେକ ବ୍ରିଜ୍ ଓ ରେଳ ଜଙ୍କସନ ଭଳି ବେସାମରିକ ଭିତ୍ତିଭୂମିକୁ ମଧ୍ୟ ନଷ୍ଟ କରାଯାଉଛି। ପଡ଼ୋଶୀ ଦେଶଗୁଡ଼ିକ ଉପରେ ପ୍ରହାର: ଆମେରିକାର ଆକ୍ରମଣର ଜବାବରେ ଇରାନ ନିଜର ଶକ୍ତିଶାଳୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ସାହାଯ୍ୟରେ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରୁଛି। ଏହି କ୍ରମରେ କୁଏତ, ବାହାରିନ, ଜର୍ଡାନ ଏବଂ ଓମାନ ଭଳି ଆମେରିକାର ସହଯୋଗୀ ଗଲ୍ଫ ଦେଶଗୁଡ଼ିକ ଉପରେ ଇରାନ ଭୟଙ୍କର ଆକ୍ରମଣ କରିଛି। ଇରାନ ନିଜର ସମର୍ଥିତ ୟେମେନର ହୁଥି ବିଦ୍ରୋହୀମାନଙ୍କ ଜରିଆରେ ଲୋହିତ ସାଗର ଅଞ୍ଚଳରେ ନୂଆ ସାମରିକ ସମ୍ମୁଖ ଭାଗ ଖୋଲିବାକୁ ଧମକ ଦେଇଛି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଶୋଧିତ ତୈଳ ପରିବହନ ଜଳପଥ 'ହର୍ମୁଜ୍ ପ୍ରଣାଳୀ' ଏହି ଯୁଦ୍ଧର ମୁଖ୍ୟ କେନ୍ଦ୍ର ପାଲଟିଛି। ଇରାନ ଏହି ଜଳପଥ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ବନ୍ଦ କରିବାକୁ ଚେଷ୍ଟା କରୁଥିବା ବେଳେ, ଆମେରିକା ଇରାନର ବନ୍ଦରଗୁଡ଼ିକ ଉପରେ କଡ଼ା ସାମୁଦ୍ରିକ ଅବରୋଧ ଲଗାଇଛି। ଇରାନର ଏକ ତୈଳ ଟାଙ୍କର ଉପରେ ମଧ୍ୟ ଆମେରିକା ମିସାଇଲ ମାଡ଼ କରିଛି।

ଏହି ଯୁଦ୍ଧ ଏବଂ ଆକାଶମାର୍ଗରେ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ



ଦୁବାଇ ସମେତ ସମଗ୍ର ମଧ୍ୟପ୍ରାଚ୍ୟରେ ବିମାନ ସେବା ଗମ୍ଭୀର ଭାବେ ବାଧାପ୍ରାପ୍ତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ବହୁ ଆନ୍ତର୍ଜାତୀୟ ଏୟାରଲାଇନ୍ସ ସେମାନଙ୍କର ରୁଟ୍ ବଦଳାଇ ଦେଇଛନ୍ତି। ଅନ୍ୟପଟେ ଇସ୍ରାଏଲ ମଧ୍ୟ ନିଜର ସୀମାନ୍ତରେ ହେଜବୁଲ୍ଲା ଉପରେ ଆକ୍ରମଣ ଜାରି ରଖିଛି ଏବଂ ଆମେରିକୀୟ ବିମାନ ବ୍ୟବହାର କରୁଥିବା ନିଜର ଏୟାରବେସ୍‌ଗୁଡ଼ିକ ଉପରେ ଇରାନର ସମ୍ଭାବ୍ୟ ଆକ୍ରମଣକୁ ଆଖିରେ ରଖି ହାଇ-ଆଲର୍ଟରେ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଚାପ ପ୍ରୟୋଗ କରି ଏକ ନୂଆ ଆଲୋଚନା ଓ ଚୁକ୍ତି ପାଇଁ ବାଧ କରୁଥିବା ବେଳେ, ଇରାନ ନିଜର ଆଭିମୁଖ୍ୟରେ ଅଟଳ ରହିଛି। ଏହି ପରିସ୍ଥିତି ଯଦି ଶୀଘ୍ର ଶାନ୍ତ ନହୁଏ, ତେବେ ବିଶ୍ୱ ବଜାରରେ ତୈଳ ସଂକଟ ଏବଂ ଆର୍ଥିକ ମାନ୍ଦାବସ୍ଥା ଦେଖାଦେବାର ଆଶଙ୍କା ରହିଛି।

ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଚାଲିଥିବା ସାମରିକ ତିକ୍ତତା ବର୍ତ୍ତମାନ ଏକ ଅତି ଭୟଙ୍କର ରୂପ ଧାରଣ କରିଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ପ୍ରତ୍ୟକ୍ଷ ଯୁଦ୍ଧ ଯୋଗୁଁ ସମଗ୍ର ବିଶ୍ୱ ଏବେ ଚିନ୍ତିତ। ପୂର୍ବରୁ ହୋଇଥିବା ଅସ୍ଥାୟୀ ଜେନେଭା ଚୁକ୍ତି କାର୍ଯ୍ୟକାରୀ ନହେବାରୁ ଦୁଇ ଦେଶ ମଧ୍ୟରେ କ୍ରମାଗତ ଭାବେ ସାମରିକ ଆକ୍ରମଣ ଓ ପ୍ରତି-ଆକ୍ରମଣ ଜାରି ରହିଛି।

ଆମେରିକୀୟ ବାୟୁସେନା କ୍ରମାଗତ ଭାବେ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଶହ ଶହ ବୋମା ଓ କ୍ଷେପଣାସ୍ତ୍ର ମାଡ଼ କରୁଛି। ସାମ୍ପ୍ରତିକ ଆକ୍ରମଣଗୁଡ଼ିକ କେବଳ ସୀମାନ୍ତରେ ସୀମିତ ନରହି ଇରାନର ରାଜଧାନୀ ତେହେରାନ ଏବଂ ପ୍ରମୁଖ ବନ୍ଦର ସହର ବନ୍ଦର ଆବାସ ପର୍ଯ୍ୟନ୍ତ ବ୍ୟାପିଛି। ଆମେରିକା ପକ୍ଷରୁ ଇରାନର କମାଣ୍ଡ ସେଣ୍ଟର, ଏୟାର ଡିଫେନ୍ସ ସିଷ୍ଟମ, ଡ୍ରୋନ୍ କ୍ଷମତା ଏବଂ ଦକ୍ଷିଣାଞ୍ଚଳର କେତେକ ବ୍ରିଜ୍ ଓ ରେଳ ଜଙ୍କସନ ଭଳି ବେସାମରିକ ଭିତ୍ତିଭୂମିକୁ ମଧ୍ୟ ନଷ୍ଟ କରାଯାଉଛି। ପଡ଼ୋଶୀ ଦେଶଗୁଡ଼ିକ ଉପରେ ପ୍ରହାର କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଚାପ ପ୍ରୟୋଗ କରି ଏକ ନୂଆ ଆଲୋଚନା ଓ ଚୁକ୍ତି ପାଇଁ ବାଧ କରୁଥିବା ବେଳେ, ଇରାନ ନିଜର ଆଭିମୁଖ୍ୟରେ ଅଟଳ ରହିଛି। ଏହି ପରିସ୍ଥିତି ଯଦି ଶୀଘ୍ର ଶାନ୍ତ ନହୁଏ, ତେବେ ବିଶ୍ୱ ବଜାରରେ ତୈଳ ସଂକଟ ଏବଂ ଆର୍ଥିକ ମାନ୍ଦାବସ୍ଥା ଦେଖାଦେବାର ଆଶଙ୍କା ରହିଛି।

**ଜନବାର୍ତ୍ତା**
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

**ସମ୍ପାଦକୀୟ...**

# କାଠହଣା ଚଢ଼େଇର ଉପାଖ୍ୟାନ

ଭାରତରେ ପାଞ୍ଚ ବର୍ଷରେ ଥରେ ନିର୍ବାଚନ ଅନୁଷ୍ଠିତ ହୁଏ । କେହି କେହି ଜିତନ୍ତି ଓ କେହି କେହି ପରାଜିତ ହୁଅନ୍ତି । ବେଳେବେଳେ ବିଭିନ୍ନ କାରଣରୁ ଅନେକ ଯୋଗ୍ୟ ପ୍ରାର୍ଥୀ ନିର୍ବାଚିତ ହୋଇପାରନ୍ତି ନାହିଁ । ଯେଉଁମାନେ ବିଜୟ ଲାଭ କରନ୍ତି ସେମାନେ ଉଲ୍ଲସିତ ହୋଇ ଉତ୍ସବ ଆୟୋଜନ କରନ୍ତି । ସେମାନେ ଭୁଲିଯାନ୍ତି କାଠହଣା ଛଢେଇର ଉପାଖ୍ୟାନ । ଏକ ସ୍ତ୍ରୀ କାଠହଣା ଚଢ଼େଇ ତା'ର ସ୍ୱାମୀକୁ କହିଲା, 'ଦୂରରେ ଏକ ଅରଣ୍ୟ ଅଛି । ସେଠି ଅଛି ଅନେକ ସୁଆଦିଆ କାଠ । ତୁମେ ସେଠାକୁ ଯାଇ ସୁଆଦିଆ କାଠ ସଂଗ୍ରହ କରିଆଣ ।' ସେହି କାଠଗୁଡ଼ାକ ଖୁବ୍ ଟାଣ ଥିଲା ଓ ସେଗୁଡ଼ାକ ଖୁମ୍ପିବା ସହଜ ନ ଥିଲା । ତଥାପି ସ୍ତ୍ରୀର ପ୍ରେରଣାରେ ସେ ସେହି ଅରଣ୍ୟକୁ ଗଲା ଓ ଏକ ପ୍ରକାଣ୍ଡ ଗଛ ଉପରେ ବସିପଡ଼ି ତାର ଥଣ୍ଟରେ ଗଛ ଉପରେ ପ୍ରଥମ ଆଘାତ ବସାଇଲା । ଠିକ୍ ଏହି ସମୟରେ ଏକ ଭୀଷଣ ବଜ୍ରପାତ ହେଲା । ଗଛଟି ଥିଲା ପୁରୁଣା ଓ ଦୁର୍ବଳ । ଏଣୁ ବଜ୍ରପାତରେ ଗଛଟି ଟଳି ପଡିଲା । ଗଛରେ ବସିଥିବା ଚଢ଼େଇଟି ତଳେ ପଡି ମୂର୍ଚ୍ଛା ହେଲା । ମୂର୍ଚ୍ଛା ଅବସ୍ଥା କଟିଗଲା ପରେ ଆତ୍ମସନ୍ତୋଷରେ ଚଢ଼େଇଟି କହିଲା, ମୁଁ ଏତେ ଶକ୍ତିଶାଳୀ ବୋଲି ପୂର୍ବରୁ ଜାଣି ନ ଥିଲି । ଚଞ୍ଚୁର ଗୋଟିଏ ଆଘାତରେ ଏତେ ପ୍ରକାଣ୍ଡ ଗଛକୁ ଧରାଶାୟୀ କରିଦେଲି । ଏହିଭଳି ଅନେକ ନବନିର୍ବାଚିତ ସାଂସଦ ଓ ବିଧାୟକ କାଠହଣା ନ୍ୟାୟରେ ନିଜର ବିଜୟକୁ ନିଜ କୃତିତ୍ୱ ବୋଲି ଭାବନ୍ତି । ମାତ୍ର ସେମାନଙ୍କର ବିଜୟ ପଛରେ ବହୁ ଦୃଶ୍ୟ ଓ ଅଦୃଶ୍ୟ ଶକ୍ତି (ଦୀର୍ଘ ଶାସନ ଯୋଗୁ ପରିବର୍ତ୍ତନ ଇଚ୍ଛା, ପ୍ରଲୋଭିତ କରିବା ଭଳି ଯୋଜନା ଘୋଷଣା, ଅର୍ଥବଣ୍ଟନ ଆଦି) ଯେ କାମ କରିଥାଏ ସେ ବିଷୟରେ ସେମାନେ ଅଜ୍ଞ ଥାନ୍ତି । ସେହିଭଳି ମିଥ୍ୟା ଅହଂ କବଳିତ ହୋଇ ପରବର୍ତ୍ତୀ ସମୟରେ ଶାସନଗାଦିରେ ବସି କ୍ଷମତାର ଦୁରୁପଯୋଗ କରନ୍ତି ।

ନିର୍ବାଚିତ ହେବାର ଆଭିମୁଖ୍ୟ ହେଉଛି ପ୍ରତ୍ୟକ୍ଷ ଭାବରେ ଦେଶସେବାର ଦାୟିତ୍ୱ ମୁଣ୍ଡାଇବା, ଅନ୍ୟ ପ୍ରାର୍ଥୀଙ୍କୁ ପରାଜିତ କରିବା ନୁହେଁ । କ୍ଷମତା ସହ ଅହଂକୁ ଏକୀଭୂତ କରି ପ୍ରତିପକ୍ଷକୁ ପରାସ୍ତ କରିବାର ଗର୍ବରେ ଉତ୍ଫୁଲ୍ଲିତ ନ ହୋଇ ନିଜ ବିଜୟକୁ ଏକ ଗୁରୁଦାୟିତ୍ୱ ଭାବରେ ଗ୍ରହଣ କଲେ ଗଣତନ୍ତ୍ର ସଫଳ ହୁଏ । ବେଳେବେଳେ ପରାଜୟ ମଧ୍ୟରେ ବିଜୟ ଓ ବିଜୟ ମଧ୍ୟରେ ପରାଜୟ ଲୁକ୍କାୟିତ ଥାଏ । ୧୯୮୦ ମସିହାରେ ଭାରତର ସପ୍ତମ ନିର୍ବାଚନର ଘୋଷଣା ପରେ ବିଶିଷ୍ଟ ଲେଖକ ମନୋଜ ଦାସ ଏହି ପ୍ରସଙ୍ଗରେ ଯେଉଁ ଶର୍ମିଷ୍ଠା-ଦେବଯାନୀ ଉପାଖ୍ୟାନଟି ଲେଖିଥିଲେ, ତାହା ଆଜି ମଧ୍ୟ ପ୍ରାସଙ୍ଗିକ ମନେହୁଏ । ଦାନବ ଗୁରୁ ଶୁକ୍ରାଚାର୍ଯ୍ୟ ଦାନବରାଜ ବୃଷପର୍ବାଙ୍କ ଉଆସରେ ରହୁଥାନ୍ତି । ଗୁରୁକନ୍ୟା ଦେବଯାନୀଙ୍କ ସହ ରାଜକନ୍ୟା ଶର୍ମିଷ୍ଠାଙ୍କ ଥାଏ ନିବିଡ଼ ବନ୍ଧୁତା । ଥରେ ଉଭୟେ ପରିଚାରିକାମାନଙ୍କ ସହ ଏକ ସରୋବରକୁ ସ୍ନାନ କରିବାକୁ ଯାଇଥାନ୍ତି । ସରୋବର କୂଳରେ ପରିହିତ ବସ୍ତ୍ର ରଖି ସେମାନେ ସ୍ନାନ କଲେ । ଆସିଲା ଝଡ଼ । ବସ୍ତ୍ରଗୁଡିକ ଇତଃସ୍ତତଃ ହୋଇଗଲା । ସ୍ନାନାନ୍ତେ ଶର୍ମିଷ୍ଠା ଭ୍ରମବଶତଃ ଦେବଯାନୀଙ୍କ ବସ୍ତ୍ର ପରିଧାନ କରିପକାଇଲା । ଏହା ଦେଖି ଦେବଯାନୀ ଶର୍ମିଷ୍ଠାଙ୍କୁ କହିଲେ "ତୁମେ ଶିଷ୍ୟକନ୍ୟା ହୋଇ ଗୁରୁପୁତ୍ରୀଙ୍କ ବସ୍ତ୍ର ପରିଧାନ କରିବାକୁ ସାହସ କଲ କିପରି? ତୁମ ପିତା ମୋ ପିତାଙ୍କ ଦାନ ଓ ଦକ୍ଷିଣା ଗ୍ରହଣ କରି ଜୀବନ ଧାରଣ କରନ୍ତି । ତୁମେ ଜଣେ ଭିକ୍ଷୁକ କନ୍ୟା । ମାତ୍ର ମୁ ରାଜକନ୍ୟା ।" ଏହିଭଳି ଯୁକ୍ତିତର୍କ ଭୟଙ୍କର ରୂପ ନେଲା ଓ ଶେଷରେ ଶର୍ମିଷ୍ଠା କ୍ରୋଧରେ ଦେବଯାନୀଙ୍କୁ ଏକ ଶୁଷ୍କକୂପରେ ନିକ୍ଷେପ କରି ଚାଲିଗଲେ । ପରବର୍ତ୍ତୀ ସମୟରେ କୂଅ ଭିତରୁ ଆର୍ତ୍ତନାଦ ଶୁଣି ଶିକାର ଉଦ୍ଦେଶ୍ୟରେ ଭ୍ରମଣ କରୁଥିବା ରାଜା ଯଯାତି ସେହି କୂଅରୁ ତାଙ୍କୁ ଉଦ୍ଧାର କଲେ । ଗୁରୁ ଶୁକ୍ରାଚାର୍ଯ୍ୟ କନ୍ୟା ଅପମାନର ପ୍ରତିଶୋଧ ନେବା ପାଇଁ ରାଜା ବୃଷପର୍ବାଙ୍କ ଉଆସ ପରିତ୍ୟାଗ କରିବାକୁ ଉଦ୍ୟତ ହୁଅନ୍ତେ, ବୃଷପର୍ବା ତାଙ୍କୁ ଉଆସ ନ ଛାଡିବାକୁ ବିନମ୍ର ଅନୁରୋଧ କଲେ । ଶୁକ୍ରାଚାର୍ଯ୍ୟ ସମ୍ମତ ହେଲେ ନିଜ କନ୍ୟା ଦେବଯାନୀର ଏକ ସର୍ତ୍ତରେ । ସର୍ତ୍ତଟି ଥିଲା ଶର୍ମିଷ୍ଠା ଦେବଯାନୀଙ୍କ ଦାସୀ ହେବେ । ସର୍ତ୍ତ ପାଳନ ହେଲା । ଦେବଯାନୀ ବିଜୟୀ ହେଲେ । ରାଜା ଯଯାତିଙ୍କ ସହ ତାଙ୍କର ବିବାହ ହେଲା ଓ ଶର୍ମିଷ୍ଠା ଦାସୀ ଭାବରେ ଆସିଲେ ରାଜା ଯଯାତିଙ୍କ ନଅରକୁ । କାଳକ୍ରମେ ରାଜା ଶର୍ମିଷ୍ଠାଙ୍କ ପ୍ରତି ପ୍ରଣୟାସକ୍ତ ହେଲେ ଓ ତାଙ୍କୁ ବିବାହ କଲେ । ସେଦିନ ଦେବଯାନୀ ବୁଝିଲେ, ଶର୍ମିଷ୍ଠାଙ୍କ ଉପରେ ତାଙ୍କର ସେ ଦିନର ବିଜୟ ଭିତରେ ନିହିତ ଥିଲା ତାଙ୍କ ଭବିଷ୍ୟତ ପରାଜୟ । ଏଣୁ ଯେଉଁମାନେ ନିର୍ବାଚନରେ ଜିତନ୍ତି ସେମାନେ ହୃଦୟଙ୍ଗମ କରିବା ଉଚିତ, ସେମାନଙ୍କ ବିଜୟ ଅନନ୍ତ ନୁହେଁ, ହୁଏତ ତା' ଭିତରେ ଲୁଚି ଥାଇପାରେ ଆଗାମୀ ପରାଜୟ । ଏହି ଦୃଷ୍ଟିଭଙ୍ଗୀ ପୋଷଣ କଲେ ମଣିଷ କ୍ଷମତାନ୍ଧ ହେବ ନାହିଁ ।

**ନିର୍ବାଚନରେ ବିଜୟ ଅହଙ୍କାର ନୁହେଁ**
**ଦାୟିତ୍ୱ ନେବାର ଆହ୍ୱାନ**

ଆମର ଏକ ସାଧାରଣ ଧାରଣା ଯେ, କ୍ଷମତା ମଣିଷକୁ ଅନ୍ଧ କରିଦିଏ । କ୍ଷମତାନ୍ଧ ମଣିଷ କ୍ଷମତାର ଦୁରୁପଯୋଗ କରି ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି କରେ । ଲର୍ଡ ଏକ୍ଟନ୍ କହିଥିଲେ 'କ୍ଷମତା ଦୁର୍ନୀତିପରାୟଣ କରାଏ । ସୀମାହୀନ କ୍ଷମତା ସୀମାହୀନ ମାତ୍ରାରେ ଦୁର୍ନୀତିପରାୟଣ କରେ ।' ଏହା ସତ୍ୟ, ମାତ୍ର ଆଂଶିକ ସତ୍ୟ । କ୍ଷମତା ଉପଭୋଗ କଲା ପରେ ମଣିଷ କ୍ଷମତା ପ୍ରତି ଆସକ୍ତ ହୋଇଯାଏ । କ୍ଷମତା ଛାଡ଼ିବାକୁ ଆଉ ତାର ଇଚ୍ଛା ହୁଏନାହିଁ । ଏଣୁ କାଳେ କ୍ଷମତା ଚାଲିଯିବ ଏହି ଭୟ ତାକୁ ଗ୍ରାସ କରେ । ଏଣୁ ସେ କଳେବଳେ କୌଶଳେ କ୍ଷମତା ବଜାୟ ରଖିବା ପାଇଁ ନାନାଦି ଅସତ ଉପାୟ ଅବଲମ୍ବନ କରେ ଓ ଦୁର୍ନୀତିଗ୍ରସ୍ତ ହୁଏ । ଏଣୁ ଜନ ଷ୍ଟେଇନ୍‌ବେକ୍ କହିଥିଲେ 'କ୍ଷମତା ଦୁର୍ନୀତିପରାୟଣ କରେନାହିଁ ସମ୍ଭବତଃ କ୍ଷମତା ଚାଲିଯିବାର ଭୟ ତାକୁ ଦୁର୍ନୀତିପରାୟଣ କରେ ।' ମାତ୍ର ସବୁ କ୍ଷମତାଶାଳୀ ବ୍ୟକ୍ତି ଯେ ଦୁର୍ନୀତିଗ୍ରସ୍ତ, ଅନ୍ୟାୟୀ ଓ ଅତ୍ୟାଚାରୀ, ସେ କଥା ଠିକ୍ ନୁହେଁ । ରାମଚନ୍ଦ୍ର ବନବାସ ଗମନ ପରେ ଭରତ ରାଜ୍ୟଭାର ଗ୍ରହଣ କଲେ । ମାତ୍ର କ୍ଷମତା ତାଙ୍କୁ ଅନ୍ଧ କରି ନ ଥିଲା । ସେ ରାଜ୍ୟ ଶାସନ କଲେ ରାମଚନ୍ଦ୍ରଙ୍କ ପ୍ରତିନିଧି ଭାବରେ । ସ୍ୱଭାବରେ ବିନମ୍ରତା ବଜାୟ ରଖିଲେ, ଅଯୋଧ୍ୟାବାସୀଙ୍କୁ ସେ ସୁଶାସନ ଦେଲେ । ବିଶିଷ୍ଟ ଲେଖକ ଜର୍ଜ ବର୍ଣ୍ଣାଡ ଶ କହିଥିଲେ 'କ୍ଷମତା ବ୍ୟକ୍ତିକୁ ଦୁର୍ନୀତି ପରାୟଣ କରେ ନାହିଁ । ନିର୍ବୋଧମାନେ ଯଦି କ୍ଷମତାସୀନ ହୁଅନ୍ତି, ସେମାନେ ହିଁ କ୍ଷମତାକୁ ଦୁର୍ନୀତିମୟ କରିପକାନ୍ତି ।' ମୋଟ ଉପରେ କହିବାକୁ ଗଲେ ଗର୍ବ ବା ଅହଂବୋଧ କ୍ଷମତାରେ ନ ଥାଏ, ଏହା ଥାଏ ଆମ ଚେତନାରେ । କ୍ଷମତା ତାର ପରିପ୍ରକାଶ ଦିଗରେ ସୁଯୋଗ ଦିଏ । କ୍ଷମତା ଅହଂର ହେତୁ ନୁହେଁ କି ସ୍ରଷ୍ଟା ନୁହେଁ । ଯେଉଁମାନେ ନିଜ ଜୀବନର ଆଭିମୁଖ୍ୟ ସମ୍ପର୍କରେ ସଚେତନ, ସେମାନେ କ୍ଷମତାର ବ୍ୟବହାରଠୁ ନିଜ ଅହଂକୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ରଖିବାର ଉଦ୍ୟମ କରିଥାନ୍ତି । ସେହି ଉଦ୍ୟମରେ ସଫଳ ହେଲେ ଲର୍ଡ ଏକ୍ଟନ୍‌ଙ୍କ ଉକ୍ତି 'କ୍ଷମତା ମଣିଷକୁ ଦୁର୍ନୀତିପରାୟଣ କରେ' ଭୁଲ ପ୍ରମାଣିତ ହୁଏ । ଯେଉଁଦିନ ମଣିଷ ବିଶିଷ୍ଟ ଚିନ୍ତାନାୟକ ଇମରସନ୍‌ଙ୍କ କଥାକୁ ଶୁଣିବ ସେଦିନ କ୍ଷମତା ମଣିଷକୁ ଦୁର୍ନୀତିପରାୟଣ କରିବ ନାହିଁ । ଉକ୍ତିଟି ହେଲା 'ମଣିଷକୁ ତା' ନିଜ ସମ୍ମାନ ଜଗିବା ଦରକାର ନ ପଡୁ, ତା' ସମ୍ମାନବୋଧ ତାକୁ ଜଗିରହୁ (Let not a man guard his dignity but let his dignity guard him) ମଣିଷ ଭିତରେ ସ୍ୱତଃସ୍ଫୂର୍ତ୍ତ ସମ୍ମାନବୋଧ ଥିଲେ ସେ ବହୁ ଅନୁଚିତ ଆଚରଣରୁ ବିରତ ରହିବ । ଦେଢ଼ଶହରୁ ଊର୍ଦ୍ଧ୍ୱ ବର୍ଷରୁ ଅଧିକ କାଳ ତଳେ ଉଚ୍ଚାରିତ କଥାଟି ଆଜିର କ୍ଷମତାଧାରୀ ବ୍ୟକ୍ତିଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ।

# ରଥ କାଠର ସଙ୍କଟ ଓ ବୃକ୍ଷ ସୁରକ୍ଷାର ଏକ ନୂଆ ଦାୟିତ୍ୱ

ରଥଯାତ୍ରା କେବଳ ଏକ ପର୍ବ ନୁହେଁ; ଏହା ହେଉଛି ଓଡ଼ିଆ ଜନଜୀବନର ଆସ୍ଥା, ପରମ୍ପରା ଓ ସାମୂହିକ ଭାବନାର ମହାଉତ୍ସବ । କିନ୍ତୁ ଏହି ପବିତ୍ର ପରମ୍ପରାର ପଛରେ ଯେଉଁ ମୌଳିକ ଆଧାର ରହିଛି—ରଥକାଠ—ସେଇ କାଠ ଯୋଗାଡ଼ ପ୍ରତିବର୍ଷ ଦିନକୁଦିନ ଅଧିକ ଜଟିଳ ହେଉଛି । ୨୦୨୫ରେ ଶ୍ରୀମନ୍ଦିର ପ୍ରଶାସନ ଦାରୁ ଚୟନ ପାଇଁ ସାର୍ବଜନୀନ ଭାବରେ ବିଜ୍ଞାପନ ଜାରି କରିଥିଲା, ଏବଂ ରଥଯାତ୍ରା ପାଇଁ କାଠର ଅଭାବ, ବିଳମ୍ବ ଓ ସପ୍ଲାଇ ସମସ୍ୟା ସ୍ପଷ୍ଟ ଭାବରେ ପ୍ରକାଶକୁ ଆସିଥିଲା । ଏହା କେବଳ ପ୍ରଶାସନିକ ସମସ୍ୟା ନୁହେଁ; ଏହା ପରିବେଶୀୟ ଓ ନୀତିଗତ ଚିନ୍ତାର ବିଷୟ ।



ଶ୍ରୀଜଗନ୍ନାଥଙ୍କ ରଥନିର୍ମାଣ ପାଇଁ ପ୍ରତିବର୍ଷ ବହୁ ପରିମାଣର ନିର୍ଦ୍ଦିଷ୍ଟ ପ୍ରକାରର କାଠ ଆବଶ୍ୟକ ହୁଏ, ଏବଂ ୨୦୨୫ର ତଥ୍ୟ ଦେଖାଏ ଯେ ୮୦୦ରୁ ଅଧିକ କାଠ ଖଣ୍ଡ ଆବଶ୍ୟକ ଥିଲା । ଯେତେବେଳେ ଏପରି ବିଶାଳ ଆବଶ୍ୟକତା ପାଇଁ ଉପଯୁକ୍ତ ଗଛ ମିଳିବା କଷ୍ଟସାଧ୍ୟ ହୁଏ, ସେତେବେଳେ ପରମ୍ପରାର ମର୍ଯ୍ୟାଦା ରକ୍ଷା କରିବା ସହିତ ସ୍ଥାୟୀ ସମାଧାନ ଖୋଜିବା ଅନିବାର୍ଯ୍ୟ ହୋଇଯାଏ । ଏହା ଦେଖାଇଦେଉଛି ଯେ ଭକ୍ତିର ଭାବନା ଯେତେ ପବିତ୍ର ହେଉ, ପ୍ରକୃତିର ସୀମାକୁ ଅଦେଖା କରିହେବ ନାହିଁ । ରଥକାଠ ସଂଗ୍ରହର ପାରମ୍ପରିକ ପଦ୍ଧତି ବହୁଦିନ ଧରି ଚାଲିଆସୁଥିବା ସତ୍ତ୍ୱେ, ଆଜି ଜଙ୍ଗଲ ଅପଚୟ, ପ୍ରାକୃତିକ ସମ୍ପଦର ହ୍ରାସ ଓ ସଠିକ୍ ପ୍ରଜାତିର ଗଛ ପାଇବାର ଅଭାବ ଏହାକୁ ଚାପରେ ପକାଇଛି । ୨୦୨୫ରେ ଗଜପତି ମହାରାଜା ନିଜେ କାଠ ଅଭାବକୁ ନେଇ ସରକାରୀ ପଦକ୍ଷେପର ଆବଶ୍ୟକତା ଉଠାଇଥିଲେ, ଯାହାରୁ ବୁଝାଯାଏ ଯେ ଏହି ବିଷୟଟି କେବଳ କିଛି ସେବାୟତ ବା ପ୍ରଶାସନର ସୀମିତ ସମସ୍ୟା ନୁହେଁ । ଯେତେବେଳେ ରଥନିର୍ମାଣ ଭଳି ଏକ ଜାତୀୟ ସାଂସ୍କୃତିକ କାର୍ଯ୍ୟ ଅସୁବିଧାରେ ପଡ଼େ, ତେବେ ଏହା ସାମୂହିକ ଚିନ୍ତାରେ ପରିଣତ ହେବା ଉଚିତ । ଏହି ସଙ୍କଟର ମୂଳରେ ଦୁଇଟି କଥା ରହିଛି—ପ୍ରଥମେ, ନିର୍ଦ୍ଦିଷ୍ଟ ଜାତିର କାଠକୁ ନିୟମିତ ଭାବରେ ଉପଲବ୍ଧ କରାଇବା କଷ୍ଟକର; ଦ୍ୱିତୀୟ, ଏପରି ବୃକ୍ଷ ସଂରକ୍ଷଣ ଓ ପୁନଃରୁତ୍ପାଦନ ପାଇଁ ଦୀର୍ଘକାଳୀନ ଯୋଜନା ଅଭାବ । ପରମ୍ପରାକୁ ଅଟୁଟ ରଖିବା ପାଇଁ କେବଳ ଭକ୍ତି ଯଥେଷ୍ଟ ନୁହେଁ; ଗଭୀର ପରିବେଶ-ନୀତି, ବନପରିଚାଳନା ଓ ସଂସ୍ଥାଗତ ସହଯୋଗ ଆବଶ୍ୟକ ।



**ଅଭିଷେକ ଯୋଶୀ**
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ଏହି ପରିପ୍ରେକ୍ଷୀତରେ ବାରିପଦାର ଦ୍ୱିତୀୟ ଶ୍ରୀକ୍ଷେତ୍ରର ପରମ୍ପରା ବହୁତ ଶିକ୍ଷାଦାୟକ । ସେଠାରେ ପ୍ରତିବର୍ଷ ରଥକୁ ଖୋଲି କାଠକୁ ସୁରକ୍ଷିତ ରଖାଯାଏ, ଏବଂ ପରବର୍ତ୍ତୀ ବର୍ଷରେ ଆବଶ୍ୟକତା ଅତ୍ୟନ୍ତ କମ୍ ହୋଇଥାଏ । ଏହି ପଦ୍ଧତି ଦୀର୍ଘକାଳୀନ ଭାବରେ କାଠର ଚାପକୁ କମାଇଛି ଏବଂ ବୃକ୍ଷସୁରକ୍ଷାକୁ ମଧ୍ୟ ସୁଦୃଢ଼ କରିଛି । ତଥା, ସେଠାରେ ମାଁ ସୁଭଦ୍ରାଙ୍କ ରଥ ମହିଳାମାନଙ୍କ ଦ୍ୱାରା ଟଣାଯାଇଥାଏ—ଏହା ପରମ୍ପରାର ମଧ୍ୟରେ ଅନ୍ତର୍ଭୁକ୍ତିର ଏକ ଉତ୍ତମ ଦୃଷ୍ଟାନ୍ତ । ଏହି ମଡେଲ୍ ରୁ ପୁରୀ ଓ ଅନ୍ୟ ରଥଯାତ୍ରା ସ୍ଥଳ ଗୁଡ଼ିକ ଗଭୀର ଶିକ୍ଷା ନେଇପାରନ୍ତି । ବାରିପଦାର ପ୍ରଥା କହେ ଯେ, ପରମ୍ପରାକୁ ବଜାୟ ରଖିବାର ଅର୍ଥ ପ୍ରତିବର୍ଷ ସବୁକିଛି ନୂଆ କରିବା ନୁହେଁ; ଅନେକ ସମୟରେ ସୁଚିନ୍ତିତ ସଂରକ୍ଷଣ ଓ ପୁନଃବ୍ୟବହାର ହିଁ ପରମ୍ପରାକୁ ଅଧିକ ସୁଦୃଢ଼ କରେ । ୨୦୨୫ରେ ରଥକାଠ ଯୋଗାଡ଼ରେ ସ୍ଥାନୀୟ ଭକ୍ତମାନଙ୍କ ଓ ଦାତାମାନଙ୍କ ଅବଦାନ ଉଲ୍ଲେଖନୀୟ ଥିଲା । ଗଞ୍ଜାମ, ବରଗଡ଼, ନୟାଗଡ଼ ଓ ଢ଼େଙ୍କାନାଳ ଆଦି ଜିଲ୍ଲାରୁ କାଠ ଦାନ ହୋଇଥିବା ତଥ୍ୟ ଏହାକୁ ସ୍ପଷ୍ଟ କରେ । କିନ୍ତୁ ଦାନ ଉପରେ ଅତ୍ୟଧିକ ନିର୍ଭରଶୀଳତା ନୀତିଗତ ଭାବେ ଦୀର୍ଘମିଆଦି ସମାଧାନ ନୁହେଁ । ଏହିଥିରେ ଶ୍ରୀମନ୍ଦିର ପ୍ରଶାସନ, ସରକାର, ବନବିଭାଗ, ଗଜପତି ମହାରାଜାଙ୍କ ପ୍ରତିନିଧି ଓ ସେବାୟତ ନିଯୋଗମାନଙ୍କ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ । ରଥକାଠ ପାଇଁ ଏକ ସ୍ଥାୟୀ "ବନ ପ୍ରକଳ୍ପ" ବା ନିର୍ଦ୍ଦିଷ୍ଟ ଗଛର ସଂରକ୍ଷିତ କ୍ଷେତ୍ର ସୃଷ୍ଟି କରିବା ଏବେ ସମୟର ଦାବି ।

ଏଠାରେ ପ୍ରଶ୍ନ ହେଉଛି—ଆମେ କି ପରମ୍ପରାକୁ କେବଳ ରିତିରେ ରଖିବୁ, ନା ତାହାର ପଛର ସମ୍ପଦକୁ ମଧ୍ୟ ସୁରକ୍ଷିତ କରିବୁ? ଯଦି ରଥଯାତ୍ରାର ମୂଳ ଅର୍ଥ ହେଉଛି ସମାଜକୁ ଏକତ୍ର କରିବା, ତେବେ ରଥକାଠ ସଂରକ୍ଷଣରେ ମଧ୍ୟ ସେଇ ଏକତା ଦେଖାଯିବା ଦରକାର । ଏଥିପାଇଁ ପ୍ରଥମ ପଦକ୍ଷେପ ହେଉଛି ରଥକାଠ ପାଇଁ ବୈଜ୍ଞାନିକ ଓ ପରିବେଶମୂଳକ ଯୋଜନା । କେଉଁ ପ୍ରଜାତିର ଗଛ କେତେ ଆବଶ୍ୟକ, କେଉଁ ଅଞ୍ଚଳରେ ସେମାନେ ଚାଷ ହେବେ, କେବେ କାଟାଯିବେ—ଏହାର ଦୀର୍ଘମିଆଦି କାର୍ଯ୍ୟପଟ ହେବା ଦରକାର । ଦ୍ୱିତୀୟତଃ, ଜଙ୍ଗଲ ବିଭାଗ ଓ ମନ୍ଦିର ପ୍ରଶାସନ ମିଶି ବୃକ୍ଷରୋପଣ ଓ ସଂରକ୍ଷଣର ଅଲଗା କରିଡୋର ସୃଷ୍ଟି କରିପାରନ୍ତି । ତୃତୀୟତଃ, ସ୍ଥାନୀୟ ଭକ୍ତ ଓ ବନଶ୍ରମିକମାନଙ୍କୁ ନିୟମିତ ଅନୁପ୍ରେରଣା ଦେଇ ଏକ ସେବାଭିତ୍ତିକ ସହଯୋଗୀ ମଡେଲ୍ ଗଢ଼ିବା ଦରକାର ।

ଏହା ସହ, ପ୍ରତିବର୍ଷ ରଥ ନିର୍ମାଣ ପାଇଁ ଯେଉ କାଠ ଆବଶ୍ୟକ, ସେଥିର ଏକ ଡିଜିଟାଲ୍ ଭଣ୍ଡାର, ସପ୍ଲାଇ ଚେନ୍ ଟ୍ରାକିଂ, ଦାନକାରୀଙ୍କ ସୂଚନା ଓ ନିରୀକ୍ଷଣ ବ୍ୟବସ୍ଥା ରହିଲେ ପାରଦର୍ଶିତା ଆସିବ । ଏହା କେବଳ ପ୍ରଶାସନକୁ ସହଜ କରିବ ନୁହେଁ, ଭକ୍ତମାନଙ୍କ ବିଶ୍ୱାସକୁ ମଧ୍ୟ ସୁଦୃଢ଼ କରିବ ।

ଶ୍ରୀଜଗନ୍ନାଥଙ୍କ ରଥ ଶକ୍ତି, ଶ୍ରଦ୍ଧା ଓ ସମାଜୀକ ସମନ୍ୱୟର ପ୍ରତୀକ । ଏହାର କାଠ ସୁରକ୍ଷା କରିବା ମାନେ କେବଳ କିଛି ଗଛ ବଞ୍ଚାଇବା ନୁହେଁ; ଏହା ଭବିଷ୍ୟତର ପରମ୍ପରାକୁ ସୁରକ୍ଷିତ କରିବା । ଯଦି ଆଜିଠାରୁ ଆମେ ଦାୟିତ୍ୱପୂର୍ଣ୍ଣ ନୀତି, ସଂରକ୍ଷଣମୂଳକ ଯୋଜନା ଓ ସାମୁହିକ ସଚେତନତା ଗ୍ରହଣ କରୁ, ତେବେ ରଥଯାତ୍ରାର ମହିମା ଆଗାମୀ ପିଢ଼ି ପାଇଁ ଅକ୍ଷୁଣ୍ଣ ରହିବ । ଭକ୍ତି ସହିତ ବୃକ୍ଷସୁରକ୍ଷା ଯୋଡ଼ିହେଲେ, ସେହି ପରମ୍ପରା ସବୁଠାରୁ ଅଧିକ ପବିତ୍ର ହୋଇଉଠେ । ଜୟ ଶ୍ରୀ ଜଗନ୍ନାଥ ।

# ଭାରତର ଶାସନ ଯାତ୍ରା : ପ୍ରାଚୀନ ସାମ୍ରାଜ୍ୟରୁ ସ୍ୱାଧୀନତା ପର୍ଯ୍ୟନ୍ତ



**ସିତାଂଶୁ ଶେଖର ମିଶ୍ର**
ଶାନ୍ତି ନଗର, ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯



୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କଲା । କିନ୍ତୁ ଏହି ସ୍ୱାଧୀନତା କୌଣସି ଆକସ୍ମିକ ଘଟଣା ନୁହେଁ; ଏହା ହଜାର ହଜାର ବର୍ଷର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନର ପରିଣାମ । ଭାରତର ଇତିହାସ କେବଳ ଶାସକ ବଦଳର ଇତିହାସ ନୁହେଁ, ବରଂ ବିଭିନ୍ନ ସଭ୍ୟତା, ସଂସ୍କୃତି ଓ ଶାସନ ବ୍ୟବସ୍ଥାର ସମନ୍ୱୟର ଇତିହାସ । ସ୍ୱାଧୀନତା ପୂର୍ବରୁ ଭାରତ ବିଭିନ୍ନ ରାଜବଂଶ ଓ ବିଦେଶୀ ଶକ୍ତିଙ୍କ ଅଧୀନରେ ରହିଥିଲା ।

ପ୍ରାଚୀନ ଭାରତର ସାମ୍ରାଜ୍ୟ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମୌର୍ଯ୍ୟ ସାମ୍ରାଜ୍ୟ ପ୍ରଥମ ଥର ପାଇଁ ଭାରତର ବିଶାଳ ଭୂଭାଗକୁ ଏକ ରାଜନୈତିକ ଏକତାରେ ବାନ୍ଧିଥିଲା । ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସମ୍ରାଟ ଅଶୋକଙ୍କ ଶାସନକାଳ ଭାରତୀୟ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ ଭାବେ ପରିଗଣିତ । ମୌର୍ଯ୍ୟ ସାମ୍ରାଜ୍ୟ ପ୍ରାୟ ୧୩୭ ବର୍ଷ (ଖ୍ରୀ.ପୂ. ୩୨୨–୧୮୫) ଧରି ରହିଥିଲା । ତା'ପରେ ଗୁପ୍ତ ସାମ୍ରାଜ୍ୟ (ପ୍ରାୟ ୩୨୦–୫୫୦ ଖ୍ରୀଷ୍ଟାବ୍ଦ) ଭାରତକୁ ସାହିତ୍ୟ, ବିଜ୍ଞାନ, ଗଣିତ ଓ କଳାର କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଦେଇଥିଲା । ଏହି ସମୟକୁ ଭାରତର "ସ୍ୱର୍ଣ୍ଣ ଯୁଗ" ବୋଲି କୁହାଯାଏ । ମଧ୍ୟଯୁଗ : ଦିଲ୍ଲୀ ସୁଲତାନ ଓ ମୋଗଲ ଶାସନ ୧୨୦୬ ମସିହାରେ ଦିଲ୍ଲୀ ସୁଲତାନତର ସ୍ଥାପନା ସହିତ ଉତ୍ତର ଭାରତରେ ମୁସଲିମ ଶାସନର ଆରମ୍ଭ ହେଲା । ମମଲୁକ, ଖିଲଜି, ତୁଘଲକ, ସୟିଦ ଓ ଲୋଦୀ ବଂଶ ମିଶି ପ୍ରାୟ ୩୨୦ ବର୍ଷ (୧୨୦୬–୧୫୨୬) ଧରି ଦିଲ୍ଲୀକୁ କେନ୍ଦ୍ର କରି ଶାସନ କରିଥିଲେ । ୧୫୨୬ ମସିହାରେ ବାବରଙ୍କ ବିଜୟ ସହିତ ମୋଗଲ ସାମ୍ରାଜ୍ୟର ଆରମ୍ଭ ହେଲା । ଅକବର, ଜାହାଙ୍ଗୀର, ଶାହଜାହାନ ଓ ଔରଙ୍ଗଜେବଙ୍କ ଭଳି ଶାସକମାନେ ଭାରତର ରାଜନୈତିକ ଓ ସାଂସ୍କୃତିକ ଇତିହାସକୁ ଗଭୀର ଭାବେ ପ୍ରଭାବିତ କରିଥିଲେ । ମୋଗଲ ସାମ୍ରାଜ୍ୟ ପ୍ରାୟ ୩୩୧ ବର୍ଷ (୧୫୨୬–୧୮୫୭) ଧରି ନାମମାତ୍ରରେ ରହିଥିଲା, ଯଦିଓ ୧୮ଶ ଶତାବ୍ଦୀରୁ ଏହାର ପ୍ରକୃତ ଶକ୍ତି କ୍ଷୀଣ ହୋଇଯାଇଥିଲା ।

ବ୍ରିଟିଶ ଶାସନ : ଉପନିବେଶବାଦର ଯୁଗ : ୧୬୦୦ ମସିହାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ବାଣିଜ୍ୟ ଆରମ୍ଭ କରିଥିଲା । ୧୭୫୭ ମସିହାର ପ୍ଲାସୀ ଯୁଦ୍ଧ ପରେ କମ୍ପାନୀ ଧୀରେ ଧୀରେ ରାଜନୈତିକ ନିୟନ୍ତ୍ରଣ ସ୍ଥାପନ କଲା । ୧୭୫୭ରୁ ୧୮୫୮ ପର୍ଯ୍ୟନ୍ତ ପ୍ରାୟ ୧୦୧ ବର୍ଷ ଭାରତର ବିଶାଳ ଅଂଶ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନାଧୀନରେ ରହିଥିଲା । ୧୮୫୭ର ସିପାହୀ ବିଦ୍ରୋହ ପରେ ବ୍ରିଟିଶ ସରକାର ସିଧାସଳଖ ଭାବେ ଭାରତର ଶାସନଭାର ଗ୍ରହଣ କଲା । ୧୮୫୮ରୁ ୧୯୪୭ ପର୍ଯ୍ୟନ୍ତ ୮୯ ବର୍ଷ ଧରି ଭାରତ ବ୍ରିଟିଶ କ୍ରାଉନ୍‌ର ଅଧୀନରେ ରହିଥିଲା । ଏହି ସମୟରେ ରେଳପଥ, ଆଧୁନିକ ପ୍ରଶାସନ ଓ ନ୍ୟାୟ ବ୍ୟବସ୍ଥାର ବିକାଶ ହେଲେ ମଧ୍ୟ ଅର୍ଥନୈତିକ ଶୋଷଣ, ଦୁର୍ଭିକ୍ଷ ଓ ରାଜନୈତିକ ଦମନ ଭାରତୀୟ ଜନଜୀବନକୁ ପ୍ରଭାବିତ କରିଥିଲା ।

ସ୍ୱାଧୀନତା ସଂଗ୍ରାମ ଓ ନୂଆ ଭାରତ : ଉଣେଇଶ ଓ କୋଡ଼ିଏ ଶତାବ୍ଦୀରେ ଜାତୀୟତାବାଦୀ ଆନ୍ଦୋଳନ ଶକ୍ତିଶାଳୀ ହୋଇଉଠିଲା । ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଓ ସଂଘର୍ଷ ଫଳରେ ୧୫ ଅଗଷ୍ଟ ୧୯୪୭ରେ ଭାରତ ସ୍ୱାଧୀନତା ଲାଭ କଲା । ଏଣୁ ଭାରତର ଇତିହାସ ବିଭିନ୍ନ ଶାସକ ଓ ସାମ୍ରାଜ୍ୟର ଉତ୍ଥାନ-ପତନର ସାକ୍ଷୀ । ମୌର୍ଯ୍ୟ, ଗୁପ୍ତ, ଦିଲ୍ଲୀ ସୁଲତାନତ, ମୋଗଲ ଓ ବ୍ରିଟିଶ—ପ୍ରତ୍ୟେକ ଶାସନ ଭାରତର ରାଜନୈତିକ ଓ ସାମାଜିକ ଗଠନ ଉପରେ ନିଜସ୍ୱ ଛାପ ଛାଡ଼ିଯାଇଛି । କିନ୍ତୁ ସମସ୍ତ ପରିବର୍ତ୍ତନର ମଧ୍ୟରେ ଭାରତୀୟ ସଭ୍ୟତାର ମୂଳ ସ୍ୱରୂପ ଅକ୍ଷୁଣ୍ଣ ରହିଛି । ସ୍ୱାଧୀନତା କେବଳ ବିଦେଶୀ ଶାସନର ଅବସାନ ନୁହେଁ; ଏହା ହେଉଛି ଶତାବ୍ଦୀ ଶତାବ୍ଦୀର ସଂଘର୍ଷ ପରେ ଆତ୍ମନିର୍ଣ୍ଣୟର ଅଧିକାର ପୁନଃପ୍ରତିଷ୍ଠାର ଐତିହାସିକ ମୁହୂର୍ତ୍ତ ।

# ପଖାଳ : କେବଳ ଏକ ଖାଦ୍ୟ ନୁହେଁ, ଓଡ଼ିଆ ଅସ୍ମିତାର ସାଂସ୍କୃତିକ ପୁଞ୍ଜି

ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ପଖାଳ କେବଳ ଏକ ଖାଦ୍ୟ ନୁହେଁ, ଏହା ଆମର ସ୍ୱାଭିମାନ ଓ ପରିଚୟର ପ୍ରତୀକ ଅଟେ । ଯେତେବେଳେ ଆମେ ପଖାଳ ଦିବସ ପାଳନ କଥା କହୁ, ସେତେବେଳେ ଏହାକୁ କେବଳ ଏକ ଅର୍ଥନୈତିକ ବ୍ୟୟ ଭାବେ ଦେଖିବା ଗର୍ହିତ ନୁହେଁ, ବରଂ ଏହା ଏକ ସାଂସ୍କୃତିକ ନିବେଶ । କଠିନ୍ ରାଜନୈତିକ ତଥା ସମାଜଭେଦୀ ଚିନ୍ତା ସମାଜରେ ଏଭଳି କାର୍ଯ୍ୟକ୍ରମ ପାଇଁ ଅର୍ଥ ବ୍ୟୟ କରିଥାଇପାରେ, ଯାହାର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ପ୍ରୀତି ଠାରୁ ବିଶ୍ୱ ଦରବାରରେ ପହଞ୍ଚାଇବା । ଆଜିର ଜିଜ୍ଞାସୁ ଯୁଗରେ ଯେତେବେଳେ ପାଶ୍ଚାତ୍ୟ ଖାଦ୍ୟଶୈଳୀ ଆମର ପାରମ୍ପରିକ ଖାଦ୍ୟକୁ ପଛରେ ପକାଇ ଦେଇଛି, ସେତେବେଳେ ସରକାରୀ ସ୍ତରରେ ଏଭଳି ପ୍ରୋତ୍ସାହନ ନିହାତି ଆବଶ୍ୟକ । ପଖାଳ କେବଳ ଗରିବଙ୍କ ଖାଦ୍ୟ ନୁହେଁ, ଏହା ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ପୁଷ୍ଟିକର ଓ ସ୍ୱାସ୍ଥ୍ୟକର, ଯାହା ଶତାବ୍ଦୀ ଅପେକ୍ଷା ଓଡ଼ିଶା ସହିତ ଜନମ ପ୍ରକୃତିରେ ସଂଯୁକ୍ତ ହୋଇଥାଏ ।

ସରକାର ଯେତେବେଳେ କୌଣସି ବଜେଟ୍ ପାଇଁ ଅର୍ଥ ଖର୍ଚ୍ଚ କରନ୍ତି, ତାହା ସେଠାକାର ସ୍ଥାନୀୟ କାରିଗର, କୃଷକ ଓ ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଚାକିରି କ୍ଷେତ୍ରରେ ବିକାଶ ପାଇଁ ସରକାରଙ୍କର ପରାସା ରହିଛି, ବ୍ୟବସ୍ଥା ଆପ୍ ଏବଂ ସେହି କ୍ଷେତ୍ରରେ କାର୍ଯ୍ୟ ମଧ୍ୟ ଜାରି ରହିଥାଏ, ମାତ୍ର ସାଂସ୍କୃତିକ ସୁରକ୍ଷା ପାଇଁ କରାଯାଉଥିବା ବ୍ୟୟକୁ ପସରା କରି ହେୟ କରିବା ସମୀଚୀନ ନୁହେଁ । ଯଦି ଆମେ ଆମର ମୂଳ ସଂସ୍କୃତିକୁ ସୁରକ୍ଷିତ ରଖିବାରେ ବିଫଳ ହେବା, ତେବେ ଭବିଷ୍ୟତ ପିଢି ନିଜର ପରିଚୟ ହରାଇ ବସିବ । ପଖାଳ ଦିବସ ପାଳନ ମାଧ୍ୟମରେ କେବଳ ଖାଦ୍ୟର ପ୍ରଚାର ହୁଏ ନାହିଁ, ବରଂ ଓଡ଼ିଶାର ଜଳବାୟୁ ସଂସ୍କୃତି ସହିତ ଜଡିତ ଏହି ମହାନ ପରମ୍ପରାକୁ ପୁନର୍ଜୀବିତ କରାଯାଏ । ଯେଉଁ ସମାଜରେ ଏଭଳି କାର୍ଯ୍ୟକ୍ରମ ସମାଜର ବିଭିନ୍ନ ବର୍ଗକୁ ବୋହୂ ଏକାଠି କରିଥାଏ ଏବଂ ଏକ ସାମାଜିକ ବନ୍ଧନ ସୃଷ୍ଟି ହେବା । ସରକାରଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତିର ସମାଲୋଚନା ହେବା ସ୍ୱାଭାବିକ, କିନ୍ତୁ ସାଂସ୍କୃତିକ ଜାଗରଣ ପାଇଁ ଖର୍ଚ୍ଚ କରାଯାଉଥିବା ବ୍ୟୟକୁ ସାମାଜିକ କଲ୍ୟାଣକାରୀ



ଯୋଜନା ସହିତ ତୁଳନା କରିବା ଏକ ସଙ୍କୁଚିତ ମାନସିକତାର ପରିଚୟ ଦେଇପାରେ । ଆମର ସୀମିତ ସମ୍ବଳ ପାଇଁ ସରକାରଙ୍କର ବିଭିନ୍ନ ଭତ୍ତା ଓ ସହାୟତା ଯୋଜନା ନିରନ୍ତର ତାହା ଚାଲୁ ରହିଛି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ସେହି ବ୍ୟବସ୍ଥାର ସହ ଅଭିନ୍ନ ଅଙ୍ଗ । କୌଣସି ଦେଶ ବା ରାଜ୍ୟର ପ୍ରଗତି କେବଳ କଂକ୍ରିଟ୍, ରାସ୍ତା ବା ଅଟ୍ଟାଳିକା ନିର୍ମାଣରେ ମାପି ହୁଏ ନାହିଁ ବରଂ ସେହି ରାଜ୍ୟ ନିଜର ସଂସ୍କୃତିକୁ କେତେଦୂର ସମ୍ମାନ ଦେଇଛି ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପଖାଳ ହେଉଛି ଆମର ଅସ୍ମିତାର ପ୍ରତୀକ, ତେଣୁ ଏହାର ପ୍ରସାର ଓ ପ୍ରଚାର ପାଇଁ ହେଉଥିବା ବ୍ୟୟକୁ ସାଂସ୍କୃତିକ ସୁରକ୍ଷା କଟକ ଭାବେ ଗ୍ରହଣ କରିବା ଉଚିତ ।

ପର୍ଯ୍ୟବେକ୍ଷକ ସରକାରଙ୍କ କାମ ହେଉଛି ଜନକଲ୍ୟାଣ ସହିତ ଜନଚେତନାର ଓ ସାଂସ୍କୃତିକ ବିକାଶର ସମନ୍ୱୟ ରକ୍ଷା କରିବା, ଯାହା ପ୍ରାଚୀନ ସମୟରେ ପର୍ଯ୍ୟନ୍ତ ଚାଲିଲା । ଓଡ଼ିଶାର ଜନଜୀବନରେ ପଖାଳ କେବଳ ଭାତ ଓ ପାଣିର ମିଶ୍ରଣ ନୁହେଁ, ବରଂ ଏହା ଆମର ଖାଦ୍ୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ସାମାଜିକ ପରିଚୟର ପ୍ରତୀକ ଅଟେ । ପଖାଳ ଦିବସ ପାଳନ ପାଇଁ ସରକାରୀ ସ୍ତରରେ କରାଯାଉଥିବା ବ୍ୟୟକୁ ଯେଉଁ ସମାଜରେ ଅଯଥା ଖର୍ଚ୍ଚ ଭାବେ ସମାଲୋଚନା କରାଯାଉଛି ସେ ମଧ୍ୟ ଏହାକୁ ଗଭୀର ଭାବେ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ହୁଏ ଯେ ଏହା ଏକ ଅର୍ଥନୈତିକ ସାଂସ୍କୃତିକ ନିବେଶ । ସମାଜର ଗରିବ କଲ୍ୟାଣ, ଭତ୍ତା ପ୍ରଦାନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ କ୍ଷେତ୍ରରେ ସରକାରୀ କାର୍ଯ୍ୟ ପ୍ରାଥମିକତା ଦେଉଛନ୍ତି ଏବଂ ଏଥିପାଇଁ ସେତେବେଳେ ସ୍ୱତନ୍ତ୍ର ବ୍ୟବସ୍ଥା ଥାଏ । ତେବେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ହେଉଥିବା ବ୍ୟୟକୁ ମୌଳିକ ସମସ୍ୟା ସହିତ ତୁଳନା କରିବା ଯୁକ୍ତିଯୁକ୍ତ ନୁହେଁ ।

ଅତି ଆମର ସଂସ୍କୃତିକୁ ଦେଖାଇ ଯଦି କେବଳ ତାହା ବର୍ତ୍ତମାନ ବିକାଶର ମାପକାଠି ଭାବିବା, ତେବେ ରାଜ୍ୟର ମୂଳ ତଥା ଭ୍ରମଣା ଶାଗ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେରେ ଖର୍ଚ୍ଚ କରାଯାଉଥିବା ଅର୍ଥ ରାଜ୍ୟର ଅର୍ଥନୀତିକୁ ପର୍ଯ୍ୟଟନ ଓ ମାନବ ସମ୍ବଳ ମାଧ୍ୟମରେ ହୋଇଗଲାକୁ ପ୍ରଭାବ ପକାଇଥାଏ । ଅତଏବ, ପଖାଳ ଦିବସ ପାଳନକୁ ଏକ ଅପବ୍ୟୟ ନକହି, ଏହାକୁ ଓଡ଼ିଆ ଜାତିର ସାଂସ୍କୃତିକ ସୁରକ୍ଷା ପାଇଁ ଏକ ଅନିବାର୍ଯ୍ୟ ପ୍ରୟାସ ଭାବେ ଗ୍ରହଣ କରିବା ଉଚିତ । ସେଲାରାଇଜ କାର୍ଯ୍ୟକ୍ରମକୁ ଆର୍ଥିକ ବଜେଟ ଏକ ଅଭିଯାନ ସହିତ ଯୋଡ଼ିବା ଦେଖାଏ, ପରନ୍ତୁ ସାମାଜିକ କଲ୍ୟାଣ ଓ ସାଂସ୍କୃତିକ ବିକାଶର ସନ୍ତୁଳନ ରକ୍ଷା କରିବା ହିଁ ଦାୟିତ୍ୱର ବିକାଶର ପଥ । ପର୍ଯ୍ୟବେକ୍ଷଣ ପଖାଳ କେବଳ ପେଟ ଭରିବାର ସାଧନ ନୁହେଁ, ଏହା ଆମ ପୂର୍ବପୁରୁଷଙ୍କ ଜୀବନଶୈଳୀ ସାଙ୍ଗକୁ ତ୍ୟାଗର ବାର୍ତ୍ତା ପ୍ରତ୍ୟେକ ଓଡ଼ିଆର ନୈତିକ ଦାୟିତ୍ୱ ଏବଂ ସରକାରଙ୍କର ଏଭଳି ପଦକ୍ଷେପ ସେହି ଦାୟିତ୍ୱବୋଧର ପ୍ରତିଫଳନ ମାତ୍ର ।

**ସୌଭାଗ୍ୟ ରଞ୍ଜନ ମହାନ୍ତି**
ଶିଶୁପାଳଗଡ଼, ଭୁବନେଶ୍ୱର
ମୋ- ୯୪୩୭ ୯୧୪୩୨୮

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



କେନ୍ଦ୍ରପଡ଼ାର ବାରିମୂଳ ଆଶ୍ରମରୁ ଆରମ୍ଭ ହୋଇଥିଲା ସାମ୍ରାଜ୍ୟ । ୨୦୧୫ ମସିହାରେ ଏକ ବଡ଼ ବିବାଦ ଅସଲ ଚେହେରା ସାମ୍ନାକୁ ଆସିଥିଲା । ହାଇଦ୍ରାବାଦର ଏକ ହୋଟେଲରେ ଯୁବତୀଙ୍କ ସହ ରହିବା ଏବଂ ଚିକେନ ଖାଇବା ଓ ମଦ୍ୟପାନ କରିବା ତାଙ୍କ ଗୁପ୍ତ ଲୀଳାକୁ ପଦାକୁ ଆଣିଥିଲା । ପୁଣି ଭଣ୍ଡ ସାରଥୀଙ୍କ ମାୟା ଜାଲରେ ଅନ୍ଧ ଭକ୍ତ ମୋହରେ ।

# ପୁଣି ଭଣ୍ଡ ସାରଥୀଙ୍କ ଆବିର୍ଭାବ





କିଛି ଦିନ ହେବ ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ବିବାଦୀୟ ଭଣ୍ଡ ବାବା ସାରଥୀ (ସନ୍ତୋଷ ରାଉଳ)ଙ୍କ କିଛି ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ତାଙ୍କର ପୁନଃ ଆବିର୍ଭାବକୁ ନେଇ ଚର୍ଚ୍ଚା ଜୋର ଧରିଛି ।

ସାରଥୀ ବାବା ବରଫାବୃତ ପାହାଡ଼ିଆ ଅଞ୍ଚଳରେ (ଜମ୍ମୁ-କାଶ୍ମୀର କିମ୍ବା ହିମାଚଳ ପ୍ରଦେଶ ଭଳି ସ୍ଥାନରେ) ଧ୍ୟାନ କରୁଥିବାର ଏବଂ ଭକ୍ତଙ୍କୁ ହାତ ହଲାଇ ଅଭିବାଦନ ଜଣାଉଥିବାର କେତେକ ଫଟୋ ସାମ୍ନାକୁ ଆସିଛି । ସେ ଓଡ଼ିଶା ବାହାରେ ନିଜର ଏକ ନୂଆ ଭକ୍ତ ଗୋଷ୍ଠୀ ବା ସାମ୍ରାଜ୍ୟ ତିଆରି କରୁଥିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଭୁବନେଶ୍ୱର ଏବଂ ଜୟପୁର ଭଳି କେତେକ ସ୍ଥାନରେ ତାଙ୍କର କିଛି ଅନ୍ଧଭକ୍ତ ପୁଣିଥରେ ଗୋପନରେ ସତସଙ୍ଗ ଆୟୋଜନ କରିବା ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ସହ ସାରଥୀଙ୍କ ଫଟୋ ରଖି ପୂଜା କରିବା ଘଟଣା ସାମ୍ନାକୁ ଆସିଛି । ପୂର୍ବରୁ କେନ୍ଦ୍ରାପଡ଼ା ଯିବା ଉପରେ କଟକଣା ଥିବାବେଳେ, କୋର୍ଟଙ୍କ କେତେକ ସର୍ତ୍ତମୂଳକ ଅନୁମତି ପରେ ତାଙ୍କ ଭକ୍ତମାନେ ପୁଣି ସକ୍ରିୟ ହେବାକୁ ଚେଷ୍ଟା କରୁଛନ୍ତି । ସାରଥୀଙ୍କ ଏହି ଭାଇରାଲ ରୂପକୁ ଦେଖି ଓଡ଼ିଶାର ଜନସାଧାରଣ ଓ ହେତୁବାଦୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଣେ ଜେଲ୍‌ଫେରନ୍ତା ଠକଙ୍କୁ ପୁଣିଥରେ ଭଗବାନ ଭାବେ ସ୍ଥାପନ କରିବାକୁ ନେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରାଯାଇଛି । ଜଗନ୍ନାଥଙ୍କ ଫଟୋ ପାଖରେ ଜଣେ ବିବାଦୀୟ ବ୍ୟକ୍ତିଙ୍କ ଫଟୋ ରଖି ପୂଜା କରିବା ଦ୍ୱାରା ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରାଯାଉଛି ବୋଲି ସନାତନ ଧର୍ମାବଲମ୍ବୀମାନେ ଅଭିଯୋଗ କରିଛନ୍ତି ।

ହାଇକୋର୍ଟ ସାରଥୀଙ୍କୁ ଜାମିନ ଦେବା ସମୟରେ କୌଣସି ପ୍ରକାର ଆଧ୍ୟାତ୍ମିକ ପ୍ରବଚନ, ଭକ୍ତ ସମାଗମ କିମ୍ବା ଗଣମାଧ୍ୟମ ସହ ଆଲୋଚନା କରିବାକୁ ବାରଣ କରିଥିଲେ । ତେଣୁ ଏହି ସତସଙ୍ଗ ଏବଂ ପ୍ରଚାର କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ବୋଲି ସମାଲୋଚକମାନେ କହିଛନ୍ତି । ୨୦୧୫ ମସିହା ଅଗଷ୍ଟ ମାସରେ ଓଡ଼ିଶାର ଏକ ପ୍ରମୁଖ ଗଣମାଧ୍ୟମରେ ସାରଥୀ ଜଣେ ଯୁବତୀଙ୍କ ସହ ହାଇଦ୍ରାବାଦର ଏକ ବିଳାସପୂର୍ଣ୍ଣ ହୋଟେଲରେ ଜିନ୍ସ ଓ ଟି-ସାର୍ଟ ପିନ୍ଧି ରହିଥିବା ଏବଂ ଚିକେନ-ମଦ ସେବନ କରିଥିବା ଖବର ପ୍ରସାରିତ ହୋଇଥିଲା । ଏହି ଘଟଣା ପରେ ସାରଥୀଙ୍କ କେନ୍ଦ୍ରାପଡ଼ା ବାରିମୂଳ ଆଶ୍ରମ ସମେତ ସାରା ଓଡ଼ିଶାରେ ପ୍ରବଳ ଜନଆନ୍ଦୋଳନ ଓ ପୋଲିସ ସହ ସଂଘର୍ଷ ହୋଇଥିଲା । କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଥିଲା । ତାଙ୍କ ନାମରେ ମହିଳାଙ୍କୁ ଶୋଷଣ, ମିଥ୍ୟା ସ୍ୱୟଂଭୂ ଅବତାର (ନିଜକୁ କୃଷ୍ଣ ବୋଲାଇ ଗୋପୀ ରଖିବା), ବିପୁଳ ପରିମାଣର କଳାଟଙ୍କା ଆତ୍ମସାତ, ଏବଂ ସରକାରୀ ଜମି ଜବରଦଖଲ ଭଳି ଅନେକ ସଂଗୀନ ମାମଲା ରହିଥିଲା । ପ୍ରାୟ ୪ ବର୍ଷ କାଳ ଜେଲ୍‌ରେ ରହିବା ପରେ, ୨୦୧୯ ମସିହାରେ ସର୍ତ୍ତମୂଳକ ଭାବେ ସେ ଚୌଦ୍ୱାର ଜେଲରୁ ଜାମିନରେ ମୁକ୍ତ ହୋଇଥିଲେ ।

ସଂକ୍ଷେପରେ କହିବାକୁ ଗଲେ, ସାରଥୀ ବାବା ଆଇନଗତ କଟକଣା ଭିତରେ ରହି ପୁଣିଥରେ ଗୋପନରେ ନିଜର ଭକ୍ତ ସାମ୍ରାଜ୍ୟ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ନେଇ ଓଡ଼ିଶା ସମାଜରେ ପୁଣିଥରେ ବିରୋଧର ସ୍ୱର ତୀବ୍ର ହେବାରେ ଲାଗିଛି ।

ବିବାଦୀୟ ଭଣ୍ଡ ବାବା ସାରଥୀଙ୍କୁ ନେଇ ସାମ୍ନାକୁ ଆସିଥିବା ନୂଆ ନୂଆ ଘଟଣା ଏବଂ ଏହାକୁ ନେଇ ତାଙ୍କ ଅନ୍ଧଭକ୍ତମାନଙ୍କ ପ୍ରତିକ୍ରିୟା ଓ ଯୁକ୍ତି ସମାଜରେ ପୁଣି ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ସାରଥୀ ବାବା ଓଡ଼ିଶା ଛାଡ଼ି ଜମ୍ମୁ-କାଶ୍ମୀର କିମ୍ବା ହିମାଚଳ ପ୍ରଦେଶ ଭଳି କୌଣସି ଥଣ୍ଡା ପାହାଡ଼ିଆ ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ସେଠାରେ ସେ ଧଳା ପୋଷାକ ପିନ୍ଧି ବରଫ ଉପରେ ସାଧନା କରୁଥିବାର ଫଟୋ ଓ ଭିଡିଓ ଭାଇରାଲ ହେଉଛି । ଓଡ଼ିଶାରେ ତାଙ୍କ ଉପରେ କୋର୍ଟଙ୍କ କଡ଼ା କଟକଣା ଥିବାରୁ, ସେ ଓଡ଼ିଶା ବାହାରେ ଅଣ-ଓଡ଼ିଆ ଭକ୍ତମାନଙ୍କୁ ନେଇ ଏକ ନୂଆ ସାମ୍ରାଜ୍ୟ ଠିଆ କରୁଥିବା ସନ୍ଦେହ କରାଯାଉଛି । ଭୁବନେଶ୍ୱରର ଏୟାରଫିଲ୍ଡ ଏବଂ ଚନ୍ଦ୍ରଶେଖରପୁର ଅଞ୍ଚଳରେ ତାଙ୍କ ଭକ୍ତମାନେ ଗୋପନରେ ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା କରୁଥିଲେ । ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ଥାନାରେ ଏଫ୍‌ଆଇଆର୍ ଦାୟର କରିଛନ୍ତି । କିଛି ଦିନ ପୂର୍ବରୁ ମାଲକାନଗିରି ଭଳି ଆଦିବାସୀ ବହୁଳ ଅଞ୍ଚଳରେ ସାରଥୀଙ୍କ ଭକ୍ତମାନେ ତାଙ୍କ କାଠ ପାଦୁକା (ଖଡ଼ମ)କୁ ଧରି ଏକ ବଡ଼ ଶୋଭାଯାତ୍ରା କରିଥିଲେ । ସାରଥୀଙ୍କ ଗିରଫଦାରୀ ଏବଂ ସମାଲୋଚନା ସତ୍ତ୍ୱେ ତାଙ୍କର କିଛି ଅନ୍ଧଭକ୍ତ ଏବେ ବି ତାଙ୍କ ସପକ୍ଷରେ ଅଜବ ଯୁକ୍ତି ବାଢୁଛନ୍ତି । ଭକ୍ତମାନଙ୍କ କହିବା କଥା ହେଉଛି କୋର୍ଟ ଏପର୍ଯ୍ୟନ୍ତ ସାରଥୀଙ୍କୁ ଚୂଡ଼ାନ୍ତ ଦୋଷୀ ସାବ୍ୟସ୍ତ କରିନାହାନ୍ତି ଓ ସେ ଜାମିନରେ ବାହାରେ ଅଛନ୍ତି, ତେଣୁ ସେ ନିର୍ଦ୍ଦୋଷ । କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ କେବଳ ନିଜର ଟିଆରପି ବଢ଼ାଇବା ପାଇଁ ବାବାଙ୍କ ବିରୋଧରେ ମିଥ୍ୟା କାହାଣୀ ରଚିଥିଲେ ଏବଂ ନିଜେ କୋର୍ଟ ସାଜି ତାଙ୍କୁ ବଦନାମ କରିଥିଲେ ବୋଲି ଭକ୍ତମାନେ ଅଭିଯୋଗ କରୁଛନ୍ତି । କେତେକ ଅନ୍ଧଭକ୍ତଙ୍କ ମତରେ, "ବାବା ଆମ ପାଇଁ ଭଗବାନ ଏବଂ ଆମ ଭକ୍ତି ପ୍ରମାଣ କରିବାକୁ ଆମେ କାହାକୁ ବାଧ୍ୟ ନୁହେଁ । ଏହା କଳିଯୁଗର ଶେଷ ସମୟ, ତେଣୁ ଭଗବାନଙ୍କୁ ଏମିତି କଷ୍ଟ ସହିବାକୁ ପଡୁଛି ।"ବାବାଙ୍କର ଯେଉଁ ଜିନ୍ସ-ଟିସାର୍ଟ ପିନ୍ଧିବା କିମ୍ବା ମହିଳାଙ୍କ ସହ ହୋଟେଲରେ ରହିବା ଫଟୋ ଆସିଥିଲା, ସେସବୁକୁ ଭକ୍ତମାନେ ଏଡିଟେଡ୍ ବା ମିଛ ବୋଲି ଦାବି କରୁଛନ୍ତି । ଭକ୍ତମାନେ ଯେତେ ସଫେଇ ଦେଲେ ମଧ୍ୟ ସାଧାରଣ ଜନତା ଏବଂ ଆଇନଜୀବୀମାନେ ଏହାକୁ ତୀବ୍ର ସମାଲୋଚନା କରୁଛନ୍ତି । କୋର୍ଟଙ୍କ ସର୍ତ୍ତ ଅନୁଯାୟୀ ସାରଥୀ କୌଣସି ପ୍ରକାର ଭକ୍ତ ସମାଗମ କିମ୍ବା ପ୍ରଚାର କରିପାରିବେ ନାହିଁ । ତେଣୁ ଗୋପନରେ ହେଉଥିବା ଏହି ସବୁ ସତସଙ୍ଗ ଏବଂ ସୋସିଆଲ ମିଡିଆ ପ୍ରଚାର ଆଇନର ଉଲ୍ଲଂଘନ ଅଟେ ।

## ସାରଥୀଙ୍କ ମାୟାଜାଲ
## କେବେ ଚେତିବେ ଓଡ଼ିଶାବାସୀ ?

---

# ଭଲ ଆଚରଣ ବଦଳାଇଲା ଭାଗ୍ୟ
# ଜେଲରୁ ଖଲାସ ହେବେ ଦାରା ସିଂ

ଦାରା ସିଂ ନାମକୁ ନେଇ ଭାରତରେ ଦୁଇଜଣ ସମ୍ପୂର୍ଣ୍ଣ ଭିନ୍ନ ବ୍ୟକ୍ତିତ୍ୱ ରହିଛନ୍ତି, ଯାହାଙ୍କ ମଧ୍ୟରୁ ଜଣେ ନିଜର ବୀରତ୍ୱ ଓ ଅଭିନୟ ପାଇଁ ଆଦରଣୀୟ ଏବଂ ଅନ୍ୟ ଜଣେ ଓଡ଼ିଶାର ଇତିହାସରେ ଏକ କୁଖ୍ୟାତ ଅପରାଧୀ । ଏହି ନାମକୁ ନେଇ ସବୁଠାରୁ ବଡ଼ ବିବାଦ ଓ ଚର୍ଚ୍ଚା ଧର୍ମାନ୍ତରୀକରଣ, ସାମ୍ପ୍ରଦାୟିକ ହିଂସା ଏବଂ ନିକଟରେ ତାଙ୍କର ଜେଲ୍ ମୁକ୍ତିକୁ ନେଇ ଜଡ଼ିତ ।

ଏହି ନାମରେ ଦୁଇ ଜଣ ବ୍ୟକ୍ତି ପ୍ରସିଦ୍ଧ ପହିଲ୍‌ମାନ ଓ ଅଭିନେତା ଦାରା ସିଂ ଏବଂ ଅନ୍ୟ ଜଣେ ଓଡ଼ିଶାର ଅପରାଧୀ ଦାରା ସିଂ । ପ୍ରକୃତ ନାମ ଦୀଦାର୍ ସିଂ ରାନ୍ଧୱା (ପଞ୍ଜାବ) । ସେ ବିଶ୍ୱ କୁସ୍ତି ବିଜେତା ଥିଲେ ଏବଂ ଟିଭି ସିରିଏଲ 'ରାମାୟଣ'ରେ ହନୁମାନ ଭୂମିକାରେ ଅଭିନୟ କରି ଭାରତର ପ୍ରତିଟି ଘରେ ଅତ୍ୟନ୍ତ ଲୋକପ୍ରିୟ ଓ ପୂଜନୀୟ ହୋଇଥିଲେ । ପ୍ରକୃତ ନାମ ରବୀନ୍ଦ୍ର ପାଲ୍ ସିଂ (ଉତ୍ତର ପ୍ରଦେଶର ଏଟାୱା) । ସେ ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରେ ରହି ନିଜ ନାମ 'ଦାରା ସିଂ' ରଖିଥିଲେ ଏବଂ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ଅଷ୍ଟ୍ରେଲିୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓଡ଼ିଶାର ଆଦିବାସୀ ଅଞ୍ଚଳରେ କୁଷ୍ଠ ରୋଗୀଙ୍କ ସେବା କରୁଥିଲେ । ମାତ୍ର ଦାରା ସିଂ ଓ ତାଙ୍କ ସହଯୋଗୀଙ୍କ ଅଭିଯୋଗ ଥିଲା ଯେ ଷ୍ଟେନ୍ସ ସେବା ଆଳରେ ଗରିବ ଆଦିବାସୀମାନଙ୍କୁ ଜବରଦସ୍ତ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ (ଧର୍ମାନ୍ତରୀକରଣ) କରାଉଛନ୍ତି ।



- ✦ ଗ୍ରାହାମ୍ ଷ୍ଟେନ୍ସ ହତ୍ୟା
- ✦ ୨୬ ବର୍ଷ ଜେଲ ଦଣ୍ଡ
- ✦ ସ୍ୱାଧୀନତା ଦିବସରେ ଜେଲରୁ ମୁକୁଳିବେ

ଏହି ବିବାଦର ଚରମ ରୂପ ଦେଖିବାକୁ ମିଳିଥିଲା ଯେତେବେଳେ ୧୯୯୯ ଜାନୁଆରୀରେ ଦାରା ସିଂଙ୍କ ନେତୃତ୍ୱରେ ଏକ ଉଗ୍ର ଗୋଷ୍ଠୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନିଷ୍ପାପ ନାବାଳକ ପୁତ୍ରଙ୍କୁ ଗାଡ଼ି ଭିତରେ ଜୀବନ୍ତ ଦଗ୍ଧ କରି ହତ୍ୟା କରିଥିଲେ । ନ୍ୟାୟିକ ତଦନ୍ତରେ (ୱାଧୱା କମିଶନ) ଷ୍ଟେନ୍ସ ଜବରଦସ୍ତ ଧର୍ମାନ୍ତରୀକରଣ କରୁଥିବାର କୌଣସି ପ୍ରମାଣ ମିଳିନଥିଲା ।

ଦାରା ସିଂଙ୍କୁ ଦକ୍ଷିଣପନ୍ଥୀ ହିନ୍ଦୁତ୍ୱବାଦୀ ସଂଗଠନ 'ବଜରଙ୍ଗ ଦଳ' ସହ ଯୋଡ଼ା ଯାଇଥିଲା । ଏହାକୁ ନେଇ ଦେଶରେ ଦୀର୍ଘ ଦିନ ଧରି ରାଜନୈତିକ ବୋଦାବୋଦି ଏବଂ ସାମ୍ପ୍ରଦାୟିକ ବିତର୍କ ଚାଲିଥିଲା । କେତେକ ଉଗ୍ର ସଂଗଠନ ତାଙ୍କୁ 'ଧର୍ମ ରକ୍ଷକ' ଭାବେ ଚିତ୍ରିତ କରିବାକୁ ଚେଷ୍ଟା କରୁଥିବା ବେଳେ ବହୁ ସଂଖ୍ୟକ ନାଗରିକ ଓ ମାନବାଧିକାର କର୍ମୀ ତାଙ୍କୁ ଜଣେ କ୍ରୁର ସନ୍ତ୍ରାସବାଦୀ ଏବଂ ହତ୍ୟାକାରୀ ବୋଲି ଆଖ୍ୟା ଦେଇଛନ୍ତି ।

ଦୀର୍ଘ ୨୬ ବର୍ଷ ଜେଲ୍‌ରେ ରହିବା ପରେ ଦାରା ସିଂ ସୁପ୍ରିମକୋର୍ଟରେ ଆବେଦନ କରି କହିଥିଲେ ଯେ, "ଯୌବନର ଉତ୍ତେଜନାରେ ସେ ଭୁଲ୍ କରିଥିଲେ ଏବଂ ଏବେ ସେ ନିଜ ଅପରାଧ ପାଇଁ ଅନୁତପ୍ତ" ।

ତାଙ୍କର ଉତ୍ତମ ଆଚରଣ ପାଇଁ ଜୁଲାଇ ୨୦୨୬ରେ ଓଡ଼ିଶା ସରକାର ଓ ଅଦାଲତ ତାଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିଷ୍ପତ୍ତିକୁ ନେଇ ପୁଣି ଥରେ ଦେଶରେ ବିବାଦ ତେଜିଛି ଥ୧.୩.୪ଧ । ଖ୍ରୀଷ୍ଟୀୟ ସମାଜ ଓ ମାନବାଧିକାର କର୍ମୀମାନେ ଏହା ଦ୍ୱାରା ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରତି ବିପଦ ଆସିବ ବୋଲି ଚିନ୍ତା ପ୍ରକଟ କରୁଥିବା ବେଳେ କେତେକ ଗୋଷ୍ଠୀ ଏହି ମୁକ୍ତିକୁ ସ୍ୱାଗତ କରୁଛନ୍ତି । ଏହି ସମଗ୍ର ବିବାଦ ଭିତରେ ଗ୍ରାହାମ ଷ୍ଟେନ୍ସଙ୍କ ପତ୍ନୀ ଗ୍ଲାଡିସ୍ ଷ୍ଟେନ୍ସଙ୍କ ଆଭିମୁଖ୍ୟ ବିଶ୍ୱବାସୀଙ୍କୁ ଚକିତ କରିଥିଲା । ସେ ନିଜ ସ୍ୱାମୀ ଓ ପିଲାଙ୍କ ହତ୍ୟାକାରୀ ଦାରା ସିଂଙ୍କୁ ସର୍ବସାଧାରଣରେ କ୍ଷମା କରିଦେଇଥିଲେ ଏବଂ କହିଥିଲେ ଯେ "କ୍ଷମା ହିଁ ସମାଜରେ ଶାନ୍ତି ଓ ସୁଧାର ଆଣିପାରିବ" । ତାଙ୍କର ଏହି ମହାନତା ପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ ।

ଦାରା ସିଂଙ୍କ ପ୍ରକୃତ ନାମ ରବୀନ୍ଦ୍ର ପାଲ୍ ସିଂ । ଓଡ଼ିଶାର ଇତିହାସରେ ଜଣେ କୁଖ୍ୟାତ ଅପରାଧୀ ଭାବେ ଜଣାଶୁଣା, ଯିଏ ୧୯୯୯ ମସିହାରେ ଘଟିଥିବା ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ । ସେ ମୁଖ୍ୟତଃ ଓଡ଼ିଶାର କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସକ୍ରିୟ ଥିଲେ ଏବଂ ଗୋ-ସୁରକ୍ଷା ଓ ଧର୍ମାନ୍ତରୀକରଣ ବିରୋଧ ନାମରେ ଏକ ଉଗ୍ର ଗୋଷ୍ଠୀ ଚଳାଉଥିଲେ ।

୧୯୯୯ ମସିହା ଜାନୁଆରୀ ୨୨-୨୩ ରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲା ମନୋହରପୁର ଗ୍ରାମରେ ଏହି ବୀଭତ୍ସ କାଣ୍ଡ ଘଟିଥିଲା । ଅଷ୍ଟ୍ରେଲିୟ ଖ୍ରୀଷ୍ଟଧର୍ମ ପ୍ରଚାରକ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁତ୍ର ଫିଲିପ୍ (୧୦ ବର୍ଷ) ଓ ଟିମୋଥି (୬ ବର୍ଷ) ଗୋଟିଏ ଷ୍ଟେସନ ୱାଗନ ଗାଡ଼ି ଭିତରେ ଶୋଇଥିବା ବେଳେ, ଦାରା ସିଂଙ୍କ ନେତୃତ୍ୱରେ ଏକ ଉଗ୍ର ଜନତା ଗାଡ଼ି ଚାରିପାଖୁ ଘେରି ଯାଇ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ସେମାନଙ୍କୁ ଜୀବନ୍ତ ଦଗ୍ଧ କରି ହତ୍ୟା କରାଯାଇଥିଲା । ଏହି ଘଟଣା ସାରା ବିଶ୍ୱରେ ତୀବ୍ର ଆଲୋଡ଼ନ ଓ ନିନ୍ଦା ସୃଷ୍ଟି କରିଥିଲା ।

ଷ୍ଟେନ୍ସ ହତ୍ୟାକାଣ୍ଡ ବ୍ୟତୀତ ଦାରା ସିଂ ଓଡ଼ିଶାରେ ଅନ୍ୟ ଦୁଇଟି ପ୍ରମୁଖ ହତ୍ୟା ମାମଲାରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ । ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ପଡ଼ିଆବେଦା ସାପ୍ତାହିକ ବଜାରରେ ଜଣେ ମୁସଲିମ ଗୋ-ବ୍ୟବସାୟୀ ଶେଖ୍ ରହମାନଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିବା ଏବଂ ପରେ ତାଙ୍କ ଦୋକାନରେ ନିଆଁ ଲଗାଇବା ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ ।

୧୯୯୯ ସେପ୍ଟେମ୍ବର ମସିହାରେ ମୟୂରଭଞ୍ଜ ଜିଲ୍ଲାର ଜାମୁବନୀ ଗ୍ରାମରେ ଜଣେ କାଥୋଲିକ ପାଦ୍ରୀ ଫାଦର ଅରୁଳ ଦାସଙ୍କୁ ତୀର ମାରି ନିର୍ମମ ଭାବେ ହତ୍ୟା କରିବା ଘଟଣାରେ ଦାରା ସିଂ ଏବଂ ତାଙ୍କ ସହଯୋଗୀମାନେ ଜଡ଼ିତ ଥିଲେ । ସେ ପଶ୍ଚିମବଙ୍ଗକୁ ଗୋ-ଚାଲାଣ କରୁଥିବା ଟ୍ରକଗୁଡ଼ିକୁ ଅଟକାଇ ନିଆଁ ଲଗାଇବା ଏବଂ ଗୋରୁମାନଙ୍କୁ ମୁକ୍ତ କରିବା ଭଳି ଅନେକ ହିଂସାତ୍ମକ କାର୍ଯ୍ୟକଳାପରେ ସାମିଲ ଥିଲେ । ହତ୍ୟାକାଣ୍ଡ ଘଟାଇବା ପରେ ସେ ପ୍ରାୟ ଏକ ବର୍ଷ ଧରି ଫେରାର ଥିଲେ ଥ୧.୩.୧ଧ । ଶେଷରେ ୨୦୦୦ ମସିହା ଜାନୁଆରୀ ୩୧ ତାରିଖରେ ତତ୍କାଳୀନ ମୟୂରଭଞ୍ଜ ଏସପି (ବର୍ତ୍ତମାନର ଡିଜିପି) ୱାଇ.ବି. ଖୁରାନିଆଙ୍କ ନେତୃତ୍ୱରେ ପୋଲିସ ତାଙ୍କୁ ମୟୂରଭଞ୍ଜର ଏକ ଜଙ୍ଗଲରୁ ଗିରଫ କରିଥିଲା ।

୨୦୦୩ ମସିହାରେ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ସିବିଆଇ ଅଦାଲତ ଦାରା ସିଂଙ୍କୁ ଷ୍ଟେନ୍ସ ମାମଲାରେ ମୃତ୍ୟୁଦଣ୍ଡାଦେଶ ଶୁଣାଇଥିଲେ । କିନ୍ତୁ ୨୦୦୫ରେ ଓଡ଼ିଶା ହାଇକୋର୍ଟ ଏହି ଦଣ୍ଡକୁ କୋହଳ କରି ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ, ଯାହାକୁ ୨୦୧୧ ମସିହାରେ ସୁପ୍ରିମକୋର୍ଟ ମଧ୍ୟ ବଜାୟ ରଖିଥିଲେ । ଦାରା ସିଂ ଦୀର୍ଘ ୨୬ ବର୍ଷ ଧରି ଜେଲ ଦଣ୍ଡ ଭୋଗି ସାରିଛନ୍ତି । ସେ ଜେଲରେ ଥାଇ ନିଜର ଅପରାଧ ପାଇଁ ଅନୁତାପ କରିବା ସହ ଅକାଳ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଜୁଲାଇ ୨୦୨୬ରେ ଓଡ଼ିଶା ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ତାଙ୍କର ଉତ୍ତମ ଆଚରଣକୁ ଆଧାର କରି ମୁକ୍ତି ପାଇଁ ସୁପାରିଶ କରିବା ପରେ, ସୁପ୍ରିମକୋର୍ଟ ତାଙ୍କୁ ଆସନ୍ତା ଅଗଷ୍ଟ ୧୫, ୨୦୨୬ ସୁଦ୍ଧା ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ଦାରା ସିଂ ବର୍ତ୍ତମାନ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଜେଲ୍‌ରେ ବନ୍ଦୀ ଅଛନ୍ତି ଏବଂ ତାଙ୍କ ମୁକ୍ତି ମାମଲାର ଶୁଣାଣି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟରେ ଚାଲିଛି । ତାଙ୍କର ଓକିଲ ଏ.ପି. ସିଂହଙ୍କ ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟ ତାଙ୍କୁ ଆସନ୍ତା ଅଗଷ୍ଟ ୧୫, ୨୦୨୬ (ସ୍ୱାଧୀନତା ଦିବସ) ସୁଦ୍ଧା ଜେଲରୁ ମୁକ୍ତ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଦାରା ସିଂଙ୍କ ଅକାଳ ମୁକ୍ତି ଆବେଦନର ଶୁଣାଣି ନୂଆଦିଲ୍ଲୀସ୍ଥିତ ସୁପ୍ରିମକୋର୍ଟର ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଦ୍ୱାରା ଗଠିତ ଦୁଇଜଣିଆ ଖଣ୍ଡପୀଠରେ ଚାଲିଛି ।

ସେ ବର୍ତ୍ତମାନ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଜେଲ୍‌ରେ ସଜା କାଟୁଛନ୍ତି । ସେ ଗତ ୨୬ ବର୍ଷ ଧରି ଓଡ଼ିଶାର ବିଭିନ୍ନ ଜେଲ୍ (ଯେପରିକି ବାରିପଦା ଓ ଚୌଦ୍ୱାର ଜେଲ୍) ରେ ରହିସାରିଛନ୍ତି । ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ନିର୍ଦ୍ଦେଶ ଅନୁଯାୟୀ, ତାଙ୍କୁ ଆସନ୍ତା ଅଗଷ୍ଟ ୧୫, ୨୦୨୬ ସୁଦ୍ଧା ଜେଲରୁ ଖଲାସ କରାଯିବ । ତାଙ୍କର ୨୬ ବର୍ଷର ଜେଲ୍ ଅବଧି ଏବଂ ଜେଲ୍ ଭିତରେ "ଉତ୍ତମ ଆଚରଣ" କୁ ଆଧାର କରି ଓଡ଼ିଶା ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ତାଙ୍କ ମୁକ୍ତି ପାଇଁ ସୁପାରିଶ କରିଛି । ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାରେ ସିବିଆଇ କୋର୍ଟ ତାଙ୍କୁ ପ୍ରଥମେ ମୃତ୍ୟୁଦଣ୍ଡ ଦେଇଥିଲେ ଥ୧.୧.୨ଧ । ପରେ ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡରେ ବଦଳାଇଥିଲେ ଏବଂ ୨୦୧୧ ମସିହାରେ ସୁପ୍ରିମକୋର୍ଟ ତାଙ୍କର ଆଜୀବନ କାରାଦଣ୍ଡ ରାୟକୁ ଚୂଡ଼ାନ୍ତ ଭାବେ ବଜାୟ ରଖିଥିଲେ । ଦାରା ସିଂ ଜେଲ୍ ମୁକ୍ତି ପାଇଁ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶେଷ ଶୁଣାଣି କରି ଓଡ଼ିଶା ସରକାରଙ୍କୁ ତାଙ୍କର ଠିକଣା ସଠିକ୍ ଭାବେ ଯାଞ୍ଚ କରି ଅଗଷ୍ଟ ୧୫ ସୁଦ୍ଧା ମୁକ୍ତ କରିବାକୁ ଆଦେଶ ଦେଇଛନ୍ତି ଏବଂ ଏହି ମାମଲାର ପରବର୍ତ୍ତୀ ସମୀକ୍ଷା ତାରିଖ ଅଗଷ୍ଟ ୧୯, ୨୦୨୬ କୁ ଧାର୍ଯ୍ୟ କରିଛନ୍ତି ।






ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)


# ଲଣ୍ଡନରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ

ଲଣ୍ଡନ, ୧୮/୦୭ : ଲଣ୍ଡନରେ ପ୍ରବାସୀ ଓଡ଼ିଆଙ୍କ ପାଇଁ ପ୍ରଦର୍ଶିତ ହେଲା ଓଡ଼ିଆ ଚଳଚ୍ଚିତ୍ର 'ବର ବଧୂ' । ଯୁନାଇଟେଡ୍ କିଙ୍ଗଡମ୍ ଏବଂ ଆୟରଲାଣ୍ଡରେ ବସବାସ କରୁଥିବା ଓଡ଼ିଆମାନେ ଏକାଠି ହୋଇ ଏହି ଚଳଚ୍ଚିତ୍ରକୁ ଉପଭୋଗ କରିଥିଲେ। ଏହି ସ୍ୱତନ୍ତ୍ର ସ୍କ୍ରିନିଂର ଆୟୋଜନ କନେକ୍ଟ ଭାୟା ମିଡିଆ ନିର୍ଦ୍ଦେଶକ ତରୁଣ ଦାସଙ୍କ ନେତୃତ୍ୱରେ କରାଯାଇଥିଲା। ପ୍ରବାସୀ ଓଡ଼ିଆଙ୍କୁ ଓଡ଼ିଆ ସିନେମା, ଭାଷା ଓ ସଂସ୍କୃତି ସହ ଯୋଡ଼ି ରଖିବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଇଥିଲା। ଲଣ୍ଡନର ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ପ୍ରବାସୀ ଓଡ଼ିଆ ପରିବାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚଳଚ୍ଚିତ୍ରକୁ ପ୍ରଶଂସା କରିଥିଲେ। ଚଳଚ୍ଚିତ୍ର ପ୍ରଦର୍ଶନ ସହ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଏକ ଆନ୍ତରିକ ମିଳନର ପରିବେଶ ମଧ୍ୟ ସୃଷ୍ଟି ହୋଇଥିଲା। ଏହି ଅବସରରେ କନେକ୍ଟ ଭାୟା ମିଡିଆର ନିର୍ଦ୍ଦେଶକ ତରୁଣ ଦାସ କହିଥିଲେ ଯେ, ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି, ଭାଷା, ସଂସ୍କୃତି ଏବଂ ଓଡ଼ିଆ ସିନେମା ସହ ଯୋଡ଼ି ରଖିବା ହିଁ କନେକ୍ଟ ଭାୟା ମିଡିଆର ମୂଳ ଉଦ୍ଦେଶ୍ୟ। ଆଗାମୀ ଦିନରେ ମଧ୍ୟ ଅଧିକ ଓଡ଼ିଆ ଚଳଚ୍ଚିତ୍ରର ସ୍କ୍ରିନିଂ, ଓଡ଼ିଶାର ପର୍ବପର୍ବାଣୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯୁକ୍ତରାଜ୍ୟ ଓ ଆୟରଲାଣ୍ଡ ଦେଶରେ ଓଡ଼ିଆ ସିନେମା ପ୍ରତି ବଢ଼ୁଥିବା ଆଗ୍ରହ ଏବଂ ଏଭଳି ସାଂସ୍କୃତିକ ପଦକ୍ଷେପ ପ୍ରବାସୀ ଓଡ଼ିଆ ସମାଜକୁ ଆହୁରି ଏକତ୍ରିତ କରିବାରେ ସହାୟକ ହେଉଛି।










## ଆନ୍ଧ୍ରରେ କୋଭିଡ୍ ମୃତ୍ୟୁ ପରେ ଓଡ଼ିଶାରେ ହାଇ-ଆଲର୍ଟ

# ପୁଣି ଲେଉଟୁଛି କି କରୋନା ?

ଭୁବନେଶ୍ୱର, ୧୮/୦୭ (ଜେଏନ୍ଏସ୍) : ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ କୋଭିଡ୍ ଜନିତ ୨ ଜଣଙ୍କ ମୃତ୍ୟୁ ଏବଂ ୮ଟି ସକ୍ରିୟ ମାମଲା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସଜାଗ ହୋଇଛନ୍ତି ଏବଂ ରାଜ୍ୟବ୍ୟାପୀ ହାଇ-ଆଲର୍ଟ ଜାରି କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଭୁବନେଶ୍ୱର ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ଜରୁରୀକାଳୀନ ସମୀକ୍ଷା ବୈଠକ କରି ସ୍ଥିତି ଉପରେ କ୍ରମାଗତ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଜ୍ୟରେ ଏ ପର୍ଯ୍ୟନ୍ତ କୌଣସି ପଜିଟିଭ୍ ମାମଲା ଚିହ୍ନଟ ହୋଇନଥିବାରୁ ସାଧାରଣ ଲୋକଙ୍କୁ ଆଦୌ ଭୟଭୀତ ନହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ସୀମାକୁ ଲାଗି ରହିଥିବାରୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ସବୁଠାରୁ ଅଧିକ ସତର୍କ ରହିଛି। ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡାକ୍ତରଖାନାକୁ ପ୍ରସ୍ତୁତ ରହିବାକୁ ଆଦେଶ ଦେଇଛନ୍ତି । ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅନ୍ୟ ସମସ୍ତ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗକୁ ଆଲର୍ଟ କରାଯିବା ସହ ସେଠାରେ ନଜର ରଖିବାକୁ କୁହାଯାଇଛି। ଡାକ୍ତରଖାନାକୁ ଆସୁଥିବା ସମସ୍ତ ଗୁରୁତର ଶ୍ୱାସକ୍ରିୟା ଜନିତ ରୋଗୀଙ୍କ ପାଇଁ କୋଭିଡ୍-୧୯ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି।



ସାଧାରଣ ଥଣ୍ଡା, ଜ୍ୱର କିମ୍ବା ଇନଫ୍ଲୁଏଞ୍ଜା ଭଳି ଲକ୍ଷଣ ଥିବା ରୋଗୀଙ୍କ ମଧ୍ୟରୁ ଅତିକମରେ ୫ ପ୍ରତିଶତ ରୋଗୀଙ୍କର ର୍ୟାଣ୍ଡମ୍ କୋଭିଡ୍ ପରୀକ୍ଷା କରାଯିବ। ଆଶା ଏବଂ ଏଏନଏମ କର୍ମୀମାନେ ଗ୍ରାମାଞ୍ଚଳରେ କୌଣସି ଜ୍ୱର କିମ୍ବା ଶ୍ୱାସକ୍ରିୟା ରୋଗର ଅସ୍ୱାଭାବିକ କ୍ଲଷ୍ଟର (ଗୋଷ୍ଠୀ) ଦେଖାଗଲେ ତୁରନ୍ତ ରିପୋର୍ଟ କରିବେ।

ସମସ୍ତ ସରକାରୀ ଡାକ୍ତରଖାନାରେ ଥିବା ଆଇସୋଲେସନ ୱାର୍ଡ, ଅକ୍ସିଜେନ ସପୋର୍ଟ ବେଡ୍, ଆଇସିୟୁ ସୁବିଧା, ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ଏବଂ ଅକ୍ସିଜେନ କନସେଣ୍ଟ୍ରେଟରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ଥିତିରେ ରଖିବାକୁ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଲକ୍ଷଣ ଥିବା ବ୍ୟକ୍ତିଙ୍କ ନମୁନାକୁ ନୂଆ ଭାରିଆଣ୍ଟ ଚିହ୍ନଟ ପାଇଁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯିବ। ବର୍ତ୍ତମାନ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି । ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ପୁରୀରେ ୨୦୦ ରୁ ଅଧିକ ଡାକ୍ତର, ପାରାମେଡିକାଲ ଷ୍ଟାଫ୍, ମେଡିସିନର ବଫର ଷ୍ଟକ୍ ଏବଂ ଆଇସିୟୁ ଆମ୍ବୁଲାନ୍ସ ମୁତୟନ କରାଯାଇଛି। ଓଡ଼ିଶା ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ସିଧାସଳଖ ଯୋଗାଯୋଗରେ ଅଛନ୍ତି । ଆଗକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସବୁ ନୂତନ କୋଭିଡ ଗାଇଡଲାଇନ୍ କିମ୍ବା ଆଡଭାଇଜରୀ ଜାରି କରାଯିବ, ତାକୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଲୋକଙ୍କୁ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ଭଳି ମୌଳିକ ସ୍ୱାସ୍ଥ୍ୟ ନିୟମ ପାଳନ କରିବାକୁ ଏବଂ ସୋସିଆଲ ମିଡିଆରେ ଚାଲୁଥିବା ଗୁଜବ ପ୍ରତି ଧ୍ୟାନ ନଦେବାକୁ ଅନୁରୋଧ କରାଯାଇଛି।

# ଇସ୍ତଫା ଦେଲେ ପୌର ଉପାଧ୍ୟକ୍ଷାଙ୍କ ସମେତ ବିଜେଡିର ୯ କାଉନସିଲର



ଝାରସୁଗୁଡ଼ା, ୧୮/୦୭ (ଜେଏନ୍ଏସ୍) : ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଲପାହାଡ଼ ପୌରପରିଷଦରେ ବିଜେଡିକୁ ଏକ ବଡ଼ ଝଟକା ଲାଗିଛି, ଯେଉଁଠାରେ ଦଳୀୟ ମନୋମାଳିନ୍ୟ ଯୋଗୁଁ ଉପନଗରପାଳ (ଉପାଧ୍ୟକ୍ଷା) ଓ ୯ ଜଣ ନିର୍ବାଚିତ କାଉନସିଲରଙ୍କ ସମେତ ପ୍ରାୟ ୩୦୦ କର୍ମୀ ସାମୂହିକ ଭାବେ ଦଳରୁ ପ୍ରାଥମିକ ଇସ୍ତଫା ଦେଇଛନ୍ତି।ବେଲପାହାଡ଼ ପୌରପାଳିକାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମ୍ୟୁନିସିପାଲଟି ଚେୟାରମ୍ୟାନ୍ ପ୍ରାର୍ଥୀ ହିତେଶ ଠକ୍କରଙ୍କୁ ଦଳରୁ ହଠାତ୍ ନିଲମ୍ବିତ କରାଯିବା ପରେ ଏହି ବିଦ୍ରୋହ ସୃଷ୍ଟି ହୋଇଛି । ତାଙ୍କ ନିଲମ୍ବନକୁ ବିରୋଧ କରି ତାଙ୍କ ସମର୍ଥକମାନେ ଦଳ ଛାଡ଼ିଛନ୍ତି ।

ଇସ୍ତଫା ଦେଇଥିବା ନେତାମାନେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଏବଂ ସ୍ଥାନୀୟ ଶୀର୍ଷ ନେତୃତ୍ୱଙ୍କ କାର୍ଯ୍ୟପନ୍ଥା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦଳ ମଧ୍ୟରେ ସେମାନଙ୍କୁ କ୍ରମାଗତ ଭାବେ ଅଣଦେଖା ଓ ଅପମାନିତ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ବେଲପାହାଡ଼ ପୌରପରିଷଦର ଉପାଧ୍ୟକ୍ଷା ରୀନା ସୁନା। ଉପାଧ୍ୟକ୍ଷାଙ୍କ ସହିତ ଅନ୍ୟ ୯ ଜଣ ନିର୍ବାଚିତ ବିଜେଡି କାଉନସିଲର (ସମୁଦାୟ ୧୦ ଜଣ କାଉନସିଲର) ।ଦଳର ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ତୌଷିଫ ଆଲାମ ଏବଂ ତାଙ୍କ ସହ ପ୍ରାୟ ୩୦୦ ସକ୍ରିୟ କର୍ମୀ ଦଳରୁ ଇସ୍ତଫା ଦେଇଛନ୍ତି। ଉପାଧ୍ୟକ୍ଷା ରୀନା ସୁନା ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଯେ, ସେମାନେ ସମସ୍ତେ ନିଜ ନିଜର ପ୍ରାଥମିକ ସଦସ୍ୟ ପଦର ଇସ୍ତଫାପତ୍ର ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହି ସାମୂହିକ ଇସ୍ତଫା ଫଳରେ ବେଲପାହାଡ଼ ପୌରାଞ୍ଚଳରେ ବିଜେଡିର ଏକ ସୁଦୃଢ଼ ଗଡ଼ ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି ଏବଂ ସ୍ଥାନୀୟ ରାଜନୀତିରେ ବଡ଼ ହଲଚଲ ସୃଷ୍ଟି ହୋଇଛି। ସେମାନେ ଆଗକୁ କେଉଁ ଦଳରେ ସାମିଲ ହେବେ, ସେନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

**୩ ଶହ କର୍ମୀଙ୍କ ସାମୂହିକ ଇସ୍ତଫା**

## ଶାସ୍ତ୍ରୀ ନଗରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ମର୍ସିଡିଜ୍ ନେଲା ନିଷ୍ପାପ ଜୀବନ

ଭୁବନେଶ୍ୱର, ୧୮/୦୭ (ଜେଏନ୍ଏସ୍) : ଭୁବନେଶ୍ୱର ଶାସ୍ତ୍ରୀ ନଗର ଛକଠାରେ ଗତ ଜୁଲାଇ ୧୩ (ସୋମବାର) ବିଳମ୍ବିତ ରାତି ପ୍ରାୟ ୧୧ଟାରେ ଏକ ମାରାତ୍ମକ ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଠାରେ ଜଣେ ମଦ୍ୟପ ବିଲ୍ଡରଙ୍କ ପୁଅ (ଆଇନ ଛାତ୍ର)ଙ୍କ ଦ୍ରୁତଗାମୀ ମର୍ସିଡିଜ୍ କାର୍ ଧକ୍କାରେ ଜଣେ ନିରୀହ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି।

ମୃତ ଯୁବକ ଦେବୀ ପ୍ରସାଦ ରାଉତରାୟ ଶାସ୍ତ୍ରୀ ନଗର ଟ୍ରାଫିକ୍ ପୋଷ୍ଟ ସିଗନାଲ୍ ନିକଟରେ ନିଜ ବାଇକ୍‌ରେ ଅଟକି ରହିଥିଲେ। ଏହି ସମୟରେ ପଛପଟୁ ଅତି ଦ୍ରୁତ ଗତିରେ ଆସୁଥିବା ଏକ ପଶ୍ଚିମବଙ୍ଗ ନମ୍ବର ବିଶିଷ୍ଟ ମର୍ସିଡିଜ୍ ବେଞ୍ଜ୍ କାର୍ ତାଙ୍କୁ ସଜୋରରେ ପଛପଟୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଯୁବକ ଜଣକ ବାଇକ୍ ସହ ଗାଡ଼ି ତଳେ ଚାପି ହୋଇ ପ୍ରାୟ ୧୦୦ ରୁ ୩୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଧକ୍କାର ତୀବ୍ରତା ଯୋଗୁଁ ମର୍ସିଡିଜ୍‌ର ଏୟାରବ୍ୟାଗ୍ ମଧ୍ୟ ଖୋଲିଯାଇଥିଲା ।

ମୃତ ଯୁବକ ହେଉଛନ୍ତି କଟକ ନିଶ୍ଚିନ୍ତକୋଇଲି ଅଞ୍ଚଳର ଦେବୀ ପ୍ରସାଦ ରାଉତରାୟ (୩୪ ବର୍ଷ), ଯିଏ ଭୁବନେଶ୍ୱର ନୂଆସାହି/ନୟାପଲ୍ଲୀ ଅଞ୍ଚଳରେ ରହୁଥିଲେ। ସେ ଜଣେ ଏସି ମେକାନିକ ଭାବେ କାମ କରୁଥିଲେ ଏବଂ ତାଙ୍କର ପରିବାରରେ ସ୍ତ୍ରୀ ଓ ଏକ ଛୋଟ ସନ୍ତାନ ଅଛନ୍ତି । ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କ ନାମ ସୌମ୍ୟ ରଞ୍ଜନ ରଥ। ସେ ଜଣେ ପ୍ରତିଷ୍ଠିତ ବିଲ୍ଡରଙ୍କ ପୁଅ ଏବଂ ବୃତ୍ତିରେ ଜଣେ ଆଇନ ଛାତ୍ର। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳ ରଣକ୍ଷେତ୍ର ପାଲଟିଥିଲା। ଶତାଧିକ ଉତ୍ୟକ୍ତ ଲୋକ ରାସ୍ତାରୋକ କରିବା ସହ ମର୍ସିଡିଜ୍ କାର୍‌କୁ ବ୍ୟାପକ ଭଙ୍ଗାରୁଜା କରିଥିଲେ ଏବଂ ସେଥିରେ ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ । କାର୍ ଭିତରେ ଚାଳକ ସୌମ୍ୟ ରଞ୍ଜନଙ୍କ ସହ ଜଣେ ଯୁବତୀ ମଧ୍ୟ ଥିଲେ, ଯାହାଙ୍କୁ ଲୋକେ ଅଟକ ରଖିଥିଲେ । ପରେ ଖାରବେଳ ନଗର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ପୋଲିସର ବ୍ରେଥ୍ ଆନାଲାଇଜର୍ ଟେଷ୍ଟରୁ ସ୍ପଷ୍ଟ ହୋଇଛି ଯେ ଅଭିଯୁକ୍ତ ସୌମ୍ୟ ରଞ୍ଜନ ରଥ ଅତ୍ୟଧିକ ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଉଥିଲେ।

କମିଶନରେଟ୍ ପୋଲିସ ଅଭିଯୁକ୍ତ ସୌମ୍ୟ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫ (ହତ୍ୟା ସଦୃଶ ଅପରାଧ) ଏବଂ ଧାରା ୧୦(୧) (ଅବହେଳା ଜନିତ ମୃତ୍ୟୁ) ଅଧୀନରେ ମାମଲା ରୁଜୁ କରାଯାଇଛି। ଗାଡ଼ିକୁ ଜବତ କରାଯାଇଥିବା ବେଳେ ସହଯୋଗୀ ଯୁବତୀଙ୍କୁ ଏକ ସର୍ଟ-ଷ୍ଟେ ହୋମ୍‌କୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଉତ୍ୟକ୍ତ ଲୋକ ଡ୍ରାଇଭରଙ୍କ କାର୍‌କୁ ଭଙ୍ଗାରୁଜା କରିବା ସହ ଅଭିଯୁକ୍ତଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ବେଳେ ମୃତକଙ୍କ ପରିବାର ପକ୍ଷରୁ କଠୋର ଦଣ୍ଡ ଦାବି କରାଯାଇଛି। ଏହି ଘଟଣାରେ କମିଶନରେଟ୍ ପୋଲିସ ଏଭଳି ହାଇପ୍ରୋଫାଇଲ ମାମଲାର ଅଧିକ ତଦନ୍ତ ଜାରି ରଖିଛି।





# ୟୁରୋପରେ ଭୟଙ୍କର ଗ୍ରୀଷ୍ମପ୍ରବାହ

ୟୁରୋପ, ୧୮/୦୭ : ୟୁରୋପ ମହାଦେଶରେ ଏବେ ଏକ ଭୟଙ୍କର ଗ୍ରୀଷ୍ମପ୍ରବାହ ଜାରି ରହିଛି, ଯାହା ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ୟୁରୋପୀୟ ୟୁନିଅନର କୋପରନିକସ ଜଳବାୟୁ ପରିବର୍ତ୍ତନ ସେବା ଅନୁଯାୟୀ, ଚଳିତ ବର୍ଷ ପଶ୍ଚିମ ୟୁରୋପରେ ଇତିହାସର ସବୁଠାରୁ ଗରମ ଜୁନ୍ ମାସ ରେକର୍ଡ କରାଯାଇଛି। ଅତ୍ୟଧିକ ଗରମ ଯୋଗୁଁ ସମଗ୍ର ୟୁରୋପରେ ହଜାର ହଜାର ଲୋକ ପ୍ରାଣ ହରାଇଲେଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ପ୍ରାଥମିକ ସରକାରୀ ରିପୋର୍ଟ ଅନୁଯାୟୀ, କେବଳ ଫ୍ରାନ୍ସ, ସ୍ପେନ୍, ଜର୍ମାନୀ, ବେଲଜିୟମ, ବ୍ରିଟେନ୍ ଏବଂ ନେଦରଲ୍ୟାଣ୍ଡ ଭଳି ଦେଶରେ ଗ୍ରୀଷ୍ମପ୍ରବାହ କାରଣରୁ ପ୍ରାୟ ୧୪,୦୦୦ରୁ ଅଧିକ ଅତିରିକ୍ତ ମୃତ୍ୟୁ ଘଟିଛି। ଫ୍ରାନ୍ସ ଓ ସ୍ପେନର ଅନେକ ଅଞ୍ଚଳରେ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଗରମ ଯୋଗୁଁ ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଇଛି ଏବଂ ସମସ୍ତ ବାହାର କାର୍ଯ୍ୟକ୍ରମ ବାତିଲ କରାଯାଇଛି। ହସ୍ପିଟାଲଗୁଡ଼ିକରେ ହଠାତ ରୋଗୀଙ୍କ ସଂଖ୍ୟା ବହୁତ ବଢ଼ିଯାଇଛି, ଯାହାଫଳରେ ବ୍ରିଟେନ୍ ଓ ଇଟାଲୀର କେତେକ ଡାକ୍ତରଖାନାରେ କ୍ରିଟିକାଲ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାକୁ ପଡ଼ିଛି। ସ୍ପେନର ଆଣ୍ଡୁଜାର ଏବଂ ମୋଣ୍ଟୋରୋ ସହରରେ ସର୍ବାଧିକ ତାପମାତ୍ରା ୪୫.୧ ସ୍ପଡ (୧୧୩.୨ ସ୍ପର୍) ରେକର୍ଡ କରାଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ବେଲାରୁଷ ଭଳି ସୀତଳ ଦେଶରେ ତାପମାତ୍ରା ୪୦ ସ୍ପଡ ଉପରକୁ ଚାଲିଯାଇଛି। ଜର୍ମାନୀର ସାରବ୍ରୁକେନ ସହରରେ ମଧ୍ୟ ୪୧.୩ ସ୍ପଡ ରେକର୍ଡ ହୋଇଛି। ପ୍ରବଳ ବିକିରଣ ଯୋଗୁଁ ବେଲଜିୟମର କେତେକ ସ୍ଥାନରେ ଘର ଛାତର ତାପମାତ୍ରା ୬୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଗରମ ହୋଇଯାଇଥିବା ଦେଖାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁଯାୟୀ, 'ଓମେଗା ବ୍ଲକ' ନାମକ ଏକ ଶକ୍ତିଶାଳୀ ପାଣିପାଗ ପ୍ରଣାଳୀ ଏଥିପାଇଁ ଦାୟୀ। ଏହା ସାହାରା ମରୁଭୂମିରୁ ଉତ୍ତପ୍ତ ଏବଂ ଶୁଷ୍କ ପବନକୁ ଆଣି ୟୁରୋପ ଉପରେ ଏକ 'ହିଟ୍ ଡୋମ୍' ବା ଗରମ ବାୟୁର ଆସ୍ତରଣ ତିଆରି କରି ରଖିଛି, ଯାହା ବାହାରକୁ ଯାଇପାରୁ ନାହିଁ। ଫ୍ରାନ୍ସ ଏବଂ ସ୍ପେନର ଜଙ୍ଗଲଗୁଡ଼ିକରେ ଭୟଙ୍କର ନିଆଁ ଲାଗି ହଜାର ହଜାର ହେକ୍ଟର ଜମି ନଷ୍ଟ ହେବାରେ ଲାଗିଛି। ଅତ୍ୟଧିକ ଗରମ ଯୋଗୁଁ ରେଳ ଧାରଣାଗୁଡ଼ିକ ବଙ୍କା ହେବାର ଆଶଙ୍କା ଦେଖାଦେଇଛି ଏବଂ ଏୟାର କଣ୍ଡିସନରର ବହୁଳ ବ୍ୟବହାର ଯୋଗୁଁ ପାୱାର ଗ୍ରୀଡ୍ ଫେଲ୍ ହୋଇ ଅନେକ ସହରରେ ଅନ୍ଧାର ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥଳଭାଗ ସହିତ ସମୁଦ୍ରର ତାପମାତ୍ରା ମଧ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି, ଯାହା ସାମୁଦ୍ରିକ ଜୀବମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଦେଇଛି ଯେ, ସମଗ୍ର ପୃଥିବୀ ତୁଳନାରେ ୟୁରୋପ ଦୁଇଗୁଣ ଦ୍ରୁତ ଗତିରେ ଗରମ ହେଉଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ଓ ଗ୍ରୀନହାଉସ ଗ୍ୟାସ ନିର୍ଗମନ ଯୋଗୁଁ ଜଳବାୟୁ ପରିବର୍ତ୍ତନ ଏଭଳି ଭୟଙ୍କର ରୂପ ନେଇଛି।



- ୧୪ ହଜାରରୁ ଅଧିକ ମୃତ୍ୟୁ
- ୪୫ ଡିଗ୍ରୀ ଟପିଲା ତାତି
- ଘର ଭିତର ତାପମାତ୍ରା ୬୦ଡିଗ୍ରୀ ଛୁଇଁଲା

# ଶରଧାବାଲିରେ ଶ୍ରୀଜିଉଙ୍କ ରଥ

ପୁରୀ, ୧୮/୦୭: ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ୧୬ ଜୁଲାଇ ୨୦୨୬ (ଗୁରୁବାର) ଦିନ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହିତ ଆରମ୍ଭ ହୋଇଛି. ଚଳିତ ବର୍ଷ ପ୍ରବଳ ବର୍ଷା ସତ୍ତ୍ୱେ ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଗୁରୁବାର ସକାଳୁ ଶ୍ରୀଜିଉମାନଙ୍କର ଭାବପୂର୍ଣ୍ଣ 'ଧାଡ଼ି ପହଣ୍ଡି' ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ତା'ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ସାଆନ୍ତ ନନ୍ଦିଘୋଷ ରଥକୁ ବିଜେ କରିଥିଲେ । ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ସାଆନ୍ତ ତିନି ରଥରେ ପାରମ୍ପରିକ 'ଛେରା ପହଁରା' ସେବା ସମ୍ପନ୍ନ କରିଥିଲେ । ଏହା ସହିତ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ରଥ ଉପରେ ଶ୍ରୀଜିଉମାନଙ୍କ ଦର୍ଶନ କରିଥିଲେ । ନିର୍ଦ୍ଧାରିତ ସମୟ ଅନୁଯାୟୀ ବିଭିନ୍ନ ବାଦ୍ୟର ତାଳେ ତାଳେ ଭକ୍ତମାନେ ରଥ ଟାଣିବା ଆରମ୍ଭ କରିଥିଲେ. ଗୁରୁବାର ସନ୍ଧ୍ୟା ସୁଦ୍ଧା ରଥଗୁଡ଼ିକ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ନପାରି ଅଧା ବାଟରେ ଅଟକି ରହିଥିଲା।



ଗତ ଶୁକ୍ରବାର ସକାଳୁ ପୁଣିଥରେ ଥରଥଟଣା କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଶ୍ରୀଜିଉମାନଙ୍କୁ ଆଡ଼ପ ମଣ୍ଡପ (ଗୁଣ୍ଡିଚା ମନ୍ଦିର) କୁ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି । ବଡ଼ଦାଣ୍ଡରେ ଅତ୍ୟଧିକ ଭିଡ଼ ଓ ଅଣନିଶ୍ୱାସୀ ପରିସ୍ଥିତି ଯୋଗୁଁ ଥଅନୀଲ ଦାସ ଓ ସୂର୍ଯ୍ୟ ପ୍ରକାଶ ରାଓ ନାମକ ୨ ଜଣ ଭକ୍ତଙ୍କର ଦୁଃଖଦ ମୃତ୍ୟୁ ହୋଇଛି । ପ୍ରାୟ ୨୦୦ ରୁ ଅଧିକ ଭକ୍ତ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି. ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିବା ସହ ଆହତମାନଙ୍କୁ ମାଗଣା ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ବାହିନୀ ଓ ସେବାୟତମାନେ ଭିଡ଼ ଭିତରୁ ଶ୍ୱାସକ୍ରିୟାରେ ସମସ୍ୟା ଭୋଗୁଥିବା ଶ୍ରଦ୍ଧାଳୁମାନଙ୍କୁ ତୁରନ୍ତ ଉଦ୍ଧାର କରି ଅକ୍ସିଜେନ ସପୋର୍ଟ ଯୋଗାଇ ଦେଇଛନ୍ତି।

# ପାର୍ବତୀ ଗିରି ମେଗା ପ୍ରକଳ୍ପ ପାଇଁ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର, ୧୮/୦୭ (ଜେଏନ୍ଏସ୍) : ପାର୍ବତୀ ଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ହେଉଛି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ଫ୍ଲାଗସିପ୍ ଯୋଜନା, ଯାହା ମାଧ୍ୟମରେ ରାଜ୍ୟର ଉଚ୍ଚା ମାଳଭୂମି କିମ୍ବା ଉପାନ୍ତ ଅଞ୍ଚଳର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି । ଭୂଗୋଳିକ ସମସ୍ୟା କାରଣରୁ ଯେଉଁ ସବୁ ସ୍ଥାନକୁ ସାଧାରଣ କେନାଲ୍ କିମ୍ବା ନଦୀର ପ୍ରବାହ ଦ୍ୱାରା ପାଣି ମାଡ଼ିପାରେ ନାହିଁ, ସେହି ଉଚ୍ଚା ଜମିଗୁଡ଼ିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ସ୍ମୃତିରେ ଏହି ମେଗା ଲିଫ୍ଟ ପ୍ରକଳ୍ପର ନାମକରଣ କରାଯାଇଛି। ନଦୀ, କେନାଲ କିମ୍ବା ଜଳାଶୟଗୁଡ଼ିକରୁ ବଳକା ଜଳକୁ ହେଭି-ଡ୍ୟୁଟି ହାଇ ପାୱାର୍ ଭର୍ଟିକାଲ୍ ଟରବାଇନ୍ ପମ୍ପ ସାହାଯ୍ୟରେ ଉପରକୁ ଉଠାଯାଇ ଉଚ୍ଚା ଚାଷଜମିକୁ ପାଣି ଯୋଗାଇବା ଏହାର ମୂଳ ଲକ୍ଷ୍ୟ। ପାରମ୍ପରିକ ଖୋଲା କେନାଲ ବଦଳରେ ଏଥିରେ ଭୂତଳ ପାଇପ୍ ନେଟୱାର୍କ ବ୍ୟବହାର କରାଯାଇଥାଏ । ଏହାଦ୍ୱାରା ବାଷ୍ପୀଭବନ କିମ୍ବା ମାଟି ଭିତରକୁ ପାଣି ଶୋଷି ହୋଇ ନଷ୍ଟ ହେବାର ସମ୍ଭାବନା ଜିରୋ ରହେ ଏବଂ ପ୍ରତି ବୁନ୍ଦା ପାଣିର ସଠିକ୍ ଉପଯୋଗ ହୋଇଥାଏ। ଏହି ସମଗ୍ର ପ୍ରକଳ୍ପଟି ଇଓ ଏବଂ ଝଉଇଉଇ ସିଷ୍ଟମ୍ ଦ୍ୱାରା ପରିଚାଳିତ, ଯାହା ଦ୍ୱାରା ପାଣିର ପ୍ରବାହ ଏବଂ ବିଦ୍ୟୁତ ବ୍ୟବହାର ଉପରେ ରିଅଲ୍-ଟାଇମ୍ (ତତ୍କାଳୀନ) ନଜର ରଖାଯାଇପାରେ।

ଚାଷୀଙ୍କ ପାଇଁ ଏଥିରେ ଏସଏମଏସ ଆଲର୍ଟ ସୁବିଧା ମଧ୍ୟ ରହିଛି। ଏହା ୨୦୧୧-୧୨ ମସିହାରେ ଆରମ୍ଭ ହୋଇଥିଲା । ଏଥିପାଇଁ ୭,୪୯୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇ ୧୭ଟି କ୍ଲଷ୍ଟର ଅଧୀନରେ ୨୦୮ଟି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା, ଯାହା ପ୍ରାୟ ୨,୬୪,୩୨୯ ହେକ୍ଟର ଚାଷ ଜମିକୁ ଜଳସେଚିତ କରୁଛି। ପ୍ରଥମ ପର୍ଯ୍ୟାୟର ସଫଳତା ପରେ ସରକାର ୧୦,୭୫୯.୨୦ କୋଟି ଟଙ୍କାର ବ୍ୟୟବରାଦରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି ଥ୧.୧.୧, ୧.୧.୨ଧ । ଏହାର ଲକ୍ଷ୍ୟ ହେଉଛି ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ଆଉ ୨,୬୩,୮୦ ହେକ୍ଟର ଉଚ୍ଚା ଜମିକୁ ଜଳସେଚନ ପରିସରଭୁକ୍ତ କରିବା। ଏହି ଯୋଜନାରେ ମାଇକ୍ରୋ-ଇରିଗେସନ୍ (ସ୍ପ୍ରିଙ୍କଲର ଓ ଡ୍ରିପ୍ ପଦ୍ଧତି) ବ୍ୟବହାର କରାଯାଉଥିବାରୁ, ଚାଷୀମାନେ ଅଧିକ ପାଣି ଆବଶ୍ୟକ କରୁଥିବା ଧାନ ଚାଷ ବଦଳରେ ଲାଭଜନକ ନଗଦ ଫସଲ ଓ ପନିପରିବା ଚାଷ କରିବାକୁ ପ୍ରୋତ୍ସାହିତ ହେଉଛନ୍ତି । ବୃହତ ନଦୀବନ୍ଧ ବା କେନାଲ ପ୍ରକଳ୍ପ ତୁଳନାରେ ଏହି ମେଗା ଲିଫ୍ଟ ପ୍ରକଳ୍ପଗୁଡ଼ିକ ଖୁବ୍ କମ୍ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯାଏ, ଯାହା ଫଳରେ ଚାଷୀଙ୍କୁ ତୁରନ୍ତ ପାଣି ମିଳିପାରେ। ବାହ୍ୟ ଜଳ ଉତ୍ସର ଉପଯୋଗ ହେଉଥିବାରୁ ଭୂତଳ ଜଳ ଉପରେ ଚାଷୀଙ୍କ ନିର୍ଭରଶୀଳତା କମିଯାଏ ଏବଂ ଜଳସ୍ତର ବଜାୟ ରହେ ।

## ୧୨୧ କୋଟି ବ୍ୟୟ ଅଟକଳ



ଓଡ଼ିଶା କ୍ୟାବିନେଟ୍ ବୈଠକରେ ବଲାଙ୍ଗୀର ଜିଲ୍ଲାରେ ଏହି ସ୍କିମ୍ ଅଧୀନରେ ୩ଟି ନୂଆ ଲିଫ୍ଟ ଇରିଗେସନ୍ ପ୍ରକଳ୍ପ ପାଇଁ ୧୨୧.୮୧ କୋଟି ଟଙ୍କାର ଟେଣ୍ଡରର ଅନୁମୋଦନ କରାଯାଇଛି ।ଏହି ନୂତନ ପ୍ରକଳ୍ପ ଦ୍ୱାରା ତେଲ୍ ଓ ଉନ୍ଦାର୍ ନଦୀରୁ ପାଣି ଲିଫ୍ଟ କରାଯାଇ ବଲାଙ୍ଗୀର ଜିଲ୍ଲାର ୨୫ଟି ଗ୍ରାମର ୪,୩୩୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯିବ । ସରକାର ଏହି ପ୍ରକଳ୍ପକୁ ଆଗାମୀ ୩୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଭୁବନେଶ୍ୱର ଟେମ୍ପୁଲ ସିଟି ଇନରହ୍ୱିଲ କ୍ଲବର ନୂଆ କର୍ମକର୍ତ୍ତା

ଭୁବନେଶ୍ୱର, ୧୮/୦୭ (ଜେଏନ୍ଏସ୍) :ଭୁବନେଶ୍ୱର ଟେମ୍ପୁଲ ସିଟି ଇନର ହ୍ୱିଲ୍ କ୍ଲବ ଜୁଲାଇ ୧୫ରେ ଏହାର ପ୍ରତଷ୍ଠା ଉତ୍ସବ ପାଳନ କରିଛି । ଆୟୋଜିତ ଉତ୍ସବରେ ଶୁଶ୍ରୂଷାର ସହ ପ୍ରତିଷ୍ଠାତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ୨୦୨୬-୨୭ ପାଇଁ ଇନର୍ ହ୍ୱିଲର ଅଧ୍ୟକ୍ଷା ଭାବରେ ଶ୍ରୀମତୀ ମଧୁଛନ୍ଦା ବଳ ଓ କ୍ଲବର ସେକ୍ରେଟାରୀ ଭାବରେ ଶ୍ରୀମତୀ ସୁମିତ୍ରା ଚୌଧୁରୀ ଅବସ୍ଥାପିତ ହୋଇଥିଲେ । ଉତ୍ସବରେ ଜିଲ୍ଲା ଇଏସଓ ପୁଷ୍ପା ହରିଚନ୍ଦନ, ଜିଲ୍ଲା କୋଷାଧକ୍ଷା ଆରତି ବଡ଼ପଣ୍ଡା, ଜିଲ୍ଲା ଆଇଏସଓ ମମତା ବାଜପେୟୀ, ପ୍ରାକ୍ତନ ସଂଘ ସଚିବ ଶ୍ରୀନୁ ପଟ୍ଟନାୟକ ଓ ପ୍ରାକ୍ତନ ଜିଲ୍ଲା ଚେୟାରମ୍ୟାନ୍ ସଂଘମିତ୍ରା ସାହୁ, ଅନୀତା ପତି ଓ ମଧୁମିତା ମହାନ୍ତି ଯୋଗ ଦେଇଥିଲେ । ୫୦ରୁ ଅଧିକ ସଦସ୍ୟା ଓ ଅତିଥି ଉପସ୍ଥିତ ଥିଲେ । ସମର୍ଥନୀୟ ଶୈକ୍ଷିକ ସହାୟତା ପ୍ରକଳ୍ପର ଅଂଶ ସ୍ୱରୂପ କ୍ଲବ ଦ୍ୱାରା ଛାତ୍ରୀ ସାବିତ୍ରୀ ପ୍ରଧାନଙ୍କୁ ୨୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । କ୍ଲବର ସମ୍ପାଦକ ପଦ୍ମଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କ ଜରିଆରେ




କ୍ଲବ ପ୍ରତିଷ୍ଠା ବୁଲେଟିନ୍‌ର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ୭ ନୂଆ ସଦସ୍ୟାଙ୍କୁ ଏହି କ୍ଲବରେ ସାମିଲ କରାଯାଇଥିଲା । ସେମାନେ ସମସ୍ତେ ବିଭିନ୍ନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ନାଗରିକ ବିଶେଷ, ସେବା ଓ ଗୋଷ୍ଠୀ ନିୟୋଜନ କ୍ଷେତ୍ରରେ କ୍ଲବର ସଂକଳ୍ପବଦ୍ଧତାକୁ ସୁଦୃଢ଼ କରିବା ଉପରେ ଆଶାପ୍ରକଟ କରାଯାଇଥିଲା ।

# ଲକ୍ଷ୍ମୀପୁରରେ ରଥଯାତ୍ରା ସମ୍ପନ୍ନ

ଲକ୍ଷ୍ମୀପୁର, ୧୮ ।୭ (ଶରତ ନାୟକ): କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଶାନ୍ତି ଶୃଙ୍ଖଳାର ସହିତ ଶ୍ରୀ ଗୁଣ୍ଡିଚା ଯାତ୍ରା ମହା ସମା ରୋହରେ ଅନୁଷ୍ଠିତ ହୋଇଯାଇଛି । ସକାଳୁ ଠାକୁର ମାନଙ୍କ ମଙ୍ଗଳ ଆଳତୀ ଠାରୁ ଆରମ୍ଭ କରି ମଇଲମ, ସୂର୍ଯ୍ୟ ପୂଜା ସହିତ ସମସ୍ତ ନୀତି ସମ୍ପନ୍ନ ହେବା ପରେ ଆରମ୍ଭ ହୋଇଥିଲା ପହଣ୍ଡି । ପରେ ତହସିଲଦାର ନୈବେଦ୍ୟ କୁମାର ଭୋଇ ରଥ ଉପରେ ଛେରାପହଁରା କରିଥିଲେ । ବର୍ଷ ତମାମ ଠାକୁରଙ୍କ ସେବା କରୁଥିବା ଏବଂ ରଥ ନିର୍ମାଣ କାର୍ଯ୍ୟ କରିଥିବା ବିଶ୍ୱକର୍ମା ମହାରଣା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ପରେ ଆରମ୍ଭ ହୋଇଥିଲା ରଥ ଟଣା । ସକାଳୁ ଝିପିଝିପି ବର୍ଷା ଲାଗି ରହିଥିଲେ ମଧ୍ୟ ପୁରପଲ୍ଲୀରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ସମ୍ମୁଖରେ ସଂକୀର୍ତ୍ତନ ମଣ୍ଡଳୀ ହରିନାମ ଗାନକରି ଯାଉଥିଲେ । ରାସ୍ତାରେ ଗଲାବେଳେ ବିଭିନ୍ନ ସ୍ଥାନରେ ପ୍ରଭୂଙ୍କୁ ଭକ୍ତ ମାନେ ଭୋଗ ଅର୍ପଣ କରିଥିଲେ । ସତ୍ୟରଞ୍ଜନ ନାଥ ଡାହୁକ କାର୍ଯ୍ୟ ନିର୍ବାହ କରିଥିଲେ । ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ରଥ ମାଉସୀ ମା ମନ୍ଦିର ରେ ପହଞ୍ଚିଥିଲା । ଶାନ୍ତି ଶୃଙ୍ଖଳା ପାଇଁ କୋରାପୁଟ ଏସଡିପିଓ ବିରଞ୍ଚିନାରାୟଣ ଜଗତ ଙ୍କ ସହିତ ଥାନା ଅଧିକାରୀ ସୁଜ୍ଞାନୀ ସାହୁ ଙ୍କ ନେତୃତ୍ୱରେ ଥାନା ପୁଲିସ ,ଓଡିଶା ଆରକ୍ଷୀ ସିପାହୀ, ଅଗ୍ନିଶମ ବିଭାଗ, ଓଏମସି ସିକୁରୀଟି ଗାର୍ଡଙ୍କୁ ମୁତୟନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରେ ମାଉସୀ ମା ମନ୍ଦିରରେ ଲାଗିଥିଲା ରଥ ।

# ଏଫ୍‌ଏମ୍ କଲେଜ ପରିଦର୍ଶନ କଲେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ

ନୀଳଗିରି, ୧୮/୦୭ (ଜେଏନ୍ଏସ୍) : ଛାତ୍ରଛାତ୍ରୀଙ୍କ ମନରେ ବୈଜ୍ଞାନିକ ଚେତନା ସୃଷ୍ଟି, ଉଚ୍ଚଶିକ୍ଷା ଓ ଗବେଷଣା ପ୍ରତି ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବାଲେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧ର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୧୪୦ ଜଣ ଛାତ୍ରଛାତ୍ରୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିଥିଲେ । ଏହି ଶିକ୍ଷାମୂଳକ ଗସ୍ତ ଅବସରରେ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଥିବା ଅତ୍ୟାଧୁନିକ ପରୀକ୍ଷାଗାର, ଗବେଷଣା ସୁବିଧା ଏବଂ ସଂଗ୍ରହାଳୟ ପରିଦର୍ଶନ କରିଥିଲେ । ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଓ ସମନ୍ୱୟକାରୀମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ପରିଚାଳିତ ହୋଇଥିଲା ।



ବିଭାଗର ଅଧ୍ୟାପକ ଓ ଗବେଷକମାନେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାଗାର ଏବଂ ସଂଗ୍ରହାଳୟ ବୁଲାଇ ଅତ୍ୟାଧୁନିକ ବୈଜ୍ଞାନିକ ଯନ୍ତ୍ରପାତିର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା ସହ ବିଭିନ୍ନ ବୈଜ୍ଞାନିକ ଧାରଣା, ପ୍ରଦର୍ଶନୀ ସାମଗ୍ରୀ ଓ ଚାଲିଥିବା ଗବେଷଣା କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହି ପାରସ୍ପରିକ ଆଲୋଚନା ମାଧ୍ୟମରେ ଛାତ୍ର/ଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଗବେଷଣା ପରିବେଶ ସହ ସିଧାସଳଖ ପରିଚିତ ହେବାର ସୁଯୋଗ ପାଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରିଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କୁ ଅଧ୍ୟୟନ, ନବସୃଜନ ଓ ଗବେଷଣା କ୍ଷେତ୍ରରେ ନିଷ୍ଠାର ସହ ଆଗେଇବାକୁ ବାର୍ତ୍ତା ପ୍ରଦାନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ମନରେ ବୈଜ୍ଞାନିକ ମନୋଭାବ, ଗବେଷଣା ପ୍ରତି ଆଗ୍ରହ ଓ ନବସୃଜନଶୀଳ ଚିନ୍ତାଧାରା ବିକାଶ କରିବାକୁ ଆହ୍ୱାନ ଜଣାଇଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସଫଳତା ପାଇଁ ଜିଜ୍ଞାସା, ସମାଲୋଚନାତ୍ମକ ଚିନ୍ତନ ଏବଂ ନିରନ୍ତର ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସେ ଆଲୋକପାତ କରିଥିଲେ ।

ପରିଦର୍ଶନ ଶେଷରେ ଛାତ୍ର/ଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ବିଶ୍ୱବିଦ୍ୟାଳୟର ଅତ୍ୟାଧୁନିକ ଶିକ୍ଷା ଓ ଗବେଷଣା ସୁବିଧା ସହିତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ଆନ୍ତରିକ ସହଯୋଗର ଉଚ୍ଚ ପ୍ରଶଂସା କରିଥିଲେ । ସମଗ୍ର ଶିକ୍ଷାମୂଳକ ପରିଦର୍ଶନ ଛାତ୍ର/ଛାତ୍ରୀଙ୍କ ପାଇଁ ଜ୍ଞାନବର୍ଦ୍ଧକ, ପ୍ରେରଣାଦାୟକ ଓ ସ୍ମରଣୀୟ ଅନୁଭୂତିରେ ପରିଣତ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ ।

# ଶ୍ରୀ ଜୀଉଙ୍କ ଭବ୍ୟ ରଥଯାତ୍ରା



ନୀଳଗିରି, ୧୮/୦୭ (ଜେଏନ୍ଏସ୍) : ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ, ଦେବଗିରି ପାହାଡ ପାଦ ଦେଶରେ ଅବସ୍ଥିତ ଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ବିଜେ ପରମ କାରୁଣିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା, ଶହ ଶହ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କ ଗହଣରେ ଅନୁଷ୍ଠିତ ହୋଇ ଯାଇଛି ।

ଏହି ଅବସରର ଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ପରିସର ଭକ୍ତି, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ମିଳନ ସ୍ଥଳୀରେ ପରିଣତ ହୋଇଥିଲା । ନବଯୌବନ ବେଶ ଓ ନେତ୍ରୋତ୍ସବ ପରେ, ମଧୁସୂଦନ ନାୟକ ମୁଖ୍ୟ ସେବକ ଭାବେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ । ମଙ୍ଗଳଧୂପ ପରେ ମୁଖ୍ୟ ପୂଜକ, ସେବାୟତ ମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା । ଘଣ୍ଟ-ଘଣ୍ଟା, ଶଙ୍ଖ-ମୃଦଙ୍ଗ , କୀର୍ତ୍ତନ,ଆଦିବାସୀ ନୃତ୍ୟ ଓ ଜୟ ଜଗନ୍ନାଥ ଧ୍ୱନି ସହିତ ଆଲଟ-ଚାମର ସେବା ସହ ଅନୁଷ୍ଠିତ ରଥଯାତ୍ରାରେ ଭକ୍ତିମୟ ସଂକୀର୍ତ୍ତନ ଓ ଜଗନ୍ନାଥ ଭଜନ ସମଗ୍ର ପରିବେଶକୁ ଆଧ୍ୟାତ୍ମିକତାରେ ଭକ୍ତି ମୟ କରି ଦେଇ ଥିଲା । ଏହି ଅବସରରେ ଭୋଗ ଅର୍ପଣ, ଛେରାପହଁରା ଓ ରଥଟଣା ପରମ୍ପରା ମଧ୍ୟ ବିଧି ବିଧାନ ସହିତ ସମ୍ପନ୍ନ ହୋଇଥିଲା । ତତ୍ ସହିତ ପ୍ରବଚକ ଡ.ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱ ପୂର୍ଣ୍ଣ ,ସରଳ , ସାବଲୀଳ ଭାଷା ରେ ଶ୍ରୀ ଜଗନ୍ନାଥଙ୍କ ଲୀଳା ବର୍ଣ୍ଣନା ରେ ଶ୍ରଦ୍ଧାଳୁ ମାନେ ଅଭିଭୁତ ହୋଇ ପଡ଼ିଥିଲେ । ପଞ୍ଚଲିଙ୍ଗେଶ୍ୱର ଛକ ସ୍ଥିତ ମାଉସୀମା' ମନ୍ଦିର ଅଭିମୁଖେ ରଥଯାତ୍ରା ସମୟରେ ସାମୂହିକ ସଂକୀର୍ତ୍ତନ ,ଭକ୍ତିଗୀତ ଓ ପ୍ରବଚନ ସମଗ୍ର ପରିବେଶକୁ ଏକ ଅଲୌକିକ ଭାବାବେଶ ରେ ପରିଣତ କରିଥିଲା । ପରିଶେଷରେ ଚତୁର୍ଦ୍ଧାମୂର୍ତ୍ତି ଓ ପ୍ରଭୁ ସୁଦର୍ଶନଙ୍କୁ ଶ୍ରୀ ଶିରିଡି ସାଇ ମନ୍ଦିର ସ୍ଥିତ ମାଉସୀ ଶ୍ରୀଗୁଣ୍ଡିଚା ଙ୍କ ଘରେ ରେ ବିରାଜମାନ କରାଯାଇ ଭୋଗ ପ୍ରସାଦ ବଣ୍ଟନ ସହ ପବିତ୍ର ଘୋଷଯାତ୍ରାର ପ୍ରଥମ ପର୍ଯ୍ୟାୟର ନୀତି କାନ୍ତି ସମ୍ପନ୍ନ କରାଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ,ଅନ୍ୟ ମାନଙ୍କ ମଧ୍ୟରେ, ସର୍ବଶ୍ରୀ ବସନ୍ତ କୁମାର ରାଉଳ, ଉଷାରାଣୀ ରାଉଳ, ଶରତ ରାଉତ, ସୋମନାଥ ନାୟକ, ଚତୁର୍ଭୁଜ ସ୍ୱାଇଁ ଙ୍କ ସମେତ ମନ୍ଦିର କମିଟି ର ସମସ୍ତ ସଦସ୍ୟ/ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିବା ଦେଖା ଯାଇଛି ।

# ରାଶିଫଳ

**ମେଷ:** ଏହି ସପ୍ତାହରେ ଆପଣଙ୍କୁ ନିଜ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ । ବାହାର ଖାଦ୍ୟ ଖାଇବାରୁ ନିବୃତ୍ତ ରୁହନ୍ତୁ । ରାହୁଙ୍କ ଶୁଭ ପ୍ରଭାବ ଯୋଗୁଁ ଆପଣ ଶକ୍ତିରେ ପୂର୍ଣ୍ଣ ରହିବେ ।

**ବୃଷ:** ଏହି ସପ୍ତାହଟି ଆପଣଙ୍କ ପାଇଁ ବହୁତ ଶୁଭ ପ୍ରମାଣିତ ହେବ । କ୍ୟାରିୟରରେ ନୂଆ ସୁଯୋଗ ମିଳିବ । ବିଶେଷ କରି ଜମିବାଡ଼ି ବା ରିଅଲ୍‌ଇଷ୍ଟେଟ୍ ଏବଂ ବ୍ୟବସାୟ ଲୋକଙ୍କର ଭଲ ପ୍ରଗତି ହେବ ।

**ମିଥୁନ:** ଚାକିରି ଏବଂ କ୍ୟାରିୟରରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଦେଇପାରେ । ଶନି ଓ ରାହୁ-କେତୁଙ୍କ ଚଳନ ଯୋଗୁଁ କାର୍ଯ୍ୟକ୍ଷେତ୍ରରେ କିଛି ଚାପ ବଢ଼ିପାରେ, ତେଣୁ ସହକର୍ମୀଙ୍କ ସହ ବାଦବିବାଦରୁ ଦୂରେଇ ରୁହନ୍ତୁ ।

**କର୍କଟ:** ପରିବାର ମଧ୍ୟରେ ସାମାନ୍ୟ ମନୋମାଳିନ୍ୟ କିମ୍ବା ଅଶାନ୍ତି ଦେଖାଦେଇପାରେ । ବ୍ୟକ୍ତିଗତ ଜୀବନରେ ସଂଘର୍ଷ ଥିଲେ ମଧ୍ୟ ଚାକିରି ଏବଂ ଆର୍ଥିକ ସ୍ଥିତି ସ୍ଥିର ରହିବ ।

**ସିଂହ:** ଏହି ସପ୍ତାହରେ ନୂଆ କାର୍ଯ୍ୟ ପାଇଁ ଯୋଜନା କରିପାରନ୍ତି । ପୂର୍ବରୁ ଅଟକି ରହିଥିବା କାର୍ଯ୍ୟ ସଫଳତାର ସହ ଶେଷ ହେବ । ଆର୍ଥିକ ଉନ୍ନତି ହେଲେ ମଧ୍ୟ ଅଯଥା ଖର୍ଚ୍ଚ ବଢ଼ିପାରେ, ତେଣୁ ବଜେଟ୍ ପ୍ରତି ଧ୍ୟାନ ଦିଅନ୍ତୁ ।

**କନ୍ୟା:** ଗ୍ରହମାନଙ୍କ ସ୍ଥିତି ଯୋଗୁଁ ଏହି ସପ୍ତାହରେ କିଛି ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ । ସ୍ୱାସ୍ଥ୍ୟ ଏବଂ ଆର୍ଥିକ ନେଣଦେଣ ମାମଲାରେ ସତର୍କ ରୁହନ୍ତୁ । କୌଣସି ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନିଅନ୍ତୁ ।

**ତୁଳା:** ପାରିବାରିକ ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ । ସାଥୀଙ୍କ ସହ ଭଲ ସମୟ ବିତିବ । ବ୍ୟବସାୟୀମାନଙ୍କୁ ଭଲ ମୁନାଫା ମିଳିବ । ଆୟର ନୂଆ ଉତ୍ସ ସୃଷ୍ଟି ହୋଇପାରେ ।

**ବିଛା:** ଆପଣଙ୍କ ପରିଶ୍ରମର ଫଳ ମିଳିବ । ଉପରିସ୍ଥ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ପ୍ରସନ୍ନ ହେବେ । ଅଧିକ କାମ ଯୋଗୁଁ ଶାରୀରିକ କ୍ଲାନ୍ତି ଅନୁଭବ କରିପାରନ୍ତି । ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ ।

**ଧନୁ:** ଏହି ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଭାଗ୍ୟଶାଳୀ ରହିବ । ଶିକ୍ଷା, କ୍ୟାରିୟର ଏବଂ ଆର୍ଥିକ କ୍ଷେତ୍ରରେ ବଡ଼ ସଫଳତା ପାଇବେ ।

**ମକର:** ଏହି ସପ୍ତାହରେ କାର୍ଯ୍ୟରେ କିଛି ବାଧାବିଘ୍ନ ଆସିପାରେ, ତେଣୁ ଧୈର୍ଯ୍ୟର ସହ କାମ କରନ୍ତୁ । ସପ୍ତାହର ଶେଷ ଆଡ଼କୁ ସ୍ଥିତି ସୁଧୁରିବ ଏବଂ ଆପଣଙ୍କୁ ନିଜ ଯୋଜନାରେ ସଫଳତା ମିଳିବ ।

**କୁମ୍ଭ:** ଏହି ସପ୍ତାହଟି ଆପଣଙ୍କ ପାଇଁ ସୁଖ ଏବଂ ସମୃଦ୍ଧି ନେଇ ଆସିବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିପାରେ । ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କଠାରୁ ସହଯୋଗ ପାଇବେ ।

**ମୀନ:** ଗ୍ରହ ଚଳନ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିବାରୁ ଗାଡ଼ି ଚଳାଇବା ସମୟରେ ଏବଂ ବାହାରକୁ ଯିବା ସମୟରେ ସତର୍କ ରୁହନ୍ତୁ । କର୍ମକ୍ଷେତ୍ରରେ କଠିନ ପରିଶ୍ରମ କରିବାକୁ ପଡ଼ିବ ।



ମେଘା
ହରୋସ୍କୋପିଷ୍ଟ ଏବଂ
ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୭୩୩୭୭

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପୂର୍ବତନ ବରିଷ୍ଠ ଅଧିକାରୀଙ୍କୁ...

ପୂଜାରୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି ଯେ ଏହି ଫାଇଲଗୁଡ଼ିକ ଆକସ୍ମିକ ଭାବେ ହଜିନାହିଁ, ବରଂ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ଗାଏବ କରାଯାଇଛି । ବିଜେପି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ ଗୃହ ବିଭାଗରୁ ଉଗଡ଼ କୁ ଫାଇଲ୍ ଯିବାର ଦସ୍ତାବିଜ୍ ଅଛି, କିନ୍ତୁ ତାହା ଆଉ ଫେରିନାହିଁ. ବିଶେଷ କରି ୨୦୨୪ ନିର୍ବାଚନରେ ବିଜେପି ଜିତିବା ସ୍ପଷ୍ଟ ହେବା ପରେ ଏହି ସମ୍ବେଦନଶୀଳ ଦସ୍ତାବିଜକୁ ଲୁଚାଇବା ପାଇଁ ଏଭଳି କରାଯାଇଛି । ବିଜେପି ପକ୍ଷରୁ କୁହାଯାଇଛି ଯେ ଏହି ମାମଲାରେ ସେମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦୁଇଥର ଚିଠି ଲେଖିଥିଲେ ମଧ୍ୟ କୌଣସି ଜବାବ ମିଳିନଥିଲା । ବିଜେଡି ନେତା ତଥା ପୂର୍ବତନ ସାଂସଦ ମୁନ୍ନା ଖାନ ବିଜେପିର ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ ପ୍ରଶ୍ନ କରିଛନ୍ତି ଯେ, ବିଜେପି ସରକାର ଓଡ଼ିଶାରେ ଦୁଇ ବର୍ଷ ଧରି ଶାସନରେ ରହିବା ପରେ ଏବେ କେମିତି ଜାଣିବାକୁ ପାଇଲେ ଯେ ଫାଇଲ୍ ଗାଏବ ଅଛି ? ବିଜେଡି ଅଭିଯୋଗ କରିଛି ଯେ ବର୍ତ୍ତମାନର ସରକାର ନିଜର ବିଫଳତା ଲୁଚାଇବା ପାଇଁ ପୂର୍ବ ସରକାରଙ୍କ ଉପରକୁ ଦୋଷ ଲଦିବାକୁ ଚେଷ୍ଟା କରୁଛନ୍ତି । 'ଫାଇଲ୍ ସତରେ ଗାଏବ ହୋଇଛି ନା ଶାସକ ଦଳ ନିଜେ ଏହାକୁ ଗାଏବ କରି ଦେଇଛି ?' ବୋଲି ସେ ପ୍ରଶ୍ନ କରିଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ ସିନିୟର ନେତା ରାମଚନ୍ଦ୍ର କଦମ ଏହି ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅତି ସୁରକ୍ଷିତ ତୃତୀୟ ମହଲାରୁ କେମିତି ଏବଂ କେଉଁ ବିଭାଗର ଅବହେଳା ଯୋଗୁଁ ଫାଇଲ୍ ଚୋରି ବା ଗାଏବ ହେଲା, ସରକାର ତାହା ସ୍ପଷ୍ଟ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି. ଏହାସହ ଏତେ ବିଳମ୍ବରେ ଏଫ୍‌ଆଇଆର୍ ହେବା ପଛର କାରଣ ଖୋଜିବାକୁ ଏକ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ପାଇଁ କଂଗ୍ରେସ ଦାବି କରିଛି । ବର୍ତ୍ତମାନ ଏହି ମାମଲାଟି କେବଳ ପ୍ରଶାସନିକ ସ୍ତରରେ ସୀମିତ ନ ରହି ସମ୍ପୂର୍ଣ୍ଣ ରାଜନୈତିକ ରୂପ ନେଇଛି ଏବଂ ଆସନ୍ତା ଜୁଲାଇ ୨୨ ତାରିଖରେ ଦୁଇ ବରିଷ୍ଠ ଅଧିକାରୀଙ୍କ ପୋଲିସ ଜେରା ପରେ ଏହି ବିବାଦ ଆହୁରି ଉଗ୍ର ରୂପ ନେଇପାରେ ।

## ବିକ୍ରମ-୧ ଲଞ୍ଚ...

ଏହି ମେଟେରିଆଲ୍ ପାରମ୍ପରିକ ଷ୍ଟିଲ୍ ଠାରୁ ବହୁତ ହାଲୁକା ଏବଂ ଶକ୍ତିଶାଳୀ ହୋଇଥାଏ । ଏହି ଚାରି ପର୍ଯ୍ୟାୟ ବିଶିଷ୍ଟ ରକେଟ୍‌ର ଅର୍ବିଟାଲ୍ ଆଡଜଷ୍ଟମେଣ୍ଟ ମଡ୍ୟୁଲରେ ୧୦୦% ୩ଡି-ପ୍ରିଣ୍ଟେଡ୍ ଲିକୁଇଡ୍ ଇଞ୍ଜିନ ବ୍ୟବହାର କରାଯାଇଛି, ଯାହା ଭାରତରେ ପ୍ରଥମ । ପ୍ରାୟ ୭ ମହଲା କୋଠା ଉଚ୍ଚତା ବିଶିଷ୍ଟ ଏହି ରକେଟ୍ ପୃଥିବୀର ନିମ୍ନ କକ୍ଷପଥକୁ ୩୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉପଗ୍ରହ ପଠାଇବାକୁ ସକ୍ଷମ । ବିକ୍ରମ-୧ ନିଜ ସହ ୬ଟି ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନକାରୀ ଉପଗ୍ରହ ନେଇ ଯାଇଛି । ଏହା ବ୍ୟତୀତ ଏଥିରେ ଦୁଇଟି ପ୍ରମୁଖ ସାଂସ୍କୃତିକ ପେଲୋଡ୍ ମଧ୍ୟ ସାମିଲ ଅଛି । କୋସମୋସ୍ ଡାଇମଣ୍ଡସ୍ ଦ୍ୱାରା ଲ୍ୟାବ୍‌ରେ ପ୍ରସ୍ତୁତ ଏକ ୧୮ କ୍ୟାରେଟ୍ ସୁନାର ଛୋଟ ରକେଟ୍ ଏବଂ ଏକ ହୀରା ନିର୍ମିତ ପଦ୍ମ ଫୁଲ ମହାକାଶକୁ ପଠାଯାଇଛି । ଏହି ସୁନା ରକେଟ୍ ଭିତରେ ଭାରତର ମହାକାଶ ବିଜ୍ଞାନର ଜନକ ଡ. ବିକ୍ରମ ସାରାଭାଇ, ସାର୍ ସି.ଭି. ରମଣ ଏବଂ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କର ଚାଉଳ ଗୁଣ୍ଡଠାରୁ ଛୋଟ କଳାକୃତି ସ୍ଥାନ ପାଇଛି । ଏହି ରକେଟ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତଲେଖା ପୋଷ୍ଟକାର୍ଡ 'ବନ୍ଦେ ମାତରମ୍' ମଧ୍ୟ ମହାକାଶକୁ ଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ମାଧ୍ୟମରେ ସ୍କାଏରୁଟ୍ ଏରୋସ୍ପେଶ୍ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଏହାକୁ ଭାରତର ମହାକାଶ ଯାତ୍ରାର ଏକ 'ଐତିହାସିକ ନୂତନ ସୀମାନ୍ତ' ବୋଲି କହିବା ସହ ଯୁବ ପ୍ରତିଭା ଓ ମହାକାଶ କ୍ଷେତ୍ରର ସଂସ୍କାରକୁ ପ୍ରଶଂସା କରିଛନ୍ତି ।

## ବିନା ଟାହିଆରେ...

ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ଓ ବିନାୟକ ଦାସମହାପାତ୍ର କହିଛନ୍ତି ଯେ, ଓଦା ହେବା ଯୋଗୁଁ ଟାହିଆର ବାଉଁଶ ବାଡ଼ିଗୁଡ଼ିକ ଖସିଯାଉଥିଲା ଏବଂ ପହଣ୍ଡି କରୁଥିବା ସେବାୟତମାନଙ୍କ ଆଖିରେ ବାଜିବାର ଆଶଙ୍କା ଥିଲା । ପହଣ୍ଡିରେ ଯେପରି କୌଣସି ବିଳମ୍ବ ନହୁଏ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ତାକୁ କାଢ଼ି ଦିଆଯାଇଥିଲା । ପ୍ରଶାସନ ସ୍ପଷ୍ଟ କରିଛି ଯେ ଟାହିଆ ପିନ୍ଧାଇବା ବା କାଢ଼ିବା ସମ୍ପୂର୍ଣ୍ଣ ରୂପେ ସେବାୟତମାନଙ୍କ ନିଷ୍ପତ୍ତି । ଏହାଦ୍ୱାରା କୌଣସି ରଥଯାତ୍ରା ସମ୍ପର୍କିତ ଧାର୍ମିକ ପରମ୍ପରା ଭଙ୍ଗ ହୋଇନାହିଁ । ଏହି ଘଟଣାକୁ ନେଇ ଓଡ଼ିଶାର ବିରୋଧୀ ଦଳଗୁଡ଼ିକ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ତୀବ୍ର ସମାଲୋଚନା କରିଛନ୍ତି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହାକୁ 'ଓଡ଼ିଆ ଅସ୍ମିତା' ଉପରେ ଆଘାତ ବୋଲି କହିଛନ୍ତି । ସେ ପ୍ରଶ୍ନ କରିଛନ୍ତି ଯେ, ଯଦି ବର୍ଷା କାରଣ ଥିଲା, ତେବେ ବଳଭଦ୍ରଙ୍କ ଟାହିଆ କେମିତି ସୁରକ୍ଷିତ ରହିଲା ? ପ୍ରତିବର୍ଷ ବର୍ଷା ଦିନେ ହିଁ ରଥଯାତ୍ରା ହୁଏ, କିନ୍ତୁ କେବେ ଏମିତି ହୋଇନଥିଲା । ଏହା ସରକାରୀ ପ୍ରଶାସନର ବଡ଼ ଅବହେଳା ବୋଲି ସେ ଦାବି କରିଛନ୍ତି । ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି ଯେ ସ୍ନାନ ପୂର୍ଣ୍ଣିମା ଠାରୁ ହିଁ ମହାପ୍ରଭୁଙ୍କ ନୀତିକାନ୍ତିରେ ବିଶୃଙ୍ଖଳା ଦେଖାଦେଉଛି ଏବଂ ଏହି ଟାହିଆ ଗାଏବ ଘଟଣା ଶହ ଶହ ବର୍ଷର ପରମ୍ପରାକୁ ଭାଙ୍ଗିଛି । ସୋସିଆଲ ମିଡିଆ ଏବଂ ସାଧାରଣରେ ଭକ୍ତମାନେ ଏହି ଦୃଶ୍ୟ ଦେଖି ଅତ୍ୟନ୍ତ ଭାବୁକ ହୋଇପଡ଼ିଛନ୍ତି । କିଛି ଲୋକ ଏହାକୁ ପ୍ରଶାସନର କୁପରିଚାଳନା କହୁଥିବା ବେଳେ, ଅନେକ ଜଗନ୍ନାଥ ପ୍ରେମୀ ଏହାକୁ 'ମହାପ୍ରଭୁଙ୍କ ନିଜସ୍ୱ ଇଚ୍ଛା' ବା କୌଣସି ଦୈବୀ ସଙ୍କେତ ବୋଲି ଆଧ୍ୟାତ୍ମିକ ଆଲୋଚନା କରୁଛନ୍ତି ।

## ସ୍କାନରରେ ଏନ୍‌ଜିଓ...

ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ ତାଙ୍କର ଅଡିଟ୍ ରିପୋର୍ଟରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ତ୍ରୁଟି ଦର୍ଶାଇଥିଲେ । ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଚାଲୁଥିବା ସ୍ୱତନ୍ତ୍ର ସ୍କୁଲଗୁଡ଼ିକ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ସ୍କୁଲ ବିନା କୌଣସି ସରକାରୀ ପଞ୍ଜୀକରଣ ବା ସ୍ୱୀକୃତିରେ ବେଆଇନ ଭାବେ ଚାଲୁଥିଲା, ଯାହା ସିଧାସଳଖ ସରକାରୀ ନିୟମର ଉଲ୍ଲଙ୍ଘନ ଅଟେ । ବିନା ସରକାରୀ ଅନୁମତିରେ ଚାଲୁଥିବା ଘରୋଇ ସ୍କୁଲଗୁଡ଼ିକରେ ପିଲାମାନଙ୍କର ସୁରକ୍ଷା, ରହଣି, ଖାଦ୍ୟପେୟ ଏବଂ ଶିକ୍ଷାର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ । ସର୍ଭେ ପରେ ଯେଉଁ ସ୍କୁଲଗୁଡ଼ିକ ନିୟମ ମାନି ନଥିବେ କିମ୍ବା ସରକାରୀ ମାନଦଣ୍ଡ ପୂରଣ କରୁନଥିବେ, ସେଗୁଡ଼ିକୁ ବନ୍ଦ କରାଯିବା ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ଓଡ଼ିଶାର ପ୍ରମୁଖ ସମ୍ବାଦପତ୍ର ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, କେଉଁ ସବୁ ଘରୋଇ ଏହା ଅଧୀନରେ ଆସୁଛନ୍ତି ଏବଂ ଏହି ସ୍କୁଲଗୁଡ଼ିକୁ କିପରି ସରକାରୀ ନିୟମାବଳୀ ଭିତରକୁ ଅଣାଯାଇପାରିବ, ତାହା ଉପରେ ସରକାରୀ ସ୍ତରରେ କଡ଼ା ନଜର ରଖାଯାଇଛି ।

## ଟ୍ରାକ୍‌ରେ ଦୌଡ଼ିଲା...

ଧୂଆଁ ବାହାରେ ନାହିଁ । ଏଥିରୁ ବାଇ-ପ୍ରଡକ୍ଟ ଭାବେ କେବଳ ପାଣିର ବାଷ୍ପ ଏବଂ ଶୁଦ୍ଧ ପାଣି ବାହାରିଥାଏ । ଏହି ଟ୍ରେନ ପ୍ରଥମ ପର୍ଯ୍ୟାୟରେ ହରିୟାଣାର ଜିନ୍ଦରୁ ସୋନିପତ ମଧ୍ୟରେ ଚଳାଚଳ ଆରମ୍ଭ କରିଛି । ଏହି ଦୂରତା ପ୍ରାୟ ୯୦ କିଲୋମିଟର । ପରବର୍ତ୍ତୀ ସମୟରେ ଏହାକୁ ଦେଶର ବିଭିନ୍ନ ପାର୍ବତ୍ୟ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ଯେପରିକି ଦାର୍ଜିଲିଂ ହିମାଳୟନ ରେଲୱେ, କାଲକା-ଶିମଲା, ମାଥେରାନ ଏବଂ ଓଟି ଭଳି ରୁଟ୍‌ରେ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଟ୍ରେନଗୁଡ଼ିକ ପାରମ୍ପରିକ ଟ୍ରେନ ତୁଳନାରେ ବହୁତ କମ୍ ଶବ୍ଦ କରନ୍ତି, ଯାହାଦ୍ୱାରା ଯାତ୍ରୀମାନଙ୍କୁ ଏକ ଶାନ୍ତ ଏବଂ ଆରାମଦାୟକ ଅନୁଭୂତି ମିଳିଥାଏ । ଏହାର ଭିତର ଭାଗ ଏବଂ ସିଟ୍‌ଗୁଡ଼ିକୁ ବନ୍ଦେ ଭାରତ ଏକ୍ସପ୍ରେସ ଶୈଳୀରେ ଅତ୍ୟାଧୁନିକ ଏବଂ ଆରାମଦାୟକ କରାଯାଇଛି । ଏଥିରେ ଜିପିଏସ୍ ଆଧାରିତ ଯାତ୍ରୀ ସୂଚନା ପ୍ରଣାଳୀ ଏବଂ ସିସିଟିଭି କ୍ୟାମେରା ମଧ୍ୟ ରହିଛି । ହାଇଡ୍ରୋଜେନ୍ ଗ୍ୟାସ୍ ଭରିବା ପାଇଁ ଜିନ୍ଦ ରେଳ ଷ୍ଟେସନ ନିକଟରେ ଏକ ସ୍ୱତନ୍ତ୍ର ହାଇଡ୍ରୋଜେନ୍ ପ୍ଲାଣ୍ଟ ଓ ଫୁ୍ୟଲିଂ ଷ୍ଟେସନ ପ୍ରତିଷ୍ଠା କରାଯାଇଛି । ଭାରତ ସରକାରଙ୍କ 'ନେଟ୍ ଜିରୋ କାର୍ବନ' ଲକ୍ଷ୍ୟ ହାସଲ କରିବାରେ ଏହା ଏକ ମାଇଲଖୁଣ୍ଟ । ଜର୍ମାନୀ ଏବଂ ଚୀନ୍ ପରେ ଭାରତ ବିଶ୍ୱର ସେହି ସୀମିତ ଦେଶଗୁଡ଼ିକ ମଧ୍ୟରେ ସାମିଲ ହୋଇଛି, ଯାହା ପାଖରେ ନିଜସ୍ୱ ହାଇଡ୍ରୋଜେନ୍ ଟ୍ରେନ୍ ପ୍ରଯୋଗିକୀ ରହିଛି । ପାରମ୍ପରିକ ଡିଜେଲ୍ ଟ୍ରେନରେ ଜିନ୍ଦରୁ ସୋନିପତ (୮୯ କିଲୋମିଟର) ଯିବା ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗୁଥିବା ବେଳେ, ଏହି ହାଇଡ୍ରୋଜେନ୍ ଟ୍ରେନ୍ ଏହି ଦୂରତାକୁ ମାତ୍ର ୧ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ କରୁଛି । ଏହି ଟ୍ରେନର ସର୍ବାଧିକ ଡିଜାଇନ୍ ଗତି ୧୧୦ କିଲୋମିଟର ପ୍ରତି ଘଣ୍ଟା ହୋଇଥିବା ବେଳେ ବର୍ତ୍ତମାନ ଏହାକୁ ୭୫ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚଲାଯାଉଛି । ସାଧାରଣ ଲୋକଙ୍କୁ ସୁହାଇବା ଭଳି ଏହାର ଭଡ଼ା ଅତ୍ୟନ୍ତ କମ୍ ରଖାଯାଇଛି । ଯାତ୍ରା ଦୂରତା ଅନୁଯାୟୀ ଏହାର ପ୍ରାରମ୍ଭିକ ଟିକେଟ୍ ମୂଲ୍ୟ ମାତ୍ର ୫ ଟଙ୍କା ରହିଥିବା ବେଳେ ସର୍ବାଧିକ ଭଡ଼ା ୨୫ ଟଙ୍କା ରଖାଯାଇଛି । ଭାରତୀୟ ରେଳବାଇ ପ୍ରଥମ ପର୍ଯ୍ୟାୟରେ ଦେଶର ବିଭିନ୍ନ ଐତିହାସିକ ଏବଂ ପାର୍ବତ୍ୟ ରୁଟ୍‌ରେ ୩୫ଟି ହାଇଡ୍ରୋଜେନ୍ ଟ୍ରେନ୍ ଚଲାଇବାକୁ ଲକ୍ଷ୍ୟ ରଖିଛି । ଓଡ଼ିଶାର କେନ୍ଦ୍ରାପଡ଼ା, ପାରାଦୀପ ଏବଂ ଗୋପାଳପୁର ଭଳି ଅଞ୍ଚଳଗୁଡ଼ିକ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନର ପ୍ରମୁଖ ହବ୍ ଭାବେ ବିକଶିତ ହେଉଛନ୍ତି । ଏହା ବ୍ୟତୀତ ମୟୂରଭଞ୍ଜର ବାରିପଦା-ବାଙ୍ଗିରିପୋଷି କିମ୍ବା ଶିମିଳିପାଳ ଆଖପାଖ ଅଞ୍ଚଳ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ରୁଟ୍‌ରେ ଭବିଷ୍ୟତରେ ଏହି ପରିବେଶ ଅନୁକୂଳ ଟ୍ରେନ୍ ଚଳାଇବା ପାଇଁ ରେଳ ମନ୍ତ୍ରଣାଳୟ ବିଚାର କରିପାରେ ।

## ଓଡ଼ିଶାରେ ଜଳବନ୍ଦୀ...

ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ଭୁବନେଶ୍ୱରରେ ଅର୍ବାନ ଫ୍ଲଡ୍ ବା କୃତ୍ରିମ ବନ୍ୟା ରୋକିବା ପାଇଁ ୨୨୨.୨୦ କୋଟିର ଏକ ସ୍ୱତନ୍ତ୍ର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ଅର୍ଥରେ ବର୍ଷା ଜଳ ନିଷ୍କାସନ ନାଳର ସୁଦୃଢ଼ୀକରଣ, ପ୍ରାକୃତିକ ହ୍ରଦ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ବନ୍ୟାର ଆଗୁଆ ସୂଚନା ଦେବା ପାଇଁ ଅତ୍ୟାଧୁନିକ 'ଅର୍ଲି ୱାର୍ଣ୍ଣିଂ ସିଷ୍ଟମ୍' ସ୍ଥାପନ କରାଯିବ । ବନ୍ୟା ଓ ବାତ୍ୟା ସମୟରେ ତୃଣମୂଳ ସ୍ତରରେ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟର ୩,୦୦୦ ଗାଁରେ ସ୍ୱେଚ୍ଛାସେବୀ ଟାସ୍କ ଫୋର୍ସ ଗଠନ କରାଯାଉଛି । ଆଗାମୀ ୭ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଏବଂ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସାଧାରଣ ଜନତାଙ୍କୁ ବନ୍ୟା ପ୍ରପୀଡ଼ିତ କିମ୍ବା ଜଳବନ୍ଦୀ ଅଞ୍ଚଳକୁ ନଯିବା ପାଇଁ ଏବଂ ବିଜୁଳି ଓ ଘଡ଼ଘଡ଼ି ସମୟରେ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

# ୩୧୪ ବ୍ଲକରେ ମିନି ଷ୍ଟାଡିୟମ

ଭୁବନେଶ୍ୱର, ୧୮/୦୭ (ଜେଏନ୍ଏସ୍): ଓଡ଼ିଶା ସରକାର ରାଜ୍ୟର କ୍ରୀଡ଼ା ଭିତ୍ତିଭୂମିର ବିକାଶ, ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମିନି ଷ୍ଟାଡିୟମ ଏବଂ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳ ସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରିବା । ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ଖେଳକୁଦ ପାଇଁ ଉପଯୁକ୍ତ ସ୍ଥାନ ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ । ଏହି ଷ୍ଟାଡିୟମଗୁଡ଼ିକରେ ଆଥଲେଟିକ୍ ଟ୍ରାକ୍, ଫୁଟବଲ୍ ଗ୍ରାଉଣ୍ଡ, ଚେଞ୍ଜିଂ ରୁମ୍, ଏବଂ ଫ୍ଲଡ୍‌ଲାଇଟ୍ ବ୍ୟବସ୍ଥା କରାଯାଉଛି । ବିଭିନ୍ନ ପୌରାଞ୍ଚଳରେ ମିନି ଷ୍ଟାଡିୟମ ସହିତ ମଲ୍ଟି-ପରପଜ୍ ଇନଡୋର ହଲ୍ ଏବଂ ଓପନ୍ ଜିମ୍ ନିର୍ମାଣ କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାକୁ ଓଡ଼ିଶାର ହକିର ଗଡ଼ କୁହାଯାଏ । ଏଠାରେ ପ୍ରତ୍ୟେକ ବ୍ଲକରେ ଆଷ୍ଟ୍ରୋଟର୍ଫ ହକି ପିଚ୍ ସହ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ 'ରିଲାଏନ୍ସ ଫାଉଣ୍ଡେସନ ଓଡ଼ିଶା ଆଥଲେଟିକ୍ସ ହାଇ ପରଫରମାନ୍ସ ସେଣ୍ଟର' ଏବଂ ବିଶ୍ୱସ୍ତରୀୟ ସ୍ୱିମିଂ ସେଣ୍ଟର କାର୍ଯ୍ୟ କରୁଛି । ଗଞ୍ଜାମ ଓ ପୁରୀ ଜିଲ୍ଲାରେ ଭାରୋତ୍ତୋଳନ ପାଇଁ ଏବଂ କଳିଙ୍ଗ ଷ୍ଟାଡିୟମରେ ଜିମ୍ନାଷ୍ଟିକ ପାଇଁ ସ୍ୱତନ୍ତ୍ର ତାଲିମ କେନ୍ଦ୍ର ରହିଛି ।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଆଜି ଫିଫା ବିଶ୍ୱକପ୍-୨୬ ମହାସମର

ଆମେରିକା, ୧୮/୦୭ : ଫିଫା ବିଶ୍ୱକପ୍ ୨୦୨୬ ର ଫାଇନାଲ୍ ମ୍ୟାଚ୍ ଆସନ୍ତା ରବିବାର (୧୯ ଜୁଲାଇ) ଦିନ ଆର୍ଜେଣ୍ଟିନା ଏବଂ ସ୍ପେନ୍ ମଧ୍ୟରେ ନ୍ୟୁୟର୍କ ନ୍ୟୁ ଜର୍ସି ଷ୍ଟାଡିୟମରେ ଖେଳାଯିବ। ଆର୍ଜେଣ୍ଟିନା ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ସ୍ପେନ୍ ଶକ୍ତିଶାଳୀ ଫ୍ରାନ୍ସକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲ୍ ଟିକେଟ୍ ହାସଲ କରିଛି। ଶନିବାର (୧୮ ଜୁଲାଇ) ଦିନ ବ୍ରୋଞ୍ଜ ପଦକ ପାଇଁ ଫ୍ରାନ୍ସ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଚଳିତ ବିଶ୍ୱକପ୍‌ର ତିନି ସହ-ଆୟୋଜକ ଦେଶ—ଆମେରିକା, ମେକ୍ସିକୋ ଏବଂ କାନାଡା ପ୍ରି-କ୍ୱାର୍ଟର ଫାଇନାଲ୍ (ରାଉଣ୍ଡ ଅଫ୍ ୧୬) ରୁ ହିଁ ବିଦାୟ ନେଇଛନ୍ତି। ଫିଫା ଇତିହାସରେ ପ୍ରଥମ ଥର ପାଇଁ ବିଜେତା ଦଳକୁ ଚାମ୍ପିଅନସିପ୍ ରିଙ୍ଗ୍ (ମୁଦି) ପ୍ରଦାନ କରାଯିବ। ବିଜେତା ଦଳର ଖେଳାଳି ଓ ଷ୍ଟାଫ୍‌ଙ୍କ ପାଇଁ ୩୦ଟି ସ୍ୱତନ୍ତ୍ର ସୁନା ମୁଦି ତିଆରି ହୋଇଛି, ଯେଉଁଥିରେ ବିଶ୍ୱକପ୍ ଟ୍ରଫିର ପ୍ରତିକୃତି ରହିଛି। ଫାଇନାଲ୍ ମ୍ୟାଚ୍ ଆରମ୍ଭ ହେବାର ୯୦ ମିନିଟ୍ ପୂର୍ବରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱପ୍ରସିଦ୍ଧ ଗାୟକ ପୋଷ୍ଟ ମାଲୋନ, ରବି ଉଇଲିୟମ୍ସ ଏବଂ ଜେନିଫର ହଡସନ ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ୧୦ ସେକେଣ୍ଡ ବଦଳ ନିୟମ: ପଡ଼ିଆରୁ ବାହାରୁଥିବା ଖେଳାଳିଙ୍କୁ ୧୦ ସେକେଣ୍ଡ ମଧ୍ୟରେ ବାହାରିବାକୁ ପଡ଼ିବ, ନଚେତ୍ ନୂଆ ଖେଳାଳିଙ୍କୁ ପଡ଼ିଆ ଭିତରକୁ ଆସିବା ପାଇଁ ୧ ମିନିଟ୍ ଅପେକ୍ଷା କରିବାକୁ ହେବ। ପାଟି ଲୁଚାଇଲେ ରେଡ୍ କାର୍ଡ: ରେଫରି କିମ୍ବା ବିପକ୍ଷ ଖେଳାଳିଙ୍କ ସହ କଥା ହେବା ବେଳେ ଯଦି କେହି ପାଟି ଘୋଡ଼ାନ୍ତି (ଲିପ୍-ରିଡିଂ ରୋକିବା ପାଇଁ), ତେବେ ତାଙ୍କୁ ସିଧାସଳଖ ରେଡ୍ କାର୍ଡ ମିଳିବ।




# ରୋହିତ ଶର୍ମାଙ୍କ ଫର୍ମକୁ ନେଇ ବଢ଼ିଲା ଚର୍ଚ୍ଚା

ଲଣ୍ଡନ,୧୮/୦୭: ଭାରତୀୟ କ୍ରିକେଟ୍ ଦଳର ଅଭିଜ୍ଞ ଓପନର୍ ରୋହିତ ଶର୍ମାଙ୍କ ଦିନିକିଆ କ୍ୟାରିୟର ଏବଂ ଆନ୍ତର୍ଜାତୀୟ ଭବିଷ୍ୟତକୁ ନେଇ ବର୍ତ୍ତମାନ ସାରା ଦେଶରେ ଜୋରଦାର ଚର୍ଚ୍ଚା ଚାଲିଛି। ବିଭିନ୍ନ ପ୍ରମୁଖ ଜାତୀୟ ଗଣମାଧ୍ୟମ, ବିଶେଷ କରି ରିପୋର୍ଟ ଅନୁଯାୟୀ, ବିସିସିଆଇ ଚୟନ କମିଟି ଆଗାମୀ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ରୋହିତଙ୍କ ସ୍ଥାନରେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇସାରିଛି। ଅଜିତ ଅଗାରକରଙ୍କ ନେତୃତ୍ୱରେ ଥିବା ଚୟନ କମିଟି ଏବଂ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଆଗାମୀ ବିଶ୍ୱକପ୍ ପାଇଁ ଯଶସ୍ୱୀ ଜୈସୱାଲଙ୍କ ଭଳି ଯୁବ ଓପନର୍‌ଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ଚୟନକର୍ତ୍ତାମାନେ ରୋହିତଙ୍କ ସହ ଆଲୋଚନା କରି ସ୍ପଷ୍ଟ କରିଛନ୍ତି ଯେ ଚଳିତ ଇଂଲଣ୍ଡ ଗସ୍ତ ପରେ ସେମାନେ ତାଙ୍କ ନାମକୁ ନେଇ ଆଉ ବିଚାର କରିବେ ନାହିଁ। ରୋହିତ ନିଜେ ଖେଳିବାକୁ ଚାହୁଁଥିବାରୁ ଏହି ନିଷ୍ପତ୍ତିରେ ସେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନଥିବା ଜଣାପଡ଼ିଛି। ଚୟନକର୍ତ୍ତାମାନେ ରୋହିତଙ୍କ ଉପରେ କୌଣସି ଜବରଦସ୍ତି ନିଷ୍ପତ୍ତି ନଲଦି, ନିଜ ଭବିଷ୍ୟତ ବା ଅବସର ବାବଦରେ ନିଜେ ନିଷ୍ପତ୍ତି ନେବାକୁ




ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଆଗାମୀ ରବିବାର (ଜୁଲାଇ ୧୯) ଲଣ୍ଡନର ଲର୍ଡସ ମୈଦାନରେ ଖେଳାଯିବାକୁ ଥିବା ତୃତୀୟ ଦିନିକିଆ ମ୍ୟାଚ୍ ରୋହିତ ଶର୍ମାଙ୍କ ନୀଳ ଜର୍ସିରେ ଶେଷ ଆନ୍ତର୍ଜାତୀୟ ମ୍ୟାଚ୍ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ରୋହିତ ପୂର୍ବରୁ ଜୁନ୍ ୨୦୨୪ରେ ଟି-୨୦ଆଇ ଏବଂ ମେ ୨୦୨୫ରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ଯଦି ସେ ଏହି ସିରିଜ୍ ପରେ ଦିନିକିଆରୁ ବିଦାୟ ନିଅନ୍ତି, ତେବେ ତାଙ୍କର ଆନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରର ଅନ୍ତ ଘଟିବ। ଚଳିତ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍‌ରେ ରୋହିତ ମାତ୍ର ୩୭ ରନ୍ (୧୧ ଏବଂ ୨୬ ରନ୍) ସଂଗ୍ରହ କରିଛନ୍ତି। ଗତ ୮ଟି ଦିନିକିଆରେ ସେ ୩୦.୧ ଅଭିଜ୍ଞତାରେ ମାତ୍ର ୨୪୧ ରନ୍ କରିଛନ୍ତି, ଯାହା ତାଙ୍କ ସ୍ତରର ଖେଳାଳିଙ୍କ ତୁଳନାରେ ବହୁତ କମ୍। ଏଥିସହ ତାଙ୍କର ବ୍ୟାଟିଂ ଶୈଳୀ ଅତ୍ୟଧିକ ସତର୍କ ହୋଇଯାଇଥିବାରୁ ଚୟନ କର୍ତ୍ତାମାନେ ଏଭଳି କଠୋର ପଦକ୍ଷେପ ନେଇଥିବା କୁହାଯାଉଛି। ଏହି ଚର୍ଚ୍ଚା ମଧ୍ୟରେ ଭାରତୀୟ ଦଳର ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ ରୋହିତଙ୍କ ସମର୍ଥନରେ ବାହାରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ, "ଦୁଇଟି ମ୍ୟାଚ୍‌ରେ ରନ୍ ନହେବା ଦ୍ୱାରା ରୋହିତଙ୍କ ଭଳି ମହାନ ଖେଳାଳିଙ୍କ ଉପରେ କୌଣସି ପ୍ରେସର ପଡ଼ିବ ନାହିଁ ଏବଂ ଲର୍ଡସରେ ସେ ଏକ ବଡ଼ ଇନିଂସ ଖେଳି ପାରନ୍ତି। ରୋହିତ ଶର୍ମା ଦିନିକିଆ ଇତିହାସରେ ୩ଟି ଦ୍ୱିଶତକ ମାରିଥିବା ଏକମାତ୍ର ବ୍ୟାଟ୍ସମ୍ୟାନ୍। ତେଣୁ ରବିବାର ମ୍ୟାଚ୍‌ରେ ସେ କିଭଳି ପ୍ରଦର୍ଶନ କରୁଛନ୍ତି ଏବଂ ମ୍ୟାଚ୍ ପରେ ନିଜ ଅବସରକୁ ନେଇ କି ସଙ୍କେତ ଦେଉଛନ୍ତି, ତାହା ଉପରେ ସାରା ବିଶ୍ୱର ନଜର ରହିବ।

# ଏ ସପ୍ତାହର ପ୍ରମୁଖ ଖବର

✦ ଆଡ଼ପ ମଣ୍ଡପକୁ ବିଜେ କରିବେ ଶ୍ରୀଜିଉ : ପୁରୀ ରଥଯାତ୍ରା ସମୟରେ ଆଜି ମହାପ୍ରଭୁ ଜନ୍ମବେଦୀ ଅର୍ଥାତ୍ ଆଡ଼ପ ମଣ୍ଡପକୁ ବିଜେ କରିବାର ପବିତ୍ର ରୀତିନୀତି ଅନୁଷ୍ଠିତ ହେବ।

✦ ରାଜ୍ୟରେ ଆହୁରି ୩ ଦିନ ପ୍ରବଳ ବର୍ଷା : ଲଘୁଚାପ ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

✦ ସାପୁଆ ଓ କପାଳା ନଦୀରେ ବନ୍ୟା ପରିସ୍ଥିତି : ପ୍ରବଳ ବର୍ଷା ଯୋଗୁଁ ସାପୁଆ ଏବଂ କପାଳା ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ଆଖପାଖ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

✦ ୩୫ ପୌରାଧ୍ୟକ୍ଷ ପଦବୀ ସଂରକ୍ଷଣ ବିଜ୍ଞପ୍ତି : ରାଜ୍ୟରେ ଆଗାମୀ ପୌର ନିର୍ବାଚନ ପାଇଁ ୩୫ଟି ପୌରାଧ୍ୟକ୍ଷ ପଦବୀର ସଂରକ୍ଷଣ ନେଇ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି।

✦ ବିଜେପି କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ : ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସାଂଗଠନିକ ରଣନୀତିକୁ ନେଇ ଏକ ବଡ଼ ବୈଠକ ଅନୁଷ୍ଠିତ ହୋଇଯାଇଛି।

✦ କଂଗ୍ରେସର ମେଗା ପ୍ଲାନିଂ : ଆଗାମୀ ସଂସଦ ଅଧିବେଶନ ପୂର୍ବରୁ ସମ୍ବିଧାନ ସଂଶୋଧନ ଓ ସୀମା ନିର୍ଦ୍ଧାରଣ ବିଲ୍‌କୁ ଜୋରଦାର ବିରୋଧ କରିବା ପାଇଁ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛି।

✦ ବିଜେଡ଼ିର ସଂସଦୀୟ ଦଳ ବୈଠକ : ଆସନ୍ତା ମୌସୁମୀ ଅଧିବେଶନ ପାଇଁ ବିଜେଡ଼ି ସୁପ୍ରିମୋଙ୍କ ଅଧ୍ୟକ୍ଷତାରେ ଦଳର ସଂସଦୀୟ ରଣନୀତି ପ୍ରସ୍ତୁତ କରାଯାଇଛି।

✦ ବିଜେଡିର ୯ କାଉନସିଲରଙ୍କ ଇସ୍ତଫା : ରାଜନୈତିକ ହଲଚଲ ମଧ୍ୟରେ ବିଜେଡିର ୯ ଜଣ କାଉନସିଲରଙ୍କ ସମେତ ଉପାଧ୍ୟକ୍ଷା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।

✦ ଝାଡ଼ାବାନ୍ତିରେ ୨ ମୃତ, ୧୨ ମେଡ଼ିକାଲରେ : ରାଜ୍ୟର ଏକ ଗ୍ରାମାଞ୍ଚଳରେ ବ୍ୟାପିଥିବା ଝାଡ଼ାବାନ୍ତି ଯୋଗୁଁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଚିକିତ୍ସିତ ହେଉଛନ୍ତି।

✦ ଦାରିଙ୍ଗବାଡିରେ ଗୁଳିକାଣ୍ଡ : ଗାଈ ଚରାକୁ କେନ୍ଦ୍ର କରି ଦାରିଙ୍ଗବାଡି ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳିକାଣ୍ଡ ଘଟି ଜଣଙ୍କର ମୃତ୍ୟୁ ହୋଇଛି।

✦ କାନାଡା ଜଙ୍ଗଲ ନିଆଁକୁ ନେଇ ରାଗିଲେ ଟ୍ରମ୍ପ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ଜଙ୍ଗଲ ନିଆଁ ଯୋଗୁଁ ହେଉଥିବା ବାୟୁ ପ୍ରଦୂଷଣ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରି ଟାରିଫ ଆଦାୟ କରିବାକୁ କହିଛନ୍ତି।

✦ ଇରାନ ବିରୋଧରେ ଯୁଦ୍ଧରେ ଯୋଗଦେବ ପାକିସ୍ତାନ ? : ସାଉଦି ଆରବ ଉପରେ ହୁଥି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ମାଡ଼ ପରେ ପାକିସ୍ତାନ ଏହି ସଂଘର୍ଷରେ ଫସିଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

✦ ପାକିସ୍ତାନ ସେନା ଉପରେ ଇଏଇର ଆକ୍ରମଣ: ବଲୁଚିସ୍ତାନ ଲିବରେସନ ଆର୍ମି (ଇଏଇ) ପାକିସ୍ତାନ ସେନା ଉପରେ ଏକ ବଡ଼ ଆକ୍ରମଣ କରି ନିଜର ଶକ୍ତି ପ୍ରଦର୍ଶନ କରିଛି।

✦ ଆଇପିଏଲ୍ ୨୦୨୬ ପଏଣ୍ଟ ଟେବୁଲ ଲଢେଇ : ଆଇପିଏଲ୍ ମ୍ୟାଚ୍ ଗୁଡ଼ିକରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି, ଯେଉଁଥିରେ ମୁମ୍ବାଇ, ପଞ୍ଜାବ ଏବଂ ବାଙ୍ଗାଲୋର ଦଳ ମଧ୍ୟରେ ପଏଣ୍ଟ ଟେବୁଲରେ ଆଗୁଆ ରହିବା ପାଇଁ ସଂଘର୍ଷ ଚାଲିଛି।

✦ ସେୟାର ବଜାରରେ ହଲଚ ଲ: ଜୁଲାଇ ମାସର ତୃତୀୟ ସପ୍ତାହରେ ବିଶ୍ୱସ୍ତରୀୟ ଆର୍ଥିକ ପରିସ୍ଥିତି ଏବଂ ମୌସୁମୀ ପ୍ରଭାବ ଯୋଗୁଁ ଭାରତୀୟ ସେୟାର ବଜାରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି।

ଭାରତର ବ୍ୟାଟିଂ ବିପର୍ଯ୍ୟୟ

# ୪ ୱିକେଟରେ ଜିତିଲା ଇଂଲଣ୍ଡ



◥ ଜୋ ରୁଟ୍‌ଙ୍କ ୯୯ ରନ୍‌ର କମାଲ
◥ ଲର୍ଡସ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର

ଲଣ୍ଡନ,୨୦/୦୭: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ବର୍ତ୍ତମାନ ୧-୧ ସ୍ଥିତିରେ ବରାବର ରହିଛି। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳ ଚମତ୍କାର ବିଜୟ ହାସଲ କରିଥିବା ବେଳେ ଗତକାଲି ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଦଳ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି। ଆଗାମୀ ରବିବାର (ଜୁଲାଇ ୧୯) ଲଣ୍ଡନର ଐତିହାସିକ ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ସିରିଜର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଦଳ ୪୭.୫ ଓଭରରେ ୨୫ରସଶଷଗ୍ର ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଜାସପ୍ରିତ ବୁମ୍ରା ତାଙ୍କର ୧୫୦ତମ ଦିନିକିଆ ୱିକେଟ ହାସଲ କରିଥିଲେ। ଭାରତୀୟ ଦଳ ମାତ୍ର ୪୫.୨ ଓଭରରେ ୪ଟି ୱିକେଟ ହରାଇ ୨୬୨ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ୬ ୱିକେଟରେ ଜିତି ନେଇଥିଲା। ଭାରତର ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ତାଙ୍କର ଦମଦାର ପ୍ରଦର୍ଶନ ପାଇଁ 'ପ୍ଲେୟାର ଅଫ୍ ଦ ମ୍ୟାଚ୍' ବିବେଚିତ କରାଯାଇଥିଲା। କାର୍ଡିଫ୍‌ର ସୋଫିଆ ଗାର୍ଡେନ୍ସରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନଅପ୍ ଫେଲ୍ ମାରିଥିଲା। ଦଳ ୪୪ ଓଭରରେ ମାତ୍ର ୨୩୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଶ୍ରେୟସ ଆୟର (୬୬ ରନ୍) ଏବଂ ବିରାଟ କୋହଲି (୬୫ ରନ୍) ଅର୍ଦ୍ଧଶତକ ହାସଲ କରିଥିଲେ। ୨୩୪ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଇଂଲଣ୍ଡ ଦଳ ଜୋ ରୁଟ୍‌ଙ୍କ ଅପରାଜିତ ୯୯ ରନ୍ସ ଏବଂ ୱିଲ୍ ଜାକ୍ସଙ୍କ ୩୦ ରନ୍ ସହାୟତାରେ ୪୪.୧ ଓଭରରେ ୬ଟି ୱିକେଟ ହରାଇ ୪ ୱିକେଟରେ ମ୍ୟାଚ୍ ଜିତି ନେଇଥିଲା। ଶେଷ ପର୍ଯ୍ୟନ୍ତ କ୍ରିଜ୍‌ରେ ରହି ଦଳକୁ ଜିତାଇଥିବା ଜୋ ରୁଟ୍‌ଙ୍କୁ 'ପ୍ଲେୟାର ଅଫ୍ ଦ ମ୍ୟାଚ୍' ପୁରସ୍କାର ମିଳିଥିଲା। ଏହି ଖେଳ ଲଣ୍ଡନର ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟରେ ଏହି ମ୍ୟାଚ୍ ଆରମ୍ଭ ହେବ।

## ସାନ ଫ୍ରାନ୍ସିସ୍କୋକୁ ହରାଇ ଫାଇନାଲ୍‌ରେ ୱାଶିଂଟନ ଫ୍ରିଡମ୍

ଆମେରିକା, ୧୮/୦୭ : ଆମେରିକାରେ ଚାଲିଥିବା ମେଜର ଲିଗ୍ କ୍ରିକେଟର 'ଏଲିମିନେଟର-୨' (ଯାହାକୁ ଚ୍ୟାଲେଞ୍ଜର ମଧ୍ୟ କୁହାଯାଏ) ମ୍ୟାଚ୍‌ରେ ୱାଶିଂଟନ ଫ୍ରିଡମ୍ ଦଳ ୭ ରନ୍‌ରେ ସାନ ଫ୍ରାନ୍ସିସ୍କୋ ୟୁନିକର୍ଣ୍ଣସକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଗତକାଲି କାଲିଫର୍ଣ୍ଣିଆର ଓକଲାଣ୍ଡ କୋଲିସିୟମଠାରେ ଖେଳାଯାଇଥିବା ଏହି ହାଇ-ସ୍କୋରିଂ ରୋମାଞ୍ଚକର ମ୍ୟାଚ୍‌ରେ ୪୦ ଓଭରରେ ମୋଟ ୪୬୯ ରନ୍ ସଂଗ୍ରହ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଷ୍ଟିଭ୍ ସ୍ମିଥ୍‌ଙ୍କ ନେତୃତ୍ୱାଧୀନ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୨୩୮ ରନ୍‌ର ଏକ ପାହାଡ଼ ସଦୃଶ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ଓପନର୍ ଆଣ୍ଡ୍ରିଜ୍ ଗାଉସ୍ ମାତ୍ର ୪୦ଟି ବଲ୍‌ରେ ୭୩ ରନ୍‌ର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ।

# ବଦଳିଗଲା ବିଶ୍ୱକପ୍ ନିୟମ

ନୂଆଦିଲ୍ଲୀ,୨୦/୦୭: ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଜୁଲାଇ ୧୫, ୨୦୨୬ରେ ଏହାର ବାର୍ଷିକ ସମ୍ମିଳନୀରେ ଆଗାମୀ ଦିନିକିଆ ଏବଂ ଟି-୨୦ ବିଶ୍ୱକପ୍‌ର ଫର୍ମାଟ୍‌ରେ ବଡ଼ ଧରଣର ପରିବର୍ତ୍ତନକୁ ମଞ୍ଜୁରୀ ଦେଇଛି। ଟୁର୍ଣ୍ଣାମେଣ୍ଟଗୁଡ଼ିକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କରିବା ଏବଂ ପ୍ରତ୍ୟେକ ମ୍ୟାଚ୍‌ର ଗୁରୁତ୍ୱ ବଢ଼ାଇବା ପାଇଁ ଏହି ନୂଆ ନିୟମ ଓ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆରେ ହେବାକୁ ଥିବା ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ମୋଟ ୧୪ଟି ଦଳ ଭାଗ ନେବେ, କିନ୍ତୁ ଏହାର ଖେଳ ଶୈଳୀ ସମ୍ପୂର୍ଣ୍ଣ ବଦଳିଯାଇଛି। ସବୁଠାରୁ କମ୍ ରାଙ୍କିଙ୍ଗ୍ ଥିବା ୩ଟି ଦଳ ପ୍ରଥମେ ଆପସ ମଧ୍ୟରେ ଖେଳିବେ। ସେମାନଙ୍କ ମଧ୍ୟରୁ କେବଳ ଗୋଟିଏ ବିଜେତା ଦଳ ମୁଖ୍ୟ ପର୍ଯ୍ୟାୟକୁ ଯିବ। ବାକି ୧୧ଟି ଦଳ ଏବଂ ପ୍ରଥମ ରାଉଣ୍ଡର ବିଜେତାକୁ ମିଶାଇ ମୋଟ ୧୨ଟି ଦଳକୁ ୨ଟି ଗ୍ରୁପରେ (ପ୍ରତି ଗ୍ରୁପରେ ୬ଟି ଦଳ) ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯିବ। ପୂର୍ବର ସୁପର-୬ ବଦଳରେ ଏବେ ଏକ ନୂଆ 'ସୁପର ୭' ପର୍ଯ୍ୟାୟ ଆସିବ। ଦୁଇଟିଯାକ ଗ୍ରୁପର ଶୀର୍ଷ ୩ଟି ଲେଖାଏଁ ଦଳ ଏବଂ ଉଭୟ ଗ୍ରୁପ୍ ମଧ୍ୟରେ ପରବର୍ତ୍ତୀ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଆଉ ଗୋଟିଏ ଦଳକୁ ମିଶାଇ ମୋଟ ୭ଟି ଦଳ ଏହି ପର୍ଯ୍ୟାୟରେ ପହଞ୍ଚିବେ। ସୁପର ୭ ପର୍ଯ୍ୟାୟର ଶୀର୍ଷ ୪ଟି ଦଳ ସିଧାସଳଖ ସେମିଫାଇନାଲ୍‌କୁ ଯିବେ। ଏହି ନୂଆ ନିୟମ ଯୋଗୁଁ ୨୦୨୭ ବିଶ୍ୱକପ୍‌ରେ ମୋଟ ୫୭ଟି ମ୍ୟାଚ୍ ଖେଳାଯିବ। ଏହି ଫର୍ମାଟ୍ ଦ୍ୱାରା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଏବଂ ପାକିସ୍ତାନ ବିଶ୍ୱକପ୍‌ରେ କମ୍‌ରେ କମ୍ ଦୁଇଥର ଏବଂ ଆବଶ୍ୟକ ପଡ଼ିଲେ ତିନିଥର ମଧ୍ୟ ସାମ୍ନାସାମ୍ନି ହୋଇପାରନ୍ତି। ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ହେବାକୁ ଥିବା ୨୦୨୮ ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ରହିବେ, ହେଲେ ଏହାର ଦ୍ୱିତୀୟ ପର୍ଯ୍ୟାୟକୁ ଆଇପିଏଲ୍ ଶୈଳୀରେ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ଟି ଦଳକୁ ୫ଟି ଲେଖାଏଁ ଦଳ ବିଶିଷ୍ଟ ୪ଟି ଗ୍ରୁପ୍ ବଦଳରେ, ୪ଟି ଲେଖାଏଁ ଦଳ ବିଶିଷ୍ଟ ୫ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତି ଗ୍ରୁପ୍‌ରୁ ଶୀର୍ଷ ୨ଟି ଦଳ ଆଗକୁ ବଢ଼ିବେ। ଦ୍ୱିତୀୟ ପର୍ଯ୍ୟାୟରେ ଏବେ ୮ଟି ବଦଳରେ ୧୦ଟି ଦଳ ସୁପର-୧୦ ପର୍ଯ୍ୟାୟରେ ଖେଳିବେ (୫ଟି ଲେଖାଏଁ ଦଳର ୨ଟି ଗ୍ରୁପ୍)। ଏହାଦ୍ୱାରା ସହଯୋଗୀ ବା ଛୋଟ ଦଳଗୁଡ଼ିକୁ ଅଧିକ ସୁଯୋଗ ମିଳିବ। ଦୁଇଟିଯାକ ସୁପର-୧୦ ଗ୍ରୁପ୍‌ର ନମ୍ବର ୧ ସ୍ଥାନରେ ଥିବା ଦଳ ସିଧାସଳଖ ସେମିଫାଇନାଲ୍ ଟିକେଟ୍ ପାଇବେ। ବାକି ୨ଟି ସେମିଫାଇନାଲ୍ ସ୍ଥାନ ପାଇଁ ଏଲିମିନେଟର ମ୍ୟାଚ୍ ଖେଳାଯିବ। ଗୋଟିଏ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ଥିବା ଦଳ ଅନ୍ୟ ଗ୍ରୁପ୍‌ର ତୃତୀୟ ସ୍ଥାନରେ ଥିବା ଦଳ ସହ ଏଲିମିନେଟର ମ୍ୟାଚ୍ ଖେଳିବେ ଏବଂ ଏହାର ବିଜେତା ସେମିଫାଇନାଲ୍ ଯିବେ।



✦ ଆସିଲା 'ସୁପର ୭' ଓ 'ଏଲିମିନେଟର' ଫର୍ମାଟ୍
✦ ଟି-୨୦ ବିଶ୍ୱକପ୍‌ରେ ଏବେ ଆଇପିଏଲ୍ ଟ୍ୱିଷ୍ଟ
✦ ୨୦୨୮ ରୁ ଖେଳାଯିବ 'ଏଲିମିନେଟର' ମ୍ୟାଚ୍
✦ ଆଇସିସି ବାର୍ଷିକ ସମ୍ମିଳନୀରେ ନୂଆ ନିୟମକୁ ମଞ୍ଜୁରୀ

# ସ୍ୱିସ୍ ଓପନ୍ ପୁରୁଷ ଡବଲ୍ସ

## ସେମିଫାଇନାଲ୍‌ରେ ପ୍ରବେଶ କଲା ଭାରତ

◥ ବଡ଼ ବିପର୍ଯ୍ୟୟ ଘଟାଇଲେ ଅର୍ଜୁନ-ବିଜୟ ଯୋଡ଼ି
◥ ଜର୍ମାନୀକୁ ଧୂଳି ଚଟାଇଲା ଭାରତ

ସ୍ୱିଜରଲ୍ୟାଣ୍ଡ,୨୦/୦୭: ସ୍ୱିସ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ସେମିଫାଇନାଲ୍‌ରେ ଭାରତୀୟ ଯୋଡ଼ି ପ୍ରବେଶ କରିଛନ୍ତି। ଅଣସୀଡ୍ ଭାରତୀୟ ଟେନିସ୍ ଖେଳାଳି ଅର୍ଜୁନ କାଧେ ଏବଂ ବିଜୟ ସୁନ୍ଦର ପ୍ରଶାନ୍ତଧଙ୍କ ଯୋଡ଼ି କ୍ୱାର୍ଟର ଫାଇନାଲ୍‌ରେ ଏକ ବଡ଼ ବିପର୍ଯ୍ୟୟ ଘଟାଇ ସେମିଫାଇନାଲ୍ ଟିକେଟ୍ ହାସଲ କରିଛନ୍ତି। କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଅର୍ଜୁନ ଏବଂ ବିଜୟଙ୍କ ଯୋଡ଼ି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସୀଡ୍ ତଥା ଜର୍ମାନୀର ଶକ୍ତିଶାଳୀ ଜାକୋବ ଶ୍ନାଇଟର ଏବଂ ମାର୍କ ୱାଲନରଙ୍କ ଯୋଡ଼ିକୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ଭାରତୀୟ ଯୋଡ଼ି ଏହି ମ୍ୟାଚ୍‌କୁ ୬-୩, ୭-୬ (୭-୫) ରେ ଜିତି ନେଇଛନ୍ତି। ପ୍ରଥମ ସେଟ୍‌କୁ ସହଜରେ ଜିତିବା ପରେ ଦ୍ୱିତୀୟ ସେଟ୍‌ରେ ଜର୍ମାନୀ ଯୋଡ଼ି କଡ଼ା ଟକ୍କର ଦେଇଥିଲେ ମଧ୍ୟ ଟାଇବ୍ରେକର୍‌ରେ ଭାରତୀୟ ଖେଳାଳିମାନେ ବାଜି ମାରିନେଇଥିଲେ। ଫାଇନାଲ୍‌ରେ ସ୍ଥାନ ପକ୍କା କରିବା ପାଇଁ ଭାରତର ଏହି ଅଣସୀଡ୍ ଯୋଡ଼ି ସେମିଫାଇନାଲ୍‌ରେ ଟୁର୍ଣ୍ଣାମେଣ୍ଟର ତୃତୀୟ ସୀଡ୍ ଫ୍ରାନ୍ସର ଅଲବାନୋ ଓଲିଭେଟ୍ଟି ଏବଂ ଜର୍ମାନୀର ହେଣ୍ଡ୍ରିକ ଜେବେନ୍ସଙ୍କ ଯୋଡ଼ିକୁ ସାମ୍ନା କରିବେ। ସ୍ୱିଜରଲ୍ୟାଣ୍ଡର ଗ୍ରାଷ୍ଟାଡ୍ ଠାରେ ଖେଳାଯାଉଥିବା ଏହି ସ୍ୱିସ୍ ଓପନ୍ ଏକ ପ୍ରତିଷ୍ଠିତ ଇଞ୍ଚର ୨୫୦ ସିରିଜ୍ କ୍ଲେ-କୋର୍ଟ ଟୁର୍ଣ୍ଣାମେଣ୍ଟ ଅଟେ। ପୂର୍ବରୁ ଭାରତର ଯୁକି ଭାମ୍ବ୍ରି ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଟାଇଟଲ୍ ଜିତି ଭାରତ ପାଇଁ ଗୌରବ ଆଣିଛନ୍ତି। ଅର୍ଜୁନ କାଧେ ତାଙ୍କ କ୍ୟାରିୟରର ଦ୍ୱିତୀୟ ଏଟିପି ଫାଇନାଲ୍ ଖେଳିବା ଲକ୍ଷ୍ୟରେ ଅଛନ୍ତି।

# ଜୁଲାଇ ୨୮ ରୁ ରିଲିଜ୍ ହେବ 'ମହାପ୍ରଭୁ ଜଗନ୍ନାଥ'

ଭୁବନେଶ୍ୱର, ୧୮/୦୭: ସୁପ୍ରିମକୋର୍ଟ ଗତକାଲି (ଜୁଲାଇ ୧୭, ୨୦୨୬) ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରି ବିବାଦୀୟ ଆନିମେଟେଡ୍ ସିନେମା 'ମହାପ୍ରଭୁ ଜଗନ୍ନାଥ'କୁ ରଥଯାତ୍ରା ପରେ ଅର୍ଥାତ୍ ଜୁଲାଇ ୨୮ ବା ତା'ପରେ ସମଗ୍ର ଦେଶରେ ରିଲିଜ୍ କରିବାକୁ ଅନୁମତି ଦେଇଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟ ଏହି ଫିଲ୍ମର ପ୍ରଦର୍ଶନ ଉପରେ ଦେଶବ୍ୟାପୀ ଆନ୍ତରୀଣ ସ୍ଥଗିତାଦେଶ ଜାରି କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ପ୍ରଯୋଜନା ସଂସ୍ଥା 'ଇଲେ ଆନିମେସନ୍ସ' ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଜଷ୍ଟିସ୍ ଆର୍. ମହାଦେବନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ପ୍ରଯୋଜକଙ୍କ ପକ୍ଷରୁ ସିନେମାକୁ ପୂର୍ବ ନିର୍ଦ୍ଧାରିତ ତାରିଖ (ଜୁଲାଇ ୧୭ରେ ରିଲିଜ୍ କରିବାକୁ ଅନୁରୋଧ କରାଯାଇଥିଲେ ମଧ୍ୟ କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ବର୍ତ୍ତମାନ ପୁରୀରେ ପବିତ୍ର ରଥଯାତ୍ରା ଉତ୍ସବ ଚାଲୁ ରହିଥିବାରୁ ଏହି ସମୟରେ ଫିଲ୍ମ ରିଲିଜ୍ କଲେ ଶ୍ରଦ୍ଧାଳୁଙ୍କ ଭାବନା ଆହତ ହୋଇପାରେ। ତେଣୁ ରଥଯାତ୍ରାର ସମସ୍ତ ନୀତିକାନ୍ତି ଶେଷ ହେବା ପରେ ଜୁଲାଇ ୨୮, ୨୦୨୬ ବା ତା'ପରେ ଏହାକୁ ସିନେମା ହଲ୍‌ରେ ପ୍ରଦର୍ଶନ କରାଯାଇପାରିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।



| ADVERTISEMENT TARIFF | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |



'କଥା ସ୍ୱାଭିମାନର ବିଚାର ଆପଣଙ୍କର'

# 'ଗାନ୍ଧୀଙ୍କ ସ୍ୱପ୍ନର ଭାରତ'



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ମହାତ୍ମା ଗାନ୍ଧୀଙ୍କ 'ସ୍ୱପ୍ନର ଭାରତ' ଥିଲା ଏକ ସ୍ୱାଧୀନ, ଆତ୍ମନିର୍ଭରଶୀଳ, ଅହିଂସାତ୍ମକ ଏବଂ ସମନ୍ୱିତ ରାଷ୍ଟ୍ର । ତାଙ୍କ କଳ୍ପନାରେ ରାଜନୈତିକ ସ୍ୱରାଜ୍ୟ ଅପେକ୍ଷା ସାମାଜିକ ଓ ନୈତିକ ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କ ସ୍ୱପ୍ନର ମୁଖ୍ୟ ବିନ୍ଦୁଗୁଡ଼ିକ ହେଲା 'ଗ୍ରାମ ସ୍ୱରାଜ୍ୟ' । ଗାନ୍ଧିଜୀଙ୍କ ମତରେ ଭାରତର ଆତ୍ମା ଗ୍ରାମାଞ୍ଚଳରେ ବାସ କରେ । ତେଣୁ ପ୍ରତ୍ୟେକ ଗାଁକୁ ଆର୍ଥିକ ଓ ପ୍ରଶାସନିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। 'କୁଟୀର ଶିଳ୍ପ ଓ ସ୍ୱଦେଶୀ', ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିବା ପାଇଁ ସେ କୁଟୀର ଶିଳ୍ପ (ଯଥା- ଖଦୀ ବୁଣିବା, ହସ୍ତଶିଳ୍ପ) ଏବଂ ସ୍ୱଦେଶୀ ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। 'ଅହିଂସା ଓ ସତ୍ୟ', ତାଙ୍କ ଭାରତରେ ହିଂସା, ଘୃଣା କିମ୍ବା ବାଛବିଚାର ପାଇଁ ସ୍ଥାନ ନଥିଲା । ପ୍ରତ୍ୟେକ ନାଗରିକ ସତ୍ୟ ଓ ଅହିଂସାକୁ ଜୀବନର ମୂଳମନ୍ତ୍ର କରି ଚଳିବେ। 'ସାମାଜିକ ସମାନତା', ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ । ସେ ଅସ୍ପୃଶ୍ୟତା (ଛୁଆଁ ଅଛୁଆଁ) ଦୂର କରିବା ଏବଂ ମହିଳା ଓ ସମାଜର ଦୁର୍ବଳ ବର୍ଗଙ୍କୁ ସଶକ୍ତ କରିବା ପାଇଁ ସ୍ୱପ୍ନ ଦେଖିଥିଲେ ।

'ନୈତିକ ଶିକ୍ଷା ଓ ମୂଲ୍ୟବୋଧ', ଶିକ୍ଷା କେବଳ ପୁସ୍ତକୀୟ ହେବା ଉଚିତ ନୁହେଁ, ବରଂ ଚରିତ୍ର ଗଠନ ଏବଂ ସାମାଜିକ ମୂଲ୍ୟବୋଧ ଶିଖାଇବା ଉଚିତ ବୋଲି ସେ ବିଶ୍ୱାସ କରୁଥିଲେ । ଗାନ୍ଧୀଜୀଙ୍କ ଏହି ଆଦର୍ଶ ଓ ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ଭାବେ ବୁଝିବା ପାଇଁ ଆମ ମାନଙ୍କୁ ପ୍ରଥମେ ନିଜକୁ ନିଜେ ନିୟନ୍ତ୍ରିତ କରିବା ଦରକାର । ଗାନ୍ଧୀ ଆହୁରି ମଧ୍ୟ କହିଛନ୍ତି ଯେ ମୋର ଶକ୍ତି ମୋର ନୁହେଁ; ଏହା ହେଉଛି ଭାରତର ଶକ୍ତି । କେବଳ ଗାନ୍ଧୀଙ୍କ ପାଇଁ ଆମେ ଯେତେବେଳେ ବି ଯେଉଁଠି ବି ହେଉ ଆମେ ଶାନ୍ତି କଥା କହୁଛୁ, ବିଶ୍ୱ ଶୁଣେ, କାରଣ ଏହା ମହାତ୍ମା ଗାନ୍ଧୀଙ୍କ ଦେଶ ବୁଦ୍ଧଙ୍କ ଭୂମି । ଆମେ ସଂଘର୍ଷକୁ ନୁହେଁ, ଆମେ ବରଂ ସ୍ୱାଧୀନ ଭାରତରେ ଗଣତନ୍ତ୍ର, ଅର୍ଥନୀତି, ବିବାହ ବ୍ୟବସ୍ଥା, କୁଟୀର ଶିଳ୍ପ, ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ମୌଳିକ ଶିକ୍ଷା ପରି ଅନେକ ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥାର ଚିତ୍ର ନେଇ କାର୍ଯ୍ୟ କରିବା ଉଚିତ୍ । ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆସନ୍ତୁ ଯୁବ ସମାଜ ଏକାଠି ହୋଇ ଏକ ଶକ୍ତି, ଏକ ମନ, ଏକ ପ୍ରାଣ ଭାବରେ କାର୍ଯ୍ୟ କରିବା ଏବଂ ନିଶ୍ଚିନ୍ତ ଭାବରେ, 'ବିପ୍ଳବ ଆଣିବା - ବିକଳ୍ପ ବାଛିବା - ବିକାଶ କରିବା' ।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra